CMYK

• Vol.- 46, Issue No. 121
• Friday, 31 July 2026
• ଶୁକ୍ରବାର, ୩୧ ଜୁଲାଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




## ବନ୍ୟାଞ୍ଚଳ ପରିଦର୍ଶନ କଲେ ରାଜସ୍ୱ ମନ୍ତ୍ରୀ

# ସ୍ଥିତି ଗମ୍ଭୀର: ୨୦ ଜିଲ୍ଲା ପ୍ରଭାବିତ



■ ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ
■ କଂଟ୍ରୋଲ୍ ରୁମ୍ ଜରିଆରେ ସ୍ଥିତି ଉପରେ କଡ଼ା ନଜର
■ ହୀରାକୁଦ ଗେଟ୍ ଖୋଲିବା ପରେ ବଢ଼ିଲା ଚିନ୍ତା

ଭୁବନେଶ୍ୱର,୩୦।୭: ରାଜ୍ୟରେ ଜାରି ରହିଛି ଲଗାଣ ବର୍ଷା। ଖାଲି ବର୍ଷା ନୁହେଁ ଏହା ପରବର୍ତ୍ତୀ ବନ୍ୟା ପରିସ୍ଥିତି ସ୍ଥିତିକୁ ଆହୁରି ବେହାଲ କରିଛି। ଅନେକ ଜିଲ୍ଲାରେ ଜଳବନ୍ଦୀ ପରସ୍ଥିତି ଉପୁଜିଥିବା ବେଳେ, ଲକ୍ଷାଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆକାଶମାର୍ଗରୁ ହେଲିକପ୍ଟର ମାଧ୍ୟମରେ ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦୁଝର ଜିଲ୍ଲାର ବନ୍ୟାଞ୍ଚଳ ଏବଂ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରି ବିସ୍ତୃତ ସମୀକ୍ଷା କରିଛନ୍ତି । ସେପଟେ ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ ଆହୁରି ୫ ଦିନ ଯାଏ ପ୍ରବଳ ବର୍ଷା ହେବା ନେଇ ଅନୁମାନ ରହିଛି। ଏମିତିରେ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ, ସ୍ଥିତି ଉପରେ ନଜର ରଖିଛି। ତେବେ ଏହାରି ମଧ୍ୟ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ରାଜ୍ୟରେ ବନ୍ୟାସ୍ଥିତି ନେଇ ପ୍ରତିକ୍ରିୟା ରଖିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁସାରେ, ବର୍ତ୍ତମାନ ସୁଦ୍ଧା ଲଗାଣ ବର୍ଷା ଓ ବନ୍ୟାରେ ଓଡ଼ିଶାର ୨୦ ଜିଲ୍ଲାର ପ୍ରାୟ ୧୧ ବ୍ଲକ୍ ପ୍ରଭାବିତ ହୋଇଛନ୍ତି। ସେହିଭଳି ୫୩୯ ପଞ୍ଚାୟତର ୧୪୫୮ ଗାଁ ପ୍ରଭାବିତ ହୋଇଥିବା ସୂଚନା ଦିଆଯାଇଛି। ବନ୍ୟାସ୍ଥିତିର ମୁକାବିଲା ସଂପର୍କରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୧୪୫୮ ଗାଁ ପ୍ରଭାବିତ ହୋଇଛି। ୭ ଲକ୍ଷ ୫ ହଜାର ଲୋକେ ପ୍ରଭାବିତ ହୋଇଥିବା ବେଳେ, ୧ ଲକ୍ଷ ୮୯ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ତେବେ ପ୍ରଭାବିତଙ୍କ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବେଳେ, ୫୨୦ ରିଲିଫ୍ କେନ୍ଦ୍ର କରାଯାଇ ସେମାନଙ୍କୁ ରନ୍ଧା ଖାଦ୍ୟ ଓ ଅନ୍ୟାନ୍ୟା ରିଲିଫ୍ ସାମଗ୍ରୀ ଯୋଗାଇ ଦିଆଯାଉଛି। ଆହୁରି ମଧ୍ୟ ବନ୍ୟାଞ୍ଚଳରେ ବର୍ତ୍ତମାନ ସୁଦ୍ଧା ୩୭୮.୧ ମେଟ୍ରିକ ଟନ୍ ଚାଉଳ ଏବଂ ୪୪.୫ ମେଟ୍ରିକ ଟନ୍ ଚୁଡ଼ା ଯୋଗାଇ ଦିଆଯାଇଛି। ୨୦ ଜାଗାରେ ପଲିଥିନ୍ ବଣ୍ଟନ ହୋଇଛି । ସାଢ଼େ ୪ କ୍ୱିଣ୍ଟାଲ ମେଟ୍ରିକ୍ ଟନ୍ ଗୋ ଖାଦ୍ୟ ବଣ୍ଟନ କରାଯାଇଛି । ମାଟି ନ ଶୁଖିବା ଯାଏଁ କିମ୍ବା ଲୋକମାନେ ନିଜ ଘରକୁ ସୁରକ୍ଷିତ ଭାବେ ନ ଫେରିବା ପର୍ଯ୍ୟନ୍ତ ଏହି ରିଲିଫ ସେଣ୍ଟରଗୁଡ଼ିକୁ ଚାଲୁ ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ମନ୍ତ୍ରୀ ଆହୁରି କହିଛନ୍ତି ହୀରାକୁଦରେ ଜଳସ୍ତର ୬୨୦ ପାର୍ କରିଛି। ତେଣୁ ହୀରାକୁଦ ଗେଟ୍ ଖୋଲିଲେ କଟକ ବନ୍ୟା ଦ୍ୱାରା ପ୍ରଭାବିତ ହେବ । ଏବେ କଟକ ମୁଣ୍ଡଳୀରେ ୯ ଲକ୍ଷ କ୍ୟୁସେକ ଜଳ ଆସିବାକୁ ଲାଗିଲାଣି। ମାତ୍ର ୨ ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି । ତେଣୁ ସତର୍କ ରହିବାକୁ କହିଛନ୍ତି ମନ୍ତ୍ରୀ। ସେହିଭଳି ନରାଜ ୱାର୍ଣ୍ଣିଂ ଲେବୁଲ ୨୫.୪୧ ଏବଂ ଡେଞ୍ଜର ଲେବେଲ ହେଉଛି ୨୬.୪୧ । ହେଲେ ଅପରାହ୍ନ ୨ଟା ସୁଦ୍ଧା ୨୬.୩୬ ପର୍ଯ୍ୟନ୍ତ ପାଣି ପହଞ୍ଚିଛି । ଅର୍ଥାତ୍ ୱାର୍ଣ୍ଣିଂ ଲେବୁଲ ଅତିକ୍ରମ କରି ଡେଞ୍ଜର ଲେବେଲ ଆଡ଼କୁ ଅଗ୍ରସର ହେଉଛି । ଆଠଗଡ଼ ଓ ବଡ଼ମ୍ବାର ଅଧିକାରୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଉଛି। ମନ୍ତ୍ରୀ ଆହୁରି କହିଛନ୍ତି, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, କୁଶଭଦ୍ରା ଓ ସୁବର୍ଣ୍ଣରେଖା ଆଦି ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବିପଦ ସଙ୍କେତ ତଳେ ରହିଛି। ତେବେ ମନ୍ତ୍ରୀ କହିଛନ୍ତି ବନ୍ୟା ଯୋଗୁ ହଜାର ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। କିନ୍ତୁ ସରକାର ଏହାର ଭରଣ ପୋଷଣ କରିବେ ବୋଲି କହିଛନ୍ତି ମନ୍ତ୍ରୀ। ଏହା ସହ ବନ୍ୟା ପୂର୍ବରୁ ଲୋକଙ୍କୁ ସୁରକ୍ଷା ଦେବା ଉପରେ ସେମାନେ ଚେଷ୍ଟା କରିବେ ବୋଲି ମଧ୍ୟ କହିଛନ୍ତି ମନ୍ତ୍ରୀ।

## ଫୁଲୁଛି ମହାନଦୀ: ୨ଦିନ ଗୁରୁତ୍ୱପୂର୍ଣ୍ଣ

### ମୁଣ୍ଡୁଳିରେ ୮ ଲକ୍ଷରୁ ଅଧିକ କ୍ୟୁସେକ୍ ପାଣି ପ୍ରବାହ

କଟକ,୩୦।୭: ମହାନଦୀରେ ବଢିବାରେ ଲାଗିଛି ଜଳସ୍ତର । ଆସନ୍ତା ଦୁଇଦିନ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ୧୧ଟା ସୁଦ୍ଧା କଟକ ମୁଣ୍ଡଳୀ ବ୍ରିଜ ଦେଇ ପ୍ରତି ସେକେଣ୍ଡ ପିଛା ୮ଲକ୍ଷ ୨୦ ହଜାର ୮୪୩ କ୍ୟୁସେକ ଜଳ ପ୍ରବାହିତ ହେଉଛି । ୧୦ଟି ଯାକ ଗେଟ ଦେଇ ପ୍ରବାହିତ ହେଉଛି ଜଳ। ମୁଣ୍ଡଳୀଠାରେ ବିପଦ ସଙ୍କେତ ୯୫.୦୫ ଫୁଟ ରହିଥିବାବେଳେ, ବିପଦ ସଙ୍କେତ ତଳେ ବନ୍ୟା ଜଳ ପ୍ରବାହିତ ହେଉଛି । ମହାନଦୀ ଓ ଏହାର ଶାଖାନଦୀ ଗୁଡ଼ିକରେ ବନ୍ୟା ଆଶଙ୍କା ରହିଛି। ନଦୀକୂଳିଆ ଅଞ୍ଚଳର ଜନସାଧାରଣଙ୍କ ମନରେ ଛନକା ଦେଖାଦେଇଛି। ଜିଲ୍ଲା ପ୍ରଶାସନର କଟକଣା ପାଇଁ କେହି ମଧ୍ୟ ନଦୀ ଭିତରକୁ ଯାଇ ନାହାନ୍ତି । ଡଙ୍ଗା ସବୁ ବନ୍ଧା ହୋଇଛି ।



ଯେତେ ଦିନ ପର୍ଯ୍ୟନ୍ତ ପାଣି କମିବ ନାହିଁ ସେତେଦିନ ପର୍ଯ୍ୟନ୍ତ ମାଛ ଧରା ହେବ ନାହିଁ ବୋଲି ମତ୍ସ୍ୟଜୀବୀ କହିଛନ୍ତି । ସେପଟେ ମହାନଦୀ ଜଳସ୍ତର ବୃଦ୍ଧି ଯୋଗୁ ଶାଖା ନଦୀ ରଣ , ଚନ୍ଦ୍ରପା ଓ ହୁଲୁ ହୁଳା ନଦୀରେ ବନ୍ୟା ପାଣି ପ୍ରବାହିତ ହେଉଛି । ଫଳରେ ବିଲିପଡା ତାଳବସ୍ତା ରାସ୍ତାରେ ୫ ଫୁଟର ପାଣି ପ୍ରବାହିତ ହେଉଛି । ବାଙ୍କୀ ଠାରେ ୮ ଲକ୍ଷ ୭୦ ହଜାର କ୍ୟୁସେକ ପାଣି ପ୍ରବାହିତ ହେଉଛି । କଇଁଆ ନାଳ ଉପରେ ପାଣି ଚାଲୁଛି । ଧୀରେ ଧୀରେ ପାଣି ପ୍ରବାହିତ ହେଉଥିବାରୁ ବିଲିପଡା ଗାଁ ଭିତରକୁ ପ୍ରବେଶ କରୁଛି । ଶହ ଶହ ହେକ୍ଟର ଧାନ ଫସଲ ଓ ପରିବା ଫସଲ ଜମିରେ ୪ ଫୁଟର ପାଣି ଜମିଛି । ଅନେକ ଅଞ୍ଚଳ ଜଳମଗ୍ନ । ଅନ୍ୟପଟେ ସୋମପଡ଼ାରୁ ଖଣ୍ଡହତାକୁ ସଂଯୋଗ୍ କରୁଥିବା ମା ବଡ଼ ବନ୍ଧିଆଣୀ ରାସ୍ତା ଉପରେ ତିନି ଫୁଟର ବନ୍ୟା ଜଳ ପ୍ରବାହିତ ହେଉଛି । ଯାହକି ଖାଣ୍ଡହତା ବାହ୍ୟ ଜଗତରୁ ବିଛିନ୍ନ ହୋଇଛି।

## ରେଙ୍ଗାଲି ଡ୍ୟାମରୁ ପ୍ରଥମ ବନ୍ୟାଜଳ ନିଷ୍କାସିତ



ଅନୁଗୁଳ,୩୦।୭: ଅନୁଗୁଳ ରେଙ୍ଗାଲି ଜଳଭଣ୍ଡାରରୁ ଖୋଲା ଗଲା ଚଳିତ ବର୍ଷର ପ୍ରଥମ ବନ୍ୟାଜଳ। ଉପର ମୁଣ୍ଡରେ ବର୍ଷା ଯୋଗୁଁ ଜଳ ସ୍ତର ବଢିଛି। ଫଳରେ ଜଳଭଣ୍ଡାରର ଗୋଟିଏ ଗେଟ ଖୋଲା ଯାଇ ବର୍ଷା ଜଳ ନିଷ୍କାସନ କରାଯାଇଛି। ରେଙ୍ଗାଲି ଜଳଭଣ୍ଡାରର ବର୍ତ୍ତମାନ ଜଳ ସ୍ତର ୧୨୨.୨୪ ମିଟର ରହିଛି। ଜଳ ଭଣ୍ଡାରର କ୍ଷମତା ୧୨୩.୫୦ମିଟର। ଜଳ ଭଣ୍ଡାରକୁ ୨୭୩୫ ଘନମିଟର ଜଳ ପ୍ରତି ସେକେଣ୍ଡରେ ପ୍ରବେଶ କରୁଥିବା ବେଳେ ଗୋଟିଏ ଗେଟ ଦେଇ ୧୩୯୪.୨୪ ଘନ ମିଟର ଏବଂ ପାୱାର ଟନେଲ ଦେଇ ୫୦୧ ଘନମିଟର ଜଳ ନିଷ୍କାସନ ହେଉଛି। ଫଳରେ ତଳ ମୁଣ୍ଡରେ ଥିବା ଅନୁଗୋଳ, ଢେଙ୍କାନାଳ, ଯାଜପୁର ଏବଂ କେନ୍ଦ୍ରାପଡା ଜିଲ୍ଲାକୁ ସତର୍କ କରାଇ ଦିଆଯାଇଛି।

## ପୋଲିସ ପେଲେଟ୍ ଗନ୍ ବ୍ୟବହାର କରିବାକୁ କ୍ଷମତାପ୍ରାପ୍ତ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୦।୭: ପେଲେଟ୍ ଗନ୍ ବ୍ୟବହାରକୁ ନେଇ ଦେଶରେ ରାଜନୀତି ସରଗରମ୍ ଥିବାବେଳେ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ପୁଲିସର ପେଲେଟ୍ ଗନ୍ ବ୍ୟବହାର କରିବାର ଅଧିକାର ଅଛି। ସୁପ୍ରିମକୋର୍ଟ କହିଛନ୍ତି ଯେ, ପୁଲିସର ଅସାଧାରଣ ପରିସ୍ଥିତିରେ ପେଲେଟ୍ ଗନ୍ ବ୍ୟବହାର କରିପାରିବ। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପେଲେଟ୍ ଗନ୍ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ନିଷେଧ ପାଇଁ ଏକ ଆବେଦନ ଉପରେ ମଧ୍ୟ କୋର୍ଟ ପ୍ରଶ୍ନ ଉଠାଇଥିଲେ। ସର୍ବୋଚ୍ଚ କୋର୍ଟ ଜନ୍ତର ମନ୍ତରରେ ନିୟୋଜିତ ରାପିଡ୍ ଆକ୍ସନ୍ ଫୋର୍ସର ଗୋଳାବାରୁଦ ଲଗ୍ ସଂରକ୍ଷଣ କରିବାକୁ ମଧ୍ୟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ ଜୁଲାଇ ୨୦ ତାରିଖରେ ହୋଇଥିବା 'ସଂସଦ ଚଲୋ' ପ୍ରତିବାଦ ବେଳେ ପୁଲିସ ଆନ୍ଦୋଳନକାରୀ ଛାତ୍ରମାନଙ୍କ ଉପରକୁ ପେଲେଟ୍ ଗନ୍ ଚଳାଇଥିଲା। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କ ଖଣ୍ଡପୀଠ ମଧ୍ୟ ପେଲେଟ୍ ଗନ ଗୁଳିରେ ଆହତ ହୋଇଥିବା ପ୍ରତିବାଦକାରୀମାନଙ୍କୁ ପର୍ଯ୍ୟାପ୍ତ ଚିକିତ୍ସା ଯୋଗାଇବାକୁ ଦିଲ୍ଲୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ନିର୍ମାଣାଧୀନ ପାଇଖାନା ଟାଙ୍କି ଖାଲରେ ପଡ଼ି ଚାଲିଗଲା ଭାଇ-ଭଉଣୀଙ୍କ ଜୀବନ

କୋଇଡା,୩୦।୭: ପାଇଖାନା ଟାଙ୍କି ନିର୍ମାଣ ପାଇଁ ଖୋଳାଯାଇଥିବା ବର୍ଷା ଜଳପୂର୍ଣ୍ଣ ଖାଲରେ ଖସିପଡ଼ି ଦୁଇ ନାବାଳକ ଭାଇ-ଭଉଣୀଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତ ଶିଶୁ ଦ୍ୱୟ ହେଲେ କାଡୋଡିହା ଗ୍ରାମର ଶମ୍ଭୁ ଭୂମିଜଙ୍କ ୫ ବର୍ଷର ଝିଅ ପ୍ରିୟା ଭୂମିଜ ଓ ୩ ବର୍ଷର ପୁଅ ମନୋଜ ଭୂମିଜ। ମିଳିଥିବା ସୂଚନା ଅନୁଯାୟୀ, ପ୍ରିୟା ଓ ମନୋଜ ଘର ନିକଟରେ ଥିବା ପଡିଆକୁ ଶୌଚ କରିବାକୁ ଯାଇଥିଲେ। ତେବେ ପଡିଆ ନିକଟରେ ପଡୋଶୀ ଘରର ନୂଆ କରି ଖୋଳାଯାଇଥିବା ଗଭୀର ଖାଲଟି ବର୍ଷା ଜଳରେ ସମ୍ପୂର୍ଣ୍ଣ ଭର୍ତ୍ତି ହୋଇ ରହିଥିଲା। ଦୁଇ ଶିଶୁ ଅସାବଧାନତା ବଶତଃ ସେହି ଖାଲ ନିକଟକୁ ଚାଲିଯିବାରୁ ଗୋଡ଼ ଖସି ପାଣି ଭିତରକୁ ଖସିପଡ଼ିଥିଲେ। କିଛି ସମୟ ପରେ ଦୁଇ ଶିଶୁ ପାଣିରେ ବୁଡ଼ି ଯାଉଥିବା ନେଇ ପରିବାର ଲୋକ ଓ ସ୍ଥାନୀୟ ଗ୍ରାମବାସୀ ଖବର ପାଇଥିଲେ। ସଙ୍ଗେ ସଙ୍ଗେ ଗ୍ରାମବାସୀମାନେ ଘଟଣାସ୍ଥଳକୁ ଦୌଡ଼ିଆସି ଦୁହିଁଙ୍କୁ ଖାଲ ଭିତରୁ ଉଦ୍ଧାର କରିଥିଲେ। ଅତି ଗୁରୁତର ଅବସ୍ଥାରେ ସେମାନଙ୍କୁ ତୁରନ୍ତ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ଦୁଇ ଭାଇ-ଭଉଣୀଙ୍କୁ ମୃତ ଘୋଷଣା କରିଥିଲେ।

## ଆସୁଛି ଆଉ ଏକ ବଡ଼ ବର୍ଷା

ଭୁବନେଶ୍ୱର,୩୦।୭: ଛାଡ଼ିନି ବନ୍ୟା। ଏବେ ବି ବିଭିନ୍ନ ନଦୀ ଉଛୁଳୁଛି। ବନ୍ୟା ପ୍ରଭାବିତ ଅଞ୍ଚଳରୁ ପାଣି ଛାଡ଼ିନି। ଏଭଳି ସ୍ଥିତିରେ ଆଗକୁ ଆସୁଛି ଆଉ ଏକ ବଡ଼ ବର୍ଷା, ଯାହା ବନ୍ୟା ପ୍ରପୀଡ଼ିତ ଅଂଚଳବାସୀଙ୍କ ଭିତରେ ଛନକା ଖେଳାଇ ଦେଇଛି। କାରଣ ପୁଣି ପ୍ରବଳ ବର୍ଷିଲେ ସ୍ଥିତି ଆହୁରୀ ସଙ୍ଗୀନ ହୋଇଯିବ। ଆସନ୍ତା ୪ ତାରିଖରେ ଆଉ ଘୂର୍ଣ୍ଣିବଳୟ ରହିଛି ଏବଂ ବର୍ଷା ପରିମାଣ ବଢିବ ବୋଲି ପାଣିପାଗ ବିଶେଷଜ୍ଞ ସୂଚନା ଦେଇଛନ୍ତି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୮ଟି ଜିଲ୍ଲାରେ ହାଲକାରୁ ମଧ୍ୟମ ବର୍ଷା ହୋଇପାରେବ ବୋଲି ସୂଚନା ମିଳିଛି। ଯୁଆଡେ ଆଖି ପହଞ୍ଚିଲେ ଖାଲି ପାଣି ଆଉ ପାଣି। କେଉଁଠି ନଦୀ ଉବୁବୁଟୁ ହେଉଛି, କେଉଁଠି ଗାଁରେ ପାଣି ପଶିଯାଇଛି ତ, ଆଉଁ କେଉଁଠି ଏବେ ଘରେ ଲହଡି ମାରୁଛି ପାଣି। ବିଭିନ୍ନ ବନ୍ୟା ପ୍ରଭାବିତ ଅଂଚଳରେ ସ୍ଥିତିରେ ସେତେଟା ସୁଧାର ଆସନଥିବା ବେଳେ, ଆଗକୁ ଆସୁଛି ଆଉ ଏକ ବଡ଼ ବର୍ଷା। ଆସନ୍ତା ୪ ତାରିଖରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ନେଇ ସୂଚନା ଦେଇଛନ୍ତି ପାଣିପାଗ ବିଶେଷଜ୍ଞ। ଏହା ଫଳରେ ପୁଣି ବର୍ଷା ପରିମାଣ ବଢ଼ିବ ବୋଲି ସୂଚନା ମିଳିଛି।

## ବନ୍ଦେ ମାତରମ୍ ବିଲ୍ ଲୋକସଭାରେ ପାସ୍

ନୂଆଦିଲ୍ଲୀ,୩୦।୭: ସଂସଦର ଚଳିତ ମୌସୁମୀ ଅଧିବେଶନର ନବମ ଦିନରେ ଲୋକସଭା ବନ୍ଦେ ମାତରମ୍ ବିଲ୍‌କୁ ମଞ୍ଜୁରୀ ଦେଇଛି। ଏହି ବିଲ୍ ପୂର୍ବରୁ ଜୁଲାଇ ୨୯ ତାରିଖରେ ରାଜ୍ୟସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ, ଉଭୟ ଗୃହରେ ଗୃହୀତ ହେବା ପରେ, ଏହାକୁ ଆଇନରେ ପରିଣତ କରିବାର ରାସ୍ତା ଖୋଲି ଯାଇଛି। ଉଭୟ ଗୃହରେ ଗୃହୀତ ହେବା ପରେ, ବିଲ୍ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯିବ। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ, ଏହି ବିଲ୍ ଆଇନରେ ପରିଣତ ହେବ। ଏହି ବିଲ୍ ଏବେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବ। ଆଉ ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ପରେ, ବିଲ୍ ଭାରତର ଗେଜେଟରେ ପ୍ରକାଶିତ ହେବ। ଏହି ଆଇନ ସରକାର ଦ୍ୱାରା ନିର୍ଦ୍ଧାରିତ ତାରିଖରେ ସାରା ଦେଶରେ ଏବଂ ନିର୍ଦ୍ଦିଷ୍ଟ ଅଞ୍ଚଳରେ କାର୍ଯ୍ୟକାରୀ ହେବ। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଗୁରୁବାର ବନ୍ଦେ ମାତରମ୍ ବିଲ୍ ପାସ୍ ହୋଇଥିଲା। ଏହା ସହିତ ଲୋକସଭାକୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଜାତୀୟ ସମ୍ମାନ ଅପମାନ ନିବାରଣ (ସଂଶୋଧନ) ବିଲ୍, ୨୦୨୬କୁ ବିଚାର ଏବଂ ପାସ୍ ପାଇଁ ଲୋକସଭାରେ ଆଗତ କରିଥିଲେ। ଭୋଟ ପରେ ବିଲ୍ ପାସ୍ ହୋଇଥିଲା। ଏହି ବିଲ୍ ଜାତୀୟ ସମ୍ମାନ ଅପମାନ ନିବାରଣ ଆଇନ, ୧୯୭୧କୁ ଆହୁରି ସଂଶୋଧନ କରିବାକୁ ଚେଷ୍ଟା କରୁଛି।

### ।। ନୂଆଦିଲ୍ଲୀରେ ଓଡ଼ିଶା-ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ।।

# ମହାନଦୀ ଜଳ ବିବାଦ: ଦୀପାବଳି ସୁଦ୍ଧା ସମାଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୩୦।୭: ମହାନଦୀ ଜଳ ସମସ୍ୟାର ବାଟ ଫିଟିଲା । ଦୀପାବଳି ସୁଦ୍ଧା ମହାନଦୀ ଜଳ ବିବାଦର ହେବ ସମାଧାନ। ଏକାଠି ବସି ଆଲୋଚନା କଲେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ । କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର. ପାଟିଲଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଓଡ଼ିଶାର ଅଧିକାର, ଚାଷୀକୂଳଙ୍କ ଭବିଷ୍ୟତ ଏବଂ ରାଜ୍ୟର ଜଳସମ୍ପଦର ସୁରକ୍ଷା ପ୍ରସଙ୍ଗ ଉଠାଇଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଆଗାମୀ ତିନି ମାସରେ ଉଭୟ ରାଜ୍ୟର ଅଧିକାରୀ ମାନେ ଏ ନେଇ ଆପୋଷ ଆଲୋଚନା କରିବେ ବୋଲି ନିଆଗଲା ନିଷ୍ପତ୍ତି । ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର. ପାଟିଲଙ୍କ ଅଧ୍ୟକ୍ଷତା ଏବଂ କେନ୍ଦ୍ର ଜଳଶକ୍ତି ରାଜ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ପ୍ରଥମ ଥର ପାଇଁ ମୁହାଁମୁହିଁ ବସି ପ୍ରାୟ ୧ ଘଣ୍ଟା ଧରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଏହି ଚର୍ଚ୍ଚା ବେଳେ ଓଡ଼ିଶାର ସ୍ୱାର୍ଥ, ରାଜ୍ୟର ଜଳସମ୍ପଦ ସୁରକ୍ଷା ଏବଂ ଚାଷୀକୁଳଙ୍କ ଭବିଷ୍ୟତକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି। ମୁଖ୍ୟମନ୍ତ୍ରୀ



ମୋହନ ଚରଣ ମାଝୀ ଓଡ଼ିଶାର ପକ୍ଷ ଦୃଢ଼ତାର ସହ ଉପସ୍ଥାପନ କରିଥିଲେ। ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ପାରସ୍ପରିକ ସହଯୋଗ ଓ ଆପୋଷ ଆଲୋଚନା ଜରିଆରେ ଏହି ଜଟିଳ ସମସ୍ୟାର ସ୍ଥାୟୀ ସମାଧାନ ନେଇ ଦୁଇ ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇଛି। ଏହି ବିବାଦର ସମାଧାନ ପାଇଁ ଆଗାମୀ ୩ ମାସ ପର୍ଯ୍ୟନ୍ତ କେନ୍ଦ୍ର ଜଳଶକ୍ତି ବିଭାଗ, କେନ୍ଦ୍ରୀୟ ଜଳ ଆୟୋଗ ଏବଂ ଉଭୟ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ କ୍ରମାଗତ ଭାବେ ଆଲୋଚନା ଜାରି ରହିବ। ନଦୀଜଳର ସଠିକ୍ ବଣ୍ଟନ ଏବଂ ସୁରକ୍ଷା ଉପରେ ବୈଷୟିକ ସ୍ତରରେ ତଥ୍ୟ ଆଧାରିତ ସମାଧାନ ଖୋଜାଯିବ। ଦୀର୍ଘ ଦିନର ବିବାଦ ପରେ ଛତିଶଗଡ଼ ସରକାର ମଧ୍ୟ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ରାଜି ହୋଇଛନ୍ତି। ବୈଠକ ପରେ ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ଯେ, ଆସନ୍ତା ଦୀପାବଳି ପୂର୍ବରୁ ହିଁ ମହାନଦୀ ଜଳ ସଂକ୍ରାନ୍ତୀୟ ସମସ୍ତ ବିବାଦର ସମାଧାନ ହୋଇସାରିଥିବ। ଉଭୟ ରାଜ୍ୟ ମିଳିମିଶି ଏହି ସମସ୍ୟାର ଅନ୍ତ ଘଟାଇବା ସହ ଆନନ୍ଦର ସହ ଆଗାମୀ ଦୀପାବଳି ପାଳନ କରିବେ ବୋଲି ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଏପରି ହେଲେ ଦୀର୍ଘ ସମୟ ଧରି ମହାନଦୀ ଜଳ ବିବାଦର ସମାଧାନ ଘଟିବ।



# ରାମ-ସୀତାଙ୍କ

## ପ୍ରଥମ ସାକ୍ଷାତ





ଦେବୀ ସୀତା, କୁମାରୀ ଅବସ୍ଥାରୁ ଯୁବତୀ ହେଲେ । ତାଙ୍କ ରୂପଲାବଣ୍ୟ ଦିନକୁ ଦିନ ବୃଦ୍ଧି ପାଉଥିଲା । ପିତା ଜନକ ଓ ମାତା ସୀତାଙ୍କ ବିବାହ ପାଇଁ କୁଳଗୁରୁଙ୍କ ସହ ପରାମର୍ଶ କଲେ । କୁଳଗୁରୁଙ୍କ ପରାମର୍ଶ ଅନୁସାରେ, ରାଜା ସ୍ୱୟଂବର ସଭାର ଆୟୋଜନ କରି ସମସ୍ତ ରାଜା ଓ ବୀରଙ୍କୁ ନିମନ୍ତ୍ରଣ କଲେ । ରାଜ୍ୟରେ ଡେଙ୍ଗୁରା ଦେଇ ଏ କଥା ଜଣାଇ ଦିଆଗଲା । ପ୍ରଜାବର୍ଗ ଖୁସି ହେଲେ । ମାତ୍ର ସ୍ୱୟଂବରର ସର୍ତ୍ତ ଶିବଧନୁରେ ଗୁଣଦେବା ମନରେ ସଂଶୟ ଆଣୁଥାଏ । ଏ ସମୟରେ ନଗରରେ ପ୍ରବେଶ କରି, ଗୁରୁ ବିଶ୍ୱାମିତ୍ରଙ୍କ ସହିତ ରାମ ଲକ୍ଷ୍ମଣ ନଗରସଜ୍ଜା ପରିଷ୍କାର, ପରିଚ୍ଛନ୍ନତା, ମନ୍ଦିର ଅଟ୍ଟାଳିକା, ପୁଷ୍କରିଣୀ, ପୁଷ୍ପୋଦ୍ୟାନ, ବିପଣୀ ଇତ୍ୟାଦି ଦେଖି ଅତ୍ୟଧିକ ଆନନ୍ଦିତ ହେଲେ । ସତେ ଯେପରି ବିଶ୍ୱାମିତ୍ର ରୂପି ବ୍ରହ୍ମା ନବୀନ ଦୁର୍ବାଦଳ ଶ୍ୟାମଳ, ନବ ଯୌବନ ସମ୍ପନ୍ନ ଶାନ୍ତ, କାନ୍ତ ରୂପୀ ଶ୍ରୀରାମ ବିଷ୍ଣୁ ଓ ତେଜ ଓ ଯଶ ସମ୍ପନ୍ନ ଧନୁର୍ଦ୍ଧାରୀ ଗୌରବର୍ଣ୍ଣ ରୂପୀ ଲକ୍ଷ୍ମଣ– ଶିବ, ଏ ବିଦେହ ନଗରରେ ସ୍ୱଦେହ ଧାରଣ କରି ସମସ୍ତଙ୍କୁ ଦର୍ଶନ ଦେଇ ଧନ୍ୟ କରିଦେଇଛନ୍ତି । ଋଷି ବିଶ୍ୱାମିତ୍ର ଓ ଅପୂର୍ବ ସୁନ୍ଦର ତେଜୋମୟ ଦୁଇ ରାଜକୁମାରଙ୍କ ଆଗମନ ସମ୍ବାଦ ପାଇ ରାଜର୍ଷି

***ରାମ ସୀତାଙ୍କର ଚାରି ଚକ୍ଷୁର ମିଳନ ହେଲା । ହର୍ଷ, ପୁଲକ ଓ ରୋମାଞ୍ଚରେ ଉଭୟଙ୍କର ଗତି ସ୍ଥିର ହୋଇଗଲା । ଚକୋର ସତେ ଚନ୍ଦ୍ରଙ୍କୁ ଦେଖିଲା, ସୂର୍ଯ୍ୟ ଦର୍ଶନରେ ସତେକି କମଳ ପ୍ରସ୍ଫୁଟିତ ହେଲା । ଉଭୟେ ଉଭୟଙ୍କୁ ପ୍ରେମପୂର୍ଣ୍ଣ ଅପଲକ ନେତ୍ରରେ ଚାହିଁ ରହିଲେ । କିଛି ସମୟ ପରେ ସଖୀମାନେ ରାମ ଲକ୍ଷ୍ମଣଙ୍କ ପରିଚୟ ପ୍ରାପ୍ତ ହୋଇ ସୀତାଙ୍କୁ ଜଣାନ୍ତେ, ସୀତା ଲଜ୍ଜା ହରଷରେ ମଥା ପୋତି ସେଠାରୁ ଚାଲିଗଲେ ।***

ଜନକ ତାଙ୍କୁ ସାଦର ସ୍ୱାଗତ କଲେ ଓ ଉପଯୁକ୍ତ ଚର୍ଚ୍ଚା କରିବା ସହିତ ରାଜଭବନର ଅତିଥିଶାଳାରେ ରଖାଇଲେ । ଜନକ ଦୁଇ ରାଜକୁମାରଙ୍କ ପରିଚୟ ଓ ଯଜ୍ଞ ରକ୍ଷାଦି କର୍ମ, ଅସୁର ବିନାଶ, ଅହଲ୍ୟା ଉଦ୍ଧାର ଆଦି ବିଷୟରେ ଜାଣି ଆନନ୍ଦ ତଥା ବିସ୍ମିତ ହୋଇଥିଲେ । ପରଦିନ ପ୍ରଭାତରେ ପ୍ରଭାତ ବନ୍ଦନା ଓ ଗୁରୁଙ୍କ ଚରଣରେ ପ୍ରଣାମ କରି ଗୁରୁଙ୍କ ଆଦେଶରେ ଦେବପୂଜା ପାଇଁ ରାଜ ଉଦ୍ୟାନରୁ ଫୁଲ ତୋଳିବା ପାଇଁ ରାମ ଲକ୍ଷ୍ମଣ ପୁଷ୍ପବାଟିକାକୁ ଗଲେ । ନିଜର ପରିଚୟ ଓ ଉଦ୍ଦେଶ୍ୟ ଜଣାଇ ଉଦ୍ୟାନ ରକ୍ଷକର ଅନୁମତି ନେଇ ପ୍ରବେଶ କଲେ ଓ ଉଦ୍ୟାନରେ ବୁଲି ବୁଲି ରାମ ଲକ୍ଷ୍ମଣ ବିବିଧ ପୁଷ୍ପ ସଂଗ୍ରହ କରିବାରେ ଲାଗିଲେ । ଏହି ସମୟରେ ଜନକ ନନ୍ଦିନୀ ସୀତା ନିଜ ପରିଚାରିକା ସଖୀ ଗହଣରେ, ତାରାଙ୍କ ମେଳରେ ଚନ୍ଦ୍ରମା ସଦୃଶ ସୀତାଙ୍କର ଶୋଭା ଦିଶୁଥାଏ । ଉଦ୍ୟାନରେ ଭ୍ରମଣ ଓ ହାସ୍ୟରସ ବାକ୍ୟାଳାପ ମଧ୍ୟରେ ହଠାତ୍ ସଖୀଗଣ ଦୁଇ ସୁନ୍ଦର ଯୁବା ପୁରୁଷଙ୍କୁ ଦେଖି ସୀତାଙ୍କୁ ଜଣାଇଲେ । ରାମ ସୀତାଙ୍କର ଚାରି ଚକ୍ଷୁର ମିଳନ ହେଲା । ହର୍ଷ, ପୁଲକ ଓ ରୋମାଞ୍ଚରେ ଉଭୟଙ୍କର ଗତି ସ୍ଥିର ହୋଇଗଲା । ଚକୋର ସତେ ଚନ୍ଦ୍ରଙ୍କୁ ଦେଖିଲା, ସୂର୍ଯ୍ୟ ଦର୍ଶନରେ ସତେକି କମଳ ପ୍ରସ୍ଫୁଟିତ ହେଲା । ଉଭୟେ ଉଭୟଙ୍କୁ ପ୍ରେମପୂର୍ଣ୍ଣ ଅପଲକ ନେତ୍ରରେ ଚାହିଁ ରହିଲେ । କିଛି ସମୟ ପରେ ସଖୀମାନେ ରାମ ଲକ୍ଷ୍ମଣଙ୍କ ପରିଚୟ ପ୍ରାପ୍ତ ହୋଇ ସୀତାଙ୍କୁ ଜଣାନ୍ତେ, ସୀତା ଲଜ୍ଜା ହରଷରେ ମଥା ପୋତି ସେଠାରୁ ଚାଲିଗଲେ । ରାମଚନ୍ଦ୍ରଙ୍କ ପ୍ରତି ପ୍ରେମଭାବ, ତାଙ୍କୁ ସ୍ୱୟଂବରରେ ପତି ରୂପରେ ପାଇବାର ଲାଳସା, ହୃଦୟରେ ଦୃଢ଼ ଭାବରେ ଜାଗ୍ରତ କରାଇଲା । ଇଷ୍ଟଦେବୀ ମାଆ ଭବାନୀଙ୍କ ନିକଟରୁ ସେ ଆଶିଷ ପ୍ରାର୍ଥନା କଲେ ।



# ମହାଭାରତ

## ପୁରାଣ ପଢ଼ା କୌଣସି ମନ୍ଦିର କିମ୍ବା ଖାଲି ସ୍ଥାନରେ କରାଯାଏ



ମହାଭାରତକୁ ଏକ ପବିତ୍ର ଗ୍ରନ୍ଥ ଭାବେ ବିବେଚନା କରାଯାଏ । ହିନ୍ଦୁ ଶାସ୍ତ୍ରରେ ମହାଭାରତର ମହତ୍ତ୍ୱ ଅତ୍ୟନ୍ତ ପବିତ୍ର । ବିଶ୍ୱାସ ରହିଛି ଯେ ଏହି ଗ୍ରନ୍ଥରେ ଥିବା ଶିକ୍ଷା ଅନ୍ୟ କୌଣସି ସ୍ଥାନରେ ବି ମିଳିବା କଷ୍ଟକର । ଧର୍ମ, ନୀତି, ସମ୍ମାନ, ବିବେକ ଏବଂ ଗୁଣର ଶିକ୍ଷା ଦେଉଥିବା ଏହି ଗ୍ରନ୍ଥର ମାନ୍ୟତା ରହିଛି ଯେ, ଏହାକୁ ଘରେ ରଖାଯିବା ଉଚିତ ନୁହେଁ । ମହାଭାରତକୁ ପଞ୍ଚମ ବେଦ ଭାବରେ ମଧ୍ୟ ବିବେଚନା କରାଯାଏ । କୁହାଯାଏ ଯେ ମହାଭାରତ ସହିତ ଜଡ଼ିତ କୌଣସି ଜିନିଷକୁ ଘରେ ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ହିନ୍ଦୁ ଧର୍ମର ଲୋକମାନେ ରାମାୟଣ, ଗୀତା ଇତ୍ୟାଦି ଗ୍ରନ୍ଥଗୁଡ଼ିକୁ ଘରେ ରଖନ୍ତି ଏବଂ ଏହାକୁ ପଢିବା ଶୁଭ ବୋଲି ମଧ୍ୟ ବିବେଚନା କରାଯାଏ । ଅନ୍ୟପକ୍ଷରେ, ମହାଭାରତର ପାଠ ବିଷୟରେ ଏକ ବିଶ୍ୱାସ ଅଛି ଯେ, ଘରେ ମହାଭାରତ ପାଠ କରିବା ଦ୍ୱାରା ଘରେ ଝଗଡ଼ା ହୁଏ ଏବଂ ପାରିବାରିକ ଅସନ୍ତୋଷ ଦେଖା ଦିଏ । ମହାଭାରତର ପାଠ ଘରେ ନୁହେଁ ବରଂ କୌଣସି ମନ୍ଦିରରେ କିମ୍ବା ଖାଲି ସ୍ଥାନରେ କରାଯାଏ । କେବଳ ସେତିକି ନୁହେଁ ବିଶ୍ୱାସ କରାଯାଏ ଯେ ଆପଣ ଯେଉଁଠାରେ ବି ମହାଭାରତ ପାଠ କରିବେ, ଏହାକୁ ସମ୍ପୂର୍ଣ୍ଣ ପାଠ କରିବେ ନାହିଁ, ଗୋଟିଏ ପୃଷ୍ଠାକୁ ଛାଡି ଦେବେ । ଏମିତି କରିବାର କାରଣ ହେଉଛି କିଛି ପ୍ରସଙ୍ଗ ଯେପରିକି ରାମାୟଣରେ ଜଣେ ଭାଇ ଅନ୍ୟ ଭାଇ ପାଇଁ ସିଂହାସନ ଛାଡିଛନ୍ତି । ମହାଭାରତରେ, ସିଂହାସନ ପାଇଁ ଜଣେ ଭାଇ ଅନ୍ୟ ଭାଇର ଶତ୍ରୁ ହୋଇ ଭାଇ ଭାଇର ଜୀବନ ନେବାକୁ ଚେଷ୍ଟା କରିଛି । ବିଶ୍ୱାସ କରାଯାଏ ଯେ ରାମାୟଣ ଜୀବନରେ କ'ଣ ଶୁଭ ଅଟେ ତାହା ଦର୍ଶାଇ ଥିବା ବେଳେ ମହାଭାରତରେ କ'ଣ କରିବା ଉଚିତ ନୁହେଁ ତାହା ବ୍ୟାଖ୍ୟା ହୋଇଛି । ତେଣୁ ମହାଭାରତକୁ ସମ୍ପୂର୍ଣ୍ଣ ପାଠ କରିବା ପରିବର୍ତ୍ତେ ଗୋଟିଏ ପୃଷ୍ଠା ଛାଡ଼ି ଦେବା ଉଚିତ ।

**ମହାଭାରତର ପାଠ ଘରେ ନୁହେଁ ବରଂ କୌଣସି ମନ୍ଦିରରେ କିମ୍ବା ଖାଲି ସ୍ଥାନରେ କରାଯାଏ । କେବଳ ସେତିକି ନୁହେଁ ବିଶ୍ୱାସ କରାଯାଏ ଯେ ଆପଣ ଯେଉଁଠାରେ ବି ମହାଭାରତ ପାଠ କରିବେ...**

# ଭଗବାନ ଶିବଙ୍କ ସହ ଜଡ଼ିତ ୩ ଯୋଗାସନ



ଭଗବାନ ଶିବଙ୍କୁ ଯୋଗର ଜନକ ବୋଲି କୁହାଯାଏ । ଯୋଗ ଏବଂ ଧ୍ୟାନର ପରମ୍ପରା ଶିବଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ କରାଯାଏ । ଶିବ ନିଜେ ଧ୍ୟାନ ଏବଂ ସାଧନା ମାଧ୍ୟମରେ ଆତ୍ମା ଏବଂ ପରମାତ୍ମାଙ୍କ ମିଳନ ପାଇଁ ପଥ ଦେଖାଇଥିଲେ । କିଛି ଯୋଗାସନ ବିଷୟରେ ଜାଣିବା ଯାହା ଭଗବାନ ଶିବଙ୍କ ସହ ଜଡ଼ିତ । ଯଦି ଏହି ଯୋଗାସନକୁ ନିୟମିତ କରନ୍ତି, ଏହା କେବଳ ଶରୀରକୁ ମଜଭୁତ କରିବ ନାହିଁ ବରଂ ମାନସିକ ଶାନ୍ତି ମଧ୍ୟ ଦେବ । ଏହିସବୁ ଯୋଗାସନ କରିବା ବହୁତ ସହଜ ମଧ୍ୟ । ଜାଣନ୍ତୁ ଏହିସବୁ ଆସନ କରିବାର ସଠିକ୍ ଉପାୟ ଏବଂ ଏଗୁଡ଼ିକର ଉପକାରିତା କ'ଣ ।

### ନଟରାଜାସନ:

ଭଗବାନ ଶିବଙ୍କୁ ନଟରାଜ କୁହାଯାଏ । ଏହି ଆସନ ଭଗବାନ ଶିବଙ୍କ ତାଣ୍ଡବ ନୃତ୍ୟର ପ୍ରତୀକ । ଆସନ ଶରୀରର ସନ୍ତୁଳନକୁ ଉନ୍ନତ କରିଥାଏ ଏବଂ ଏକାଗ୍ରତା ବଢାଇଥାଏ । ଏହାକୁ ନିୟମିତ କରିବା ଦ୍ୱାରା ମାଂସପେଶୀ ଗୁଡ଼ିକ ନମନୀୟ ହୋଇଯାଏ ଏବଂ ଶାରୀରିକ ଶକ୍ତି ବୃଦ୍ଧି ପାଇଥାଏ ।

### କିପରି କରିବେ:

ସର୍ବପ୍ରଥମେ ସିଧା ଠିଆ ହୁଅନ୍ତୁ
ଆଣ୍ଠୁକୁ ଭାଙ୍ଗି ଡାହାଣ ଗୋଡକୁ ପଛକୁ ଉଠାନ୍ତୁ ଏବଂ ଡାହାଣ ହାତରେ ଗୋଡକୁ ଧରନ୍ତୁ
ବାମ ହାତକୁ ସିଧା ଆଗକୁ ରଖନ୍ତୁ
ଶରୀରର ଭାରକୁ ବାମ ଗୋଡରେ ରଖନ୍ତୁ ଏବଂ ଛାତିକୁ ଧୀରେ ଧୀରେ ଆଗକୁ ନୁଆନ୍ତୁ
କିଛି ସମୟ ପାଇଁ ଏହିପରି ରୁହନ୍ତୁ ଏବଂ ତା'ପରେ ସାଧାରଣ ସ୍ଥିତିକୁ ଫେରନ୍ତୁ
ଏହା ପରେ ଏହାକୁ ଅନ୍ୟ ଗୋଡରେ ପୁନରାବୃତ୍ତି କରନ୍ତୁ

### ଭୁଜଙ୍ଗାସନ:

ଏହି ଆସନରେ ଶରୀରକୁ ଏକ ସାପର ଆକାର ଦିଆଯାଏ, ଯାହା ଭଗବାନ ଶିବଙ୍କ ବେକରେ ରହିଥାଏ । ଯଦି ଆପଣ ନିୟମିତ ଭାବେ ଭୁଜଙ୍ଗାସନ କରନ୍ତି, ଏହା ମେରୁଦଣ୍ଡକୁ ମଜବୁତ କରିବ । ଏହା କରିବା ଦ୍ୱାରା ଫୁସ୍‌ଫୁସ୍ ସୁସ୍ଥ ରହିବ ଏବଂ ଶ୍ୱାସ ନେବାର କ୍ଷମତା ମଧ୍ୟ ବଢ଼ିଯିବ ।

# ବେଦ କାଳର ମହାନ

## ଋଷିଗଣ





ଶ୍ରୀମଦ୍‌ଭଗବଦ୍ ଗୀତାରେ କୁହାଯାଇଛି ଯେ ଯାହାର ମନ ଦୁଃଖରେ ବିଚଳିତ ହୁଏ ନାହିଁ, ଯିଏ ସୁଖର ଇଚ୍ଛା କରିନଥାଏ । ଯିଏ ଦ୍ୱେଷ, ଭୟ ଏବଂ କ୍ରୋଧରୁ ମୁକ୍ତ ରହିଥାଏ, ସେପରି ନିଶ୍ଚଳ ବୁଦ୍ଧିସମ୍ପନ୍ନ ମନୁଷ୍ୟ ମୁନି ବା ଋଷି ବୋଲାଇବାର ଯୋଗ୍ୟ । ସନ୍ଥ, ସାଧୁ, ଋଷି, ଯତି, ତପସ୍ୱୀ, ଭିକ୍ଷୁ, ଶ୍ରମଣ ଆଦି ଅନେକ ନାମ ରହିଥିଲେ ବି ଏମାନେ ସମସ୍ତେ ଈଶ୍ୱରଙ୍କ ଅତି ନିକଟତର ବୋଲି ଶାସ୍ତ୍ରରେ ଏମାନଙ୍କ ମହିମା ବର୍ଣ୍ଣନା କରାଯାଇଛି । ଏମାନେ ସମାଜ କଲ୍ୟାଣ ପାଇଁ ବଳିଷ୍ଠ ଯୋଗଦାନ ଦେଇଛନ୍ତି । ବୈଦିକ ଏବଂ ପୌରାଣିକ କାଳରେ ଏପରି ଅନେକ ପ୍ରସିଦ୍ଧ ଋଷିଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି ଯେଉଁମାନେ କୌଣସି ନା କୌଣସି କାରଣ ପାଇଁ ପ୍ରସିଦ୍ଧି ହାସଲ କରିଥିଲେ । ମହର୍ଷି ଅଙ୍ଗିରା ଥିଲେ ଋକ୍‌ବେଦର ପ୍ରସିଦ୍ଧ ଋଷି । ସେ ବ୍ରହ୍ମାଙ୍କ ପୁତ୍ର ଥିଲେ । ତାଙ୍କ ପୁତ୍ର ବୃହସ୍ପତି ଦେବତାମାନଙ୍କର ଗୁରୁ ଥିଲେ । ଋକ୍‌ବେଦ୍‌ରେ ଉଲ୍ଲେଖ ରହିଛି ଯେ ଋଷି ଅଙ୍ଗିରା ସର୍ବପ୍ରଥମେ ଅଗ୍ନି ଉତ୍ପନ୍ନ କରିଥିଲେ । ବିଶ୍ୱାମିତ୍ରଙ୍କୁ ଗାୟତ୍ରୀ ମନ୍ତ୍ରର ପ୍ରଣେତା ବୋଲି କୁହାଯାଏ । ବେଦମନ୍ତ୍ରର ସର୍ବପ୍ରଥମ ଦ୍ରଷ୍ଟାଙ୍କ ମଧ୍ୟରେ ତାଙ୍କୁ ଗଣନା କରାଯାଇଥାଏ । ଆୟୁର୍ବେଦାଚାର୍ଯ୍ୟ ସୁଶ୍ରୁତ ତାଙ୍କର ପୁତ୍ର ଥିଲେ । ବିଶ୍ୱାମିତ୍ରଙ୍କ ପରମ୍ପରାରେ ଚାଲୁଥିବା ଋଷିଗଣ ତାଙ୍କ ନାମ ଧାରଣ କରିଥିଲେ । ଏହି ପରମ୍ପରା ଅନ୍ୟ ଋଷିଙ୍କ ସହିତ ମଧ୍ୟ ଚାଲିଥାଏ । ବିଶ୍ୱାମିତ୍ରଙ୍କ ଅନ୍ୟନାମ କୌଶିକ ଥିଲା । ବେଦକାଳର ଅନ୍ୟଜଣେ ପ୍ରମୁଖ ଋଷି ଥିଲେ ବଶିଷ୍ଠ । ସେ ସପ୍ତର୍ଷିଙ୍କ ମଧ୍ୟରେ ଅନ୍ୟତମ । ସେ ଋକ୍‌ବେଦର ଅନେକ ମନ୍ତ୍ର ରଚନା କରିଥିଲେ । ତାଙ୍କୁ ମଧ୍ୟ ଗାୟତ୍ରୀ ମନ୍ତ୍ରର ସାଧକ କୁହାଯାଏ । ତାଙ୍କ ପତ୍ନୀ ଦେବୀ ଅରୁନ୍ଧତୀ ବୈଦିକ କର୍ମକାଣ୍ଡରେ ତାଙ୍କର ସହଭାଗିନୀ ଥିଲେ । ମହର୍ଷି କଶ୍ୟପ ବେଦ ଏବଂ ପୁରାଣ କାଳର ମହାନ ଋଷିଙ୍କ ମଧ୍ୟରେ ପରିଗଣିତ ହୋଇଥାନ୍ତି । ସେ ମାରୀଚ ଋଷିଙ୍କ ପୁତ୍ର ଥିଲେ । ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି ଯେ ମହର୍ଷି କଶ୍ୟପଙ୍କ ପୁତ୍ର ରୂପେ ଦେବ, ଅସୁର ଏବଂ ନାଗମାନେ ଜନ୍ମ ନେଇଥିଲେ । ମହର୍ଷି ଭୃଗୁଙ୍କ ପୁତ୍ର ଥିଲେ ମହର୍ଷି ଯମଦଗ୍ନି । ମହର୍ଷି ଜମଦଗ୍ନିଙ୍କ ପୁତ୍ର ରୂପେ ଭଗବାନ ବିଷ୍ଣୁ ଅବତାର ନେଇ ପର୍ଶୁରାମ ନାମରେ ଖ୍ୟାତି ଲାଭ କରିଥିଲେ । ସେ ଗୋବଂଶର ରକ୍ଷା ନିମନ୍ତେ ଋକ୍‌ବେଦର ୧୬ଟି ମନ୍ତ୍ର ରଚନା କରିଥିଲେ । ସ୍କନ୍ଦ ପୁରାଣର କେଦାର ଖଣ୍ଡରେ ଥିବା ବର୍ଣ୍ଣନା ଅନୁଯାୟୀ ସେ ଆୟୁର୍ବେଦ ଏବଂ ଚିକିତ୍ସା ବିଜ୍ଞାନର ମଧ୍ୟ ବିଦ୍ୱାନ ଥିଲେ । ସପ୍ତର୍ଷିଙ୍କ ମଧ୍ୟରେ ଜଣେ ଥିଲେ ଋଷି ଅତ୍ରି । ସେ ଋକ୍‌ବେଦର ପଞ୍ଚମ ମଣ୍ଡଳର ଅଧିକାଂଶ ସୂତ୍ର ରଚନା କରିଥିଲେ । ସେ ଚନ୍ଦ୍ରବଂଶର ପ୍ରବର୍ତ୍ତକ ଥିଲେ । ମହର୍ଷି ଅତ୍ରି ଆୟୁର୍ବେଦର ଆଚାର୍ଯ୍ୟ ଥିଲେ । ଅତ୍ରି ଏବଂ ଅନସୂୟାଙ୍କ ପୁତ୍ର ରୂପେ ଅପାଲା ଏବଂ ପୁନର୍ବସୁଙ୍କ ଜନ୍ମ ହୋଇଥିଲା । ଅପାଲାଙ୍କ ଦ୍ୱାରା ଋକ୍‌ବେଦର ସୁକ୍ତ ରଚନା କରାଯାଇଥିଲା । ପୁନର୍ବସୁ ମଧ୍ୟ ଆୟୁର୍ବେଦର ପ୍ରସିଦ୍ଧ ଗୁରୁ ଥିଲେ । ନର-ନାରାୟଣ ମଧ୍ୟ ମହାନ ଋଷିଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସେ ଋକ୍‌ବେଦର ମନ୍ତ୍ରଦ୍ରଷ୍ଟା ଥିଲେ ଏବଂ ଋଷି ଧର୍ମ ଏବଂ ମାତାମୂର୍ତ୍ତି ଦେବୀଙ୍କ ପୁତ୍ର ଥିଲେ । ନର ଏବଂ ନାରାୟଣ ଦୁହେଁ ଭାଗବତ୍ ଧର୍ମ ତଥା ନାରାୟଣ ଧର୍ମର ମୂଳ ପ୍ରବର୍ତ୍ତକ ଥିଲେ । ପରାଶର ଋଷି ଥିଲେ ମହର୍ଷି ବଶିଷ୍ଠଙ୍କ ପୁତ୍ର । ସେ ନିଜ ପିତାଙ୍କ ସହିତ ହିମାଳୟ ଯାଇ ସେଠାରେ ବେଦ ମନ୍ତ୍ର ଦ୍ରଷ୍ଟା ହୋଇପାରିଥିଲେ । ସେ ମହର୍ଷି ବ୍ୟାସଙ୍କ ପିତା ଥିଲେ । ଭରଦ୍ୱାଜ ମୁନି ଥିଲେ ଦେବଗୁରୁ ବୃହସ୍ପତିଙ୍କ ପୁତ୍ର । ସେ ଯନ୍ତ୍ର ସର୍ବସ୍ୱ ନାମକ ଗ୍ରନ୍ଥ ରଚନା କରିଥିଲେ । ଏଥିରେ ବିମାନ ନିର୍ମାଣ, ପ୍ରୟୋଗ ଏବଂ ସଂଚାଳନ ସମ୍ବନ୍ଧୀୟ ବିସ୍ତାର ପୂର୍ବକ ବର୍ଣ୍ଣନା ରହିଛି । ସେ ଆୟୁର୍ବେଦର ଋଷି ଥିଲେ ତଥା ଧନ୍ୱନ୍ତରୀ ତାଙ୍କର ପ୍ରିୟ ଶିଷ୍ୟ ଥିଲେ ।

# ପରଂବ୍ରହ୍ମଙ୍କ ପରମ ତତ୍ତ୍ୱ

ଶାସ୍ତ୍ରଜ୍ଞାନର ଜ୍ଞାତାମାନେ ଭଗବଦ୍‌ଗୀତାକୁ ସମସ୍ତ ଉପନିଷଦର ସାର ବୋଲି ଅଭିହିତ କରିଛନ୍ତି । ଏହି ଗ୍ରନ୍ଥରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି – ' ବ୍ରହ୍ମାର୍ପଣଂ ବ୍ରହ୍ମହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍.....' । ଅର୍ଥାତ୍ ଯାହା ଆମେ ଅର୍ପଣ କରୁଛେ, ଯେଉଁଠି ଆମେ ଅର୍ପଣ ବା ଯେଉଁ ଅଗ୍ନିରେ ଆହୁତି ଦେଉଛେ, ଯାହାଙ୍କ ଉଦ୍ଦେଶ୍ୟରେ କରୁଛେ , ସେ ସମସ୍ତ ବ୍ରହ୍ମାଙ୍କର ହିଁ ସ୍ୱରୂପ । କାରଣ ସେହି ଏକ ସତ୍ତା ବିନା ଅନ୍ୟ କୌଣସି ସତ୍ତା ହିଁ ନାହିଁ । ଯେଉଁ ମନୁଷ୍ୟ ବ୍ରହ୍ମରେ ହିଁ କର୍ମ ସମାଧି ହୋଇଯାଇଥାଏ, ତାହାଠାରୁ ପ୍ରାପ୍ତ ଯୋଗ୍ୟ ଫଳ ମଧ୍ୟ ବ୍ରହ୍ମ ହିଁ ହୋଇଥାଏ । ଅର୍ଥାତ୍ ଯାହା ବି ଆମକୁ ଦୃଶ୍ୟମାନ ହେଉଛି ଏବଂ ଯାହାବି କ୍ରିୟା ଚାଲିଛି ତାହା ସବୁ ବ୍ରହ୍ମ ହିଁ ଅଟନ୍ତି । ଏହି ପରଂବ୍ରହ୍ମଙ୍କ ପରମ ତତ୍ତ୍ୱକୁ ପ୍ରକାଶ କରିବାକୁ ଯାଇ, ଓଡ଼ିଆ ଜାତିର ଗର୍ବ-ଗୌରବର ମୂର୍ତ୍ତିମନ୍ତ ପ୍ରତୀକ ,ପରମ ବୈଷ୍ଣବ ଅତିବଡ଼ି ଜଗନ୍ନାଥ ଦାସ ସ୍ୱବିରଚିତ ଓଡ଼ିଆ ଭାଗବତ ପୁରାଣରେ ଲେଖିଛନ୍ତି –' ମାଟିର ବିକାର ଘଟ ପ୍ରାୟେ ତୋ ତହୁଁ କେହି ଆନ ନୁହେଁ । ଅର୍ଥାତ୍ ମାଟି ହିଁ ଏକ ଦ୍ରବ୍ୟ କିନ୍ତୁ ତା' ଦେହରୁ ନିର୍ମିତ ଘଟ, ସରା ଓ ପାତ୍ରାଦି ଆକାରରେ ପରିବର୍ତ୍ତନ ହେତୁ ଭିନ୍ନ ଭିନ୍ନ ନାମକରଣ କରାଯାଇଛି । ସେପରି ସୁବର୍ଣ୍ଣ ନିର୍ମିତ କୁଣ୍ଡଳ, ହାର ଓ ମୁଦ୍ରିକାଦି ରୂପରେ ଭିନ୍ନ ହେଲେ ବି ସ୍ୱରୂପରେ ତତ୍ତ୍ୱତଃ ଏକ ଓ ଅଭିନ୍ନ । ସେହି ଅବିନାଶୀ ବ୍ରହ୍ମ ଭିନ୍ନ ଭିନ୍ନ ରୂପେ ପ୍ରତୀୟମାନ ହେଲେ ମଧ୍ୟ ସେ ହିଁ ଅଦ୍ୱିତୀୟ । ଅତଃ ଅଦ୍ୱୈତ ବେଦାନ୍ତ ଦର୍ଶନରେ କୁହାଯାଉଛି ଯେ ' ନାମରୂପେ ବାକ୍ୟର ବାଣୀ ' ଅର୍ଥାତ୍ ଆମେ ସବୁ ଯାହା ଦେଖୁଛେ ତା'ସବୁ ନାମରୂପୀ ବାଣୀର ବିକାର ଅଟେ ।



## ଜିଲ୍ଲା ପ୍ରଶାସନର ତ୍ୱରିତ ପଦକ୍ଷେପ ବନ୍ୟାଞ୍ଚଳରୁ ସାପ କାମୁଡ଼ା ରୋଗୀଙ୍କୁ ସଫଳ ଉଦ୍ଧାର

ଭଦ୍ରକ,(ନିପ୍ର): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ଜରୁରୀକାଳୀନ ସହାୟତା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି । ଏହି କ୍ରମରେ ଓଡ୍ରାଫର ୪ର୍ଥ ଆଇଆରବି, ଦେବଗଡ଼ ଟିମ୍ ପକ୍ଷରୁ ବନ୍ୟାଜଳ ଘେରା ନଦୀଗାଁରୁ ୭୬ ବର୍ଷୀୟ ତ୍ରିଲୋଚନ ସାହୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର - କରାଯାଇଛି । ଉଦ୍ଧାର ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଓ ସ୍ଥିର ଥିବା ଜଣାପଡ଼ିଛି । ସେହିପରି ତିଆଡ଼ିସାହିର ଜଣେ ସାପ କାମୁଡ଼ା ରୋଗୀଙ୍କୁ ମଧ୍ୟ ଉଦ୍ଧାରକାରୀ ଦଳ ସଫଳତାର ସହ ଉଦ୍ଧାର କରି ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସମୟୋପଯୋଗୀ ଚିକିତ୍ସା ବ୍ୟବସ୍ଥା କରାଯାଇଥିବାରୁ ରୋଗୀଙ୍କ ଚିକିତ୍ସା ଜାରି ରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର, ସ୍ଥାନାନ୍ତରଣ, ସ୍ୱାସ୍ଥ୍ୟସେବା ଏବଂ ରିଲିଫ୍ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଉଛି । ଓଡ୍ରାଫ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପ୍ରଶାସନର ସମନ୍ୱିତ ପ୍ରୟାସରେ ପ୍ରଭାବିତ ଲୋକଙ୍କୁ ସୁରକ୍ଷା ଓ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି ।

## ନଦୀବନ୍ଧ ଓ ବନ୍ୟାପ୍ରବଣ ସ୍ଥିତି ଅନୁଧ୍ୟାନ କଲେ ପୂର୍ବତନ ମନ୍ତ୍ରୀ

ଚାରିଛକକଳ(ନିପ୍ର): ଚଳିତ ବର୍ଷ କୁଶଭଦ୍ରା ନଦୀରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଆଖି ଆଗରେ ରଖି ଚାରିଛକ ନିକଟସ୍ଥ ଗୋପ ବ୍ଲକର ବିଭିନ୍ନ ନଦୀବନ୍ଧ ଓ ବନ୍ୟାପ୍ରବଣ ଅଞ୍ଚଳ ପରିଦର୍ଶନ କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଭାରତୀୟ ଜନତା ପାର୍ଟିର ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ । ଗସ୍ତ ସମୟରେ ସେ ସମସ୍ତ ନଦୀବନ୍ଧ ଗୁଡ଼ିକର ସ୍ଥିତି ସମୀକ୍ଷା କରିବା ସହ ସ୍ଥାନୀୟ ଲୋକମାନଙ୍କ ସହିତ ବନ୍ୟା ଜନିତ ସମସ୍ୟା ଉପରେ ଆଲୋଚନା କରିଥିଲେ । ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଏହି ସମୀକ୍ଷା କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଜୀବନାନନ୍ଦ ମହାପାତ୍ର, ଗୋପ ବ୍ଲକ ଆବାହକ ପ୍ରକାଶ ପ୍ରଧାନ, ସହ-ଆବାହକ ତଥା ଗୋପ ବ୍ଲକ ଯୁବନେତା ମନ୍ଦୀପ ପାଇକରାୟ, କୃଷ୍ଣଚନ୍ଦ୍ର ବେହେରା, ପବିତ୍ର ପ୍ରଧାନ, ବିଭୂତି ଭୂଷଣ ସାହୁ, ପ୍ରତାପ ପରିଡା, ହେମନ୍ତ ଛୋଟରାୟ, ପ୍ରଦୀପ କୁମାର ପାତ୍ର ଓ ନିରଞ୍ଜନ ରାଉତରାୟଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ଭାପୁରବନ୍ୟା ଅଞ୍ଚଳ ପରିଦର୍ଶନ କଲେ ପ୍ରଶାସନ

ଭାପୁର,(ନିପ୍ର): ଲଗାଣ ବର୍ଷା ପାଇଁ ଭାପୁର ବ୍ଲକ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଛି । ମହାନଦୀ କୁଳିଆ ପଦ୍ମାବତୀ, କରବର,ଶାସନ, ଫତେଗଡ଼ ଗ୍ରାମପଞ୍ଚାୟତର ୨୦ ରୁ ଊର୍ଦ୍ଧ୍ୱ ଗ୍ରାମର ବାସୀନ୍ଦା ଜଳଘେରରେ ରହିବା ସହିତ ସେମାନଙ୍କ ନିକଟରେ ପହଞ୍ଚିଛନ୍ତି ସ୍ଥାନୀୟ ବିଧାୟକ ଓ ବ୍ଲକ ପ୍ରଶାସନ । ଗୁରୁବାର ଦିନ ବିଧାୟକ ଇଂ ଦୁଷ୍ମନ୍ତ ସ୍ୱାଇଁ, ତହସିଲଦାର ଲୋପାମୁଦ୍ରା ରଥ, ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡା,ସାଂସଦଙ୍କ ବ୍ଲକ ପ୍ରତିନିଧି ତୋଫାନ କୁମାର ପ୍ରଧାନ, ଗ୍ରାମ୍ୟ ବିଭାଗ ଯନ୍ତ୍ରୀଙ୍କ ସହିତ ଜନପ୍ରତିନିଧି ମାନେ ବନ୍ୟା ପ୍ରପୀଡ଼ିତଙ୍କ ନିକଟରେ ପହଞ୍ଚି ପରିସ୍ଥିତି ଦେଖିବା ସହିତ ବିଧାୟକ ରନ୍ଧାଖାଦ୍ୟ ଯୋଗେଇବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ମହାନଦୀର ଉପର ମୁଣ୍ଡରେ ଅବିଶ୍ରାନ୍ତ ବର୍ଷା ଯୋଗୁଁ ଉପୁଜିଥିବା ବନ୍ୟା ପରିସ୍ଥିତି ଭାପୁର ଅଞ୍ଚଳରେ ଜଟିଳ ପରିସ୍ଥିତି ଦେଖାଦେଇଛି । କରବର ପଞ୍ଚାୟତର ମାଣିତ୍ରି, ଲଣ୍ଡାବର ଗ୍ରାମ ଏବଂ ଫତେଗଡ଼ ପଞ୍ଚାୟତର ମଣିପୁର ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି । ଆଗକୁ ବନ୍ୟା ପାଣି ଅଧିକ ଆସିଲେ ସଂଗୀନ ପରିସ୍ଥିତି ଉପୁଜିବ ବୋଲି ବରିଷ୍ଠ ନାଗରିକ ମାନେ ଆକଳନ କରିଛନ୍ତି । ସେଥିପାଇଁ ତଳିଆ ଧୋଇ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି ସହିତ ମହାନଦୀ ଜଳସ୍ତର ବୃଦ୍ଧି ହେଲେ ବନ୍ୟା ଓ ବାତ୍ୟା ଆଶ୍ରୟ ସ୍ଥଳୀ ଗୃହ ରେ ସମସ୍ତ ଉପାଦେୟ ଉପକରଣ ପ୍ରସ୍ତୁତ ହୋଇ ରହିଥିବା ନେଇ କରବର ପଞ୍ଚାୟତ ସରପଞ୍ଚ ପ୍ରମୋଦ କୁମାର ସାହୁ ପ୍ରକାଶ କରିଛନ୍ତି ।

## ସଂଗ୍ରାମୀ ମାୟାଧର ଦାସ ପୁସ୍ତକ ଲୋକାର୍ପିତ

ଭଦ୍ରକ,(ନିପ୍ର): ସାହିତ୍ୟ, ସଂସ୍କୃତିକୁ ସମ୍ମାନ ଦେଇ ନିଜର କର୍ତ୍ତବ୍ୟକୁ ଗୁରୁତ୍ୱ ଦେଇ ନିରହଂକାର କାର୍ଯ୍ୟଦକ୍ଷତା ଜିଲ୍ଲାପାଳ ଭାବେ ଦାୟିତ୍ୱ ସମ୍ପନ୍ନ କରି ଡ. ଦିଲୀପ ରାଉତରାଏଙ୍କୁ ଭଦ୍ରକ ଜିଲ୍ଲା ମହୋତ୍ସବର କର୍ମକର୍ତ୍ତାମାନେ 'ସେବାଗୌରବ ସମ୍ମାନ'ରେ ସମ୍ମାନିତ କରିଛନ୍ତି । ମହୋତ୍ସବର ସଭାପତି ଓଡ଼ିଆ ଭାଷା ସାହିତ୍ୟ ବିଶେଷଜ୍ଞ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଭଦ୍ରକର ଲୋକପ୍ରିୟ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକର ଐତିହ୍ୟ, ସଂସ୍କୃତି ,ପରମ୍ପରା ଓ କିମ୍ବଦନ୍ତୀ ସମ୍ପର୍କରେ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟ ଦକ୍ଷତା ଓ ନିରହଂକାର ଜୀବନଶୈଳୀ ଉପରେ ଭାବାବେଗ ବକ୍ତବ୍ୟ ରଖୁଥିଲେ । ସଂଗ୍ରାମୀ ମାୟାଧର ଦାସ ସ୍ମୃତି କମିଟି ପକ୍ଷରୁ ଏହି ସ୍ୱତନ୍ତ୍ର ସଭାରେ ଜିଲ୍ଲାପାଳଙ୍କୁ ' ଭଦ୍ରକଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିବା ବେଳେ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ସମ୍ପାଦିତ ' କନିକା ପ୍ରଜା ଆନ୍ଦୋଳନର କର୍ମବୀର ସଂଗ୍ରାମୀ ମାୟାଧର' ପୁସ୍ତକ ଜିଲ୍ଲାପାଳଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା ।

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିଚିତ୍ର ନିୟମ



ରାଉରକେଲା,(ନିପ୍ର): ସମଗ୍ର ଦେଶ ଏବଂ ରାଜ୍ୟରେ ପ୍ରଦୂଷଣ ବିରୋଧରେ ସଚେତନତା ସୃଷ୍ଟି ସହିତ ବହୁ ଆଇନ ଅଣାଯାଉଛି । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବିଭାଗ ରହିଛି । ଓଡିଶାରେ ରହିଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଯାହା ଆଜି ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ହେଉଛି ।

୧୯୮୩ ଜୁଲାଇ ୧୫ ତାରିଖ (ନୋଟିଫିକେସନ ନଂ. ୧୪୮୧-୦ଓଓ-ଐଓ-୧୧/୮୩ (୦କ୍ଟକ୍ଷ. ଓଓ) ଛ.ଛ.ର.) ଓଡିଶା ଷ୍ଟେଟ୍ ପ୍ରିଭେନସନ୍ ଆଣ୍ଡ କଣ୍ଟ୍ରୋଲ୍ ଅଫ୍ ପଲ୍ୟୁସନ ବୋର୍ଡ ନାମରେ ଗଠିତ ହୋଇ ପରବର୍ତ୍ତୀ ୧୯୯୯ ଜୁଲାଇ ୧୬ ତାରିଖରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନାମରେ ନାମିତ ହୋଇଥିଲା । ଏହାର କାର୍ଯ୍ୟ ଥିଲା ଜଳ ଏବଂ ବାୟୁ ପ୍ରଦୂଷଣକୁ ରୋକିବା ।

ଦେଶ ଓ ରାଜ୍ୟର ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ଓ ବୁଦ୍ଧିଜୀବୀଙ୍କ ସମେତ ବୈଜ୍ଞାନିକମାନେ ଜାଣନ୍ତି ଯେ, ଜଳ ଏବଂ ବାୟୁ ପ୍ରଦୂଷିତ କିପରି ହୁଏ ଏବଂ ହେବାର କାରଣ କ'ଣ ! ଆମ ମତରେ ଶିଳ୍ପାୟନ ସହିତ ଶିଳ୍ପରେ ବ୍ୟବହାର ହେଉଥିବା କୋଇଲା, ପେଟ୍ରୋଲିୟମ ପଦାର୍ଥ ଏବଂ ରାସାୟନିକ ପଦାର୍ଥ । ଏସବୁକୁ ବ୍ୟବହାର କଲାପରେ ଏଥିରୁ ନିର୍ଗତ ହେଉଥିବା ଧୂଆଁ, ବାଷ୍ପ ଓ ବର୍ଜ୍ୟଜଳ ବାୟୁ ମଣ୍ଡଳ ଏବଂ ଜଳରେ ମିଶିବା ସହିତ ପରିବେଶକୁ ଦୂଷିତ କରୁଛି । ବାୟୁ ଓ ଜଳ ଦୂଷିତ ହେବା ଦ୍ୱାରା ଜଳବାୟୁ ଏବଂ ପରିବେଶ ପ୍ରଦୂଷିତ ହେଉଛି । ଏହା ଜାଣି ମଧ୍ୟ ଶିଳ୍ପାୟନ କରାଯାଉଛି । ଅପରପକ୍ଷରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ଗଛ ଲଗାଇବାକୁ ଧ୍ୟାନ ଦିଆଯାଉଛି । ଶିଳ୍ପରୁ ବାହାରୁଥିବା ଧୂଆଁ ଓ ପାଉଁଶ ଗଛର ପତ୍ର ଉପରେ ଲାଗିରହିଛି । ଗଛ ବଢିବାରେ ଏହା ମଧ୍ୟ ବାଧକ ସାଜୁଛି । ବର୍ଷା ଋତୁକୁ ଛାଡିଦେଲେ ଅନ୍ୟ ଋତୁରେ ଏହି ଆସ୍ତରଣ ଦେଖିବାକୁ ମିଳୁଛି ।

ସାଧାରଣ ଲୋକ ବିଶେଷ କରି ଗ୍ରାମାଞ୍ଚଳର ଲୋକମାନେ ଜାଣନ୍ତି ନାହିଁ ଯେ ପ୍ରଦୂଷଣ କ'ଣ ! ମୋଟରସାଇକେଲରୁ ଧୂଆଁ ବାହାରି ଯଦି ବାୟୁମଣ୍ଡଳକୁ ପ୍ରଦୂଷିତ କଲା ତେବେ, କଳକାରଖାନାରୁ ବାହାରୁ ଥିବା ଧୂଆଁ ଓ ବାଷ୍ପ କ'ଣ ବାୟୁମଣ୍ଡଳକୁ ପ୍ରଦୂଷିତ କରୁନାହିଁ ! ଏହାର ସମାଧାନ ପାଇଁ ସରକାର ଓ ପରିବହନ ବିଭାଗ ପକ୍ଷରୁ ପିୟୁସିସି ଯାଞ୍ଚ ସାର୍ଟିଫିକେଟ ଲାଗୁ କରାଯାଇଛି । ଏହା କେତେଦୂର ଯୁକ୍ତିସଂଗତ, ତାହା ବର୍ତ୍ତମାନ ଏବଂ ଆଗାମୀ ପରିସ୍ଥିତିରେ ଚ୍ୟାଲେଞ୍ଜ ସୃଷ୍ଟି କରିବ । ପିୟୁସିସି ସାର୍ଟିଫିକେଟ ନ ଥିଲେ ପରିବହନ ବିଭାଗ ପକ୍ଷରୁ ଜୋରିମାନା ଆଦାୟ କରାଯିବା ଆଇନ ଲାଗୁ କରାଯାଇଛି । ଏହା କେତେଦୂର ଯୁକ୍ତି ସଂଗତ !

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିରୀକ୍ଷଣରେ ଚାଲୁଥିବା ଶିଳ୍ପ ଓ କଳକାରଖାନା ଏବଂ ଏଥିରୁ ନିର୍ଗତ ହେଉଥିବା ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରୁନାହିଁ ଏବଂ ଏହା ବିଭାଗ ନିୟନ୍ତ୍ରଣରେ ରହିଛି ବୋଲି ରାଉରକେଲାରେ ଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଶାଖା ଡିଣ୍ଡିମ ପିଟୁଥିଲା ବେଳେ, ରାଉରକେଲା ଇସ୍ପାତ କାରଖାନାରୁ ବାହାରୁଥିବା ଏହି ଧୂଳିଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରୁନାହିଁ ଏବଂ ସ୍କୁଟର ଓ ମୋଟରସାଇକେଲରୁ ବାହାରୁ ଥିବା ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି । ଅର୍ଥ ହାତୀ ଚାଲିଯାଉଛି, ପିମ୍ପୁଡ଼ି ଯାଇପାରୁନାହିଁ ସଦୃଶ । ଏହାର ଜବାବ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରେ ନ ଥିଲା ପରି ମନେହୁଏ ।

### ଖବର ପ୍ରକାଶିତ ପରେ ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଲା

# ମହାନଦୀ ମାଳବନ୍ଧ ସ୍ଲୁଇସ ଫାଟକର ମରାମତି କାର୍ଯ୍ୟ ଆରମ୍ଭ



କଣ୍ଟିଲୋ,(ନି.ପ୍ର) ଖଣ୍ଡପଡ଼ା ବ୍ଲକ ଅଧୀନ ବଡବାଣପୁର ପଞ୍ଚାୟତର କୁମୁଣ୍ଡି ଠାରୁ ନିକଟସ୍ଥ ସିଧାମୂଳା ଗ୍ରାମକୁ ସଂଯୋଗ କରୁଥିବା ମହାନଦୀ ମାଳବନ୍ଧରେ ଅବସ୍ଥିତ ସ୍ଲୁଇସ ଫାଟକଟି ବିପଦଶଙ୍କୁଳ ଅବସ୍ଥାରେ ଥିବା ନେଇ ଗତ ୨୪ ତାରିଖ 'ଦିନଲିପି'ରେ ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶିତ ହେବା ପରେ କଣ୍ଟିଲୋ ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗି ଥିବା ଜଣାପଡିଛି । 'ବାହାଘର ବେଳେ ବାଇଗଣ ଗଛ ରୋଇବା' ନ୍ୟାୟରେ ଉକ୍ତ ବିପଦଶଙ୍କୁଳ ସ୍ଲୁଇସ ଫାଟକ ନିକଟରେ ବିଧାୟକ, ଜଳସମ୍ପଦ ମୁଖ୍ୟଯନ୍ତ୍ରୀ, ଖଣ୍ଡପଡା ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆସି ସ୍ଲୁଇସ୍ ଗେଟ୍‌ର ସ୍ଥିତି ପରଖି ଥିଲେ । ବାଲି ବସ୍ତା ଓ କାଠ ବହ୍ଲା ମହଜୁଦ ରଖି ସ୍ଲୁଇସ ଫାଟକକୁ ସୁରକ୍ଷା ଦେବା ନିମନ୍ତେ ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଗୁରୁବାର ତମାମ ସ୍ଥାନୀୟ ଯନ୍ତ୍ରୀ ପୁରା ଦମରେ ଲାଗି ପଡିଥିବା ଜଣାପଡିଛି । ଅପରପକ୍ଷେ ଲଗାଣ ବର୍ଷା ପ୍ରଭାବରେ ଉକ୍ତ ସ୍ଲୁଇସ ଫାଟକର ଉଭୟ ପାର୍ଶ୍ୱରୁ ମାଟି ଅତଡା ଖସି ପଡି ମହାନଦୀ ମାଳବନ୍ଧ ପ୍ରତି ଏହା ବିପଦର କାରଣ ପାଲଟିଥିବା ଜଣାପଡିଛି ।ପୁନଶ୍ଚ ଉକ୍ତ ସ୍ଲୁଇସ ଫାଟକ ଦେଇ ମହାନଦୀର ବନ୍ୟା ପାଣି ମାଳବନ୍ଧର ଅପର ପାର୍ଶ୍ୱରେ ଥିବା ଏକର ଏକର ଧାନ ଚାଷରେ ମାଡି ଯିବା ଯୋଗୁଁ ଜମିରେ ରୁଆ ହୋଇଥିବା ଧାନ ଗଛ ଗୁଡିକ ଏବେ ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି । ସମୟାନୁକ୍ରମେ ମହାନଦୀର ଜଳସ୍ତର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ବିପଦଶଙ୍କୁଳ ଅବସ୍ଥାରେ ଥିବା ଉକ୍ତ ସ୍ଲୁଇସ ଫାଟକଟି ଯୋଗୁଁ ନିକଟସ୍ଥ ବଡବାଣପୁର, କୁମୁଣ୍ଡି,ରତନପୁର, ଡିପିସାହି, ଘଣାଶାଳିଆ ପ୍ରଭୃତି ଗ୍ରାମବାସୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି ।ପ୍ରକାଶଥାଉକି ପ୍ରତିବର୍ଷ କଣ୍ଟିଲୋ ଜଳସେଚନ ବିଭାଗ ଜରିଆରେ ଉକ୍ତ ମାଳବନ୍ଧର ସୁରକ୍ଷା ଓ ଉନ୍ନତିକରଣ ଦିଗରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଥିଲେ ହେଁ ମାଳବନ୍ଧର ଅବସ୍ଥା ସୁଧୁରୁ ନଥିବାରୁ ଅଞ୍ଚଳବାସୀ ତ୍ରିବ ଅସନ୍ତୋଷ ପ୍ରକାଶ କରିବାସହ ଗ୍ରାମବାସୀ ଉପସ୍ଥିତ ରହି ଅଭିଯୋଗମାନ କରିଥିଲେ ।

### ଉପ-ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ପରିସ୍ଥିତି ସମୀକ୍ଷା

# ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା: ୮ଟି ପଞ୍ଚାୟତ ପ୍ରତି ନଜର



ନିମାପଡ଼ା,(ନି.ପ୍ର.): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ବନ୍ୟା ପରିସ୍ଥିତିକୁ ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଏକ ପ୍ରସ୍ତୁତି ବୈଠକରେ ସଜାଗ ରହିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟରେ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଥିବା ସୂଚନା ମିଳିଛି । ନିମାପଡ଼ା ତହସିଲଦାର ମନୋଜ ପ୍ରଧାନ ଏବଂ ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ ବନ୍ୟା ନିୟନ୍ତ୍ରଣ, ପ୍ରସ୍ତୁତି ଦିଗରେ ସମ୍ମନ୍ୱୟ ବୈଠକରେ ଉପସ୍ଥିତ ରହି ସମସ୍ତ କର୍ମଚାରୀ/ବିଭାଗ ସଜାଗ ରହିବା ପାଇଁ ନିଷ୍ପତି ଗ୍ରହଣ କରିଛନ୍ତି । କୁଶଭଦ୍ରାରେ ବଡ଼ ଧରଣର ବନ୍ୟା ଆସିବା ନିମନ୍ତେ ଆଶଙ୍କା ଦେଖା ଦେଇଛି । ଫଳରେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଜଳ ସଂପଦ ବିଭାଗ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପେଥାନି, ସହକାରୀ ନିର୍ବାହୀ ଯନ୍ତ୍ରୀ ଶଶିକାନ୍ତ ଦାସ ସଦଳବଳେ ବିଭିନ୍ନ ଉପଖଣ୍ଡ ଅଞ୍ଚଳର କୁଶଭଦ୍ରା ଓ ଧନୁଆ ନଦୀ ବନ୍ଧ ପରିଦର୍ଶନ କରି ବିଭିନ୍ନ ସ୍ଥାନରେ ବାଲିବସ୍ତା ସହ ପୋତାବାଲି ମହଜୁଦ ରଖିଥିବା ସୂଚନା ମିଳିଛି । କୁଶଭଦ୍ରା ନଦୀର ନିମାପଡ଼ା ଠାରେ ବିପଦ ସଂକେତ ୧୦.୮୨ ମିଟର ଥିବା ବେଳେ ଗୁରୁବାର ସଂଧ୍ୟା ସୁଦ୍ଧା ବନ୍ୟା ପାଣି ୪.୬୮ ମିଟରରେ ଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ବର୍ଷା ଓ ବନ୍ୟା କାରଣରୁ ଛୋଟ ମୋଟ ଅଘଟଣ ଘଟିଥିବା ଜଣାପଡ଼ିଛି । ତେବେ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଉଥିବା ଜଣାପଡ଼ିବା ପରେ ଜନସାଧାରଣ ଆଶ୍ୱସ୍ତି ଲାଭ କରିଛନ୍ତି । ମହାନଦୀରୁ ପାଣି ଛଡ଼ାଯିବା ପରେ ଉପ-ନଦୀ ଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ନିମାପଡ଼ା ଜଳ ସଂପଦ ବିଭାଗ ପକ୍ଷରୁ ବରିଷ୍ଠ ଅଧିକାରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ନୋଡ଼ାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇ ଦୁର୍ବଳ ନଦୀବନ୍ଧ ପ୍ରତି କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି । ସମସ୍ତ ପ୍ରକାର ବନ୍ୟା ପରିସ୍ଥିତିକୁ ସାମ୍ନା କରିବା ପାଇଁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ବେଳେ କନିଷ୍ଠ ଯନ୍ତ୍ରୀଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଜଣାପଡ଼ିଛି । ଏହି ବ୍ଲକ୍ ଅନ୍ତର୍ଗତ ୮ଟି ଗ୍ରା.ପ.କୁ ବନ୍ୟା ପ୍ଲାବିତ ଅଞ୍ଚଳ ଭାବେ ଚିହ୍ନଟ କରାଯାଇ ସେହି ଅଞ୍ଚଳର ଜନସାଧାରଣଙ୍କ ନିମନ୍ତେ ବ୍ୟାପକ ସୁବିଧା ଏବଂ ଆଗୁଆ ପଦକ୍ଷେପ ଗ୍ରହଣ ନିମନ୍ତେ ଗ୍ରା.ପ. କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ସମବାୟ ସମିତି କାର୍ଯ୍ୟାର୍ଳ ଗୁଡ଼ିକ ଚଳ ଚଂଚଳ କରାଯାଇ ସତର୍କ ରହିବା ପାଇଁ ନିର୍ଦ୍ଦେଶ ରହିଛି ।

# ସ୍କୁଲ ନିକଟରେ ମୁକୁଳା ଟ୍ରାନ୍ସଫରମର ସାଜିଛି ବିପଦ

ଭାପୁର,(ନିପ୍ର): ଭାପୁର ବ୍ଲକ ଚକ୍ରଧରପ୍ରସାଦ ଗ୍ରାମ ହାଟସାହି ବସଷ୍ଟାଣ୍ଡ ନିକଟରେ ଖୋଲାମେଲା ରେ ରହିଛି ଉଚ୍ଚଶକ୍ତି ଟ୍ରାନ୍ସଫର୍ମର ।ଏହି ମୁକୁଳା ଟ୍ରାନ୍ସଫର୍ମର ବିପଦ ସାଜିଛି ସାଧାରଣ ଜନତା ଙ୍କ ପାଇଁ ଯାହା ବିରୋଧ କରିଛନ୍ତି ଗ୍ରାମବାସୀ । ବିଗତ କିଛି ବର୍ଷ ହେଲା ଚକ୍ରଧରପ୍ରସାଦ ଗ୍ରାମ ହାଇସ୍କୁଲ ଓ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଖୋଲାମେଲା ଅବସ୍ଥାରେ ଦୁଇଟି ଟ୍ରାନ୍ସଫର୍ମର ରହିଛି । ଏହାର ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ଆଣିଥିବାବେଳେ ଅତୀତରେ ଗୃହପାଳିତ ପଶୁ ନିହତ ହେବାର ନଜିର ରହିଛି । କେବଳ ପଶୁ ନୁହେଁ ନିକଟରେ ସେହି ଗ୍ରାମର କାହ୍ନୁ ଚରଣ ମହାପାତ୍ର ଓ ରଞ୍ଜିତ ଉଉରାୟ ଏହି ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଆହତ ହୋଇଥିଲେ । ଏ ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ ସେ ନିରବ ରହିଥିବା ଅଭିଯୋଗ ହୋଇଛି । ଭବିଷ୍ୟତରେ ବଡ଼ ଧରଣର ଅଘଟଣ ନ ଘଟିବ ତାହା ମଧ୍ୟ କହିହେବ ନାହିଁ । ତେଣୁ,ତୁରନ୍ତ ଏହି ମୁକୁଳା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଶିଶୁ ଚାଲାଣ ବିରୋଧରେ ଜିଲ୍ଲା ପ୍ରଶାସନର ତରଫରୁ ସଚେତନତା

ପାରଳାଖେମୁଣ୍ଡି,(ନିପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଗଜପତି ତରଫରୁ ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମ ପଞ୍ଚାୟତ ରାଜୀବ ଗାନ୍ଧୀ କେନ୍ଦ୍ର ସଭାଗୃହ ଠାରେ ଶିଶୁ ଚାଲାଣ ବିରୋଧରେ ଓ ଶିଶୁ ସହାୟତା ଯୋଗାଯୋଗ ନମ୍ବର ୧୦୯୮ର ପ୍ରଚାର ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ଗ୍ରାମ ପଞ୍ଚାୟତର ସରପଞ୍ଚ , ଏଙ୍ଗରସିଂ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ନାଏବ ସରପଞ୍ଚ । କୁମାର ଭୂୟାଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ, ଶିଶୁ ବିକାଶ ପ୍ରକଳ୍ପ କ୍ଷେତ୍ର ପରିଦର୍ଶିକା ମହିମା ମାଳି ପ୍ରମୁଖ



ଅତିଥି ଭାବେ ଯୋଗ ଦେଇଥିଲେ । ତିନୋଟି ପଞ୍ଚାୟତ ଯଥା ଲକ୍ଷ୍ମୀପୁର, ଏଙ୍ଗରସିଂ ଓ କଇଁପୁର ରୁ ୨୦୦ ରୁ ଉର୍ଦ୍ଧ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ଅଙ୍ଗନବାଡ଼ି କର୍ମୀ, ଗଇକ କର୍ମୀ, ଗ୍ରାମର ଓ୍ୱାର୍ଡମେମ୍ବର ଓ କିଶୋରୀ ବାଳିକା ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଉପସ୍ଥିତ ଅଂଶ ଗ୍ରହଣକାରୀଙ୍କୁ ବୁଝାଇ ଥିଲେ କି ଶିଶୁ ଚାଲାଣ ଏକ ଅପରାଧ ଅଟେ ଏବଂ ଏହାକୁ ସମସ୍ତେ ରୋକିବା ଦିଗରେ କାର୍ଯ୍ୟକରିବା ଓ କୌଣସି ଶିଶୁ ବିପଦସଙ୍କୁଳ ଅବସ୍ଥାରେ ଥିଲେ ତୁରନ୍ତ ୧୦୯୮ ଶିଶୁ ସହାୟତା ନମ୍ବରରେ ଫୋନ କରିବାକୁ ଅନୁରୋଧ କରିଥିଲେ । ଶିଶୁ ଚାଲାଣ ପୂର୍ବରୁ ଅଙ୍ଗନୱାଡ଼ି କର୍ମୀ ଓ ଶିକ୍ଷକମାନଙ୍କ କି ପ୍ରକାର ଦାୟିତ୍ୱ ଓ ଭୂମିକା ରହେ ସେ ସମ୍ବନ୍ଧରେ ବିସ୍ତୃତ ରୂପେ ଆଲୋଚନା କରିଥିଲେ ।

## ଭାରତ୍ତୋଳନ ପ୍ରତିଯୋଗିତା, କେନ୍ଦ୍ରାପଡ଼ାରୁ ଦୁଇଜଣଙ୍କୁ ସିଲଭର ମେଡାଲ

କେନ୍ଦ୍ରାପଡ଼ା,(ନିପ୍ର): ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ଓଡ଼ିଶା ରାଜ୍ୟ ଭାରତ୍ତୋଳନ ସଂଘର ମିଳିତ ସହଯୋଗରେ ଚଳିତ ମାସ ୨୪ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ବିଜୁ ପଟ୍ଟନାୟକ ଭାରତ୍ତୋଳନ କେନ୍ଦ୍ରଠାରେ ରାଜ୍ୟସ୍ତରୀୟ ୧୨ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଭାରତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ମୋଟ ୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୨ ବର୍ଷରୁ କମ୍ ବାଳକ ବର୍ଗର ୬୦ କିଲୋଗ୍ରାମ ଓଜନ ବିଭାଗରେ ପଟ୍ଟାମୁଣ୍ଡାଇ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର କୃଷ୍ଣ ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରି ସିଲଭର ମେଡାଲ ହାସଲ କରିଥିବା ବେଳେ, ୧୪ ବର୍ଷରୁ କମ୍ ବାଳିକା ବର୍ଗର ୫୫ କିଲୋଗ୍ରାମ ଓଜନ ବିଭାଗରେ କେନ୍ଦ୍ରାପଡ଼ା ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର ଗଙ୍ଗୋତ୍ରୀ ରାଉତ ଦ୍ୱିତୀୟ ସ୍ଥାନ ଅଧିକାର କରି ସିଲଭର ମେଡାଲ ଜିତିଛନ୍ତି ।

## 'ଆଶା' ପକ୍ଷରୁ ଜନସଚେତନତା ବାର୍ତ୍ତା ଦୁର୍ନୀତି ଲୋପ ପାଇଁ ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ଭୁବନେଶ୍ୱର,(ନିପ୍ର): ସମ୍ବିଧାନର ପ୍ରତିଷ୍ଠାତା ଭୀମରାଓ ଆମ୍ବେଦକର ଆଜି ଦେଶବାସୀଙ୍କୁ ଯେଉଁ ଅଧିକାର ଦେଇଛନ୍ତି 'ଗୋଟିଏ ମଣିଷ, ଗୋଟିଏ ଭୋଟ', ଏହା ହେଉଛି ପ୍ରତ୍ୟେକ ମନୁଷ୍ୟର ଶକ୍ତିଶାଳୀ ଅସ୍ତ୍ର । ଏହାରି ମାଧ୍ୟମରେ ସେମାନେ ଚାହିଁଲେ ଦୁର୍ନୀତିଗ୍ରସ୍ତ ସରକାରକୁ ବଦଳାଇ ଦେଇପାରିବେ । କିନ୍ତୁ ଆଜି ଆମେ ସଂଗଠିତ ନହେବାରୁ ରାଜ୍ୟ ତଥା ଦେଶର ଶାସନ ଓ ପ୍ରଶାସନିକ କ୍ଷେତ୍ରରେ ଦୁର୍ନୀତି ବଢିଚାଲିଛି । ଯୋଗ୍ୟ ଲୋକମାନେ ତାଙ୍କ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି । ଆଜି ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ସମାଜରେ ଲୋକଙ୍କ ଭିତରେ ଧନୀ, ଗରିବ, ଅସମାନତା ବଢିଚାଲିଛି । ଫଳରେ ଆଜି ଶିକ୍ଷିତବର୍ଗ ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି । ନିଜ ଅଧିକାର ପାଇବା ପାଇଁ ସମାଜରେ ଅବହେଳିତ ହୋଇ ରହିଥିବା ଓବିସି, ଏସ୍‌ସି, ଏସ୍‌ଟି, ପଛୁଆବର୍ଗ ସଂଖ୍ୟାଲଘୁ ବ୍ୟକ୍ତିମାନେ ସଂଗଠିତ ହୋଇ ସମାଜରେ ସ୍ୱର ଉତ୍ତୋଳନ କରିବାର ସମୟ ଆସିଛି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବିଶିଷ୍ଟ ଦଳିତନେତା ତଥା 'ଆଶା'ର ପରାମର୍ଶଦାତା ଭଜମନ ବେହେରା ଏବଂ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବରିଷ୍ଠ ପ୍ରଶାସକ ବିଜୟ କୁମାର ପଟ୍ଟନାୟକ ମତପ୍ରକାଶ କରିଛନ୍ତି । ଆମ୍ବେଦକର ସମାଜ ସେବା ଆସୋସିଏସନ (ଆଶା) ପକ୍ଷରୁ ବୁଧବାର ସ୍ଥାନୀୟ ରେଡ଼କ୍ରସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବେହେରା ଓ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ସରକାର ସାମାଜିକ, ଆର୍ଥିକ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି । ଆଶା ସଂଗଠନର ସଭାପତି ମୁରଲୀଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳା ବାହିନୀ ଅଧ୍ୟକ୍ଷା କମଳିନୀ ପାଟଶାଣୀ, ଅନୁଷ୍ଠାନର ପରାମର୍ଶଦାତା ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ପ୍ରଶାସକ ରସିଦ ଖାନ, ଯୁବ ବାହିନୀ ଅଧ୍ୟକ୍ଷ ଶାରଦା ପ୍ରସନ୍ନ ସ୍ୱାଇଁ, ମହିଳା ବାହିନୀର ସାଧାରଣ ସମ୍ପାଦିକା ସୂର୍ଯ୍ୟକାନ୍ତି ନାୟକ, ଆମ୍ବେଦକରବାଦୀ ନେତା ଅବଦୁଲ ଓ୍ୱାଲି, ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜକିଶୋର ମହାରଣା, ସୁକାନ୍ତ ତିଆଡି ଓ ତୁଷାରକାନ୍ତି ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ ।

### ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି

# 'ଶୂନ୍ୟ ମୃତ୍ୟୁହାର ଏବଂ ସର୍ବନିମ୍ନ କ୍ଷୟକ୍ଷତି' ନିଶ୍ଚିତ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କଟକ(ନିପ୍ର) : ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୁରୁବାର ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବର୍ତମାନ ମୁଣ୍ଡୁଳି ଦେଇ ପ୍ରାୟ ୯ ଲକ୍ଷ କ୍ୟୁସେକ ଜଳ ପ୍ରତି ସେକେଣ୍ଡ ନିଷ୍କାସିତ ହେଉଛି ଏବଂ ଆଗାମୀ ସମୟରେ ୯.୫ ରୁ ୧୦ ଲକ୍ଷ କ୍ୟୁସେକ୍ ଜଳ ନିଷ୍କାସନର ସମ୍ଭାବନା ଥିବାରୁ ତଳିଆ ଅଞ୍ଚଳରେ ଜଳ ପ୍ରବେଶ ଆଶଙ୍କା ରହିଛି । ପୂର୍ବ ବନ୍ୟାର ଅନୁଭୂତିକୁ ଆଧାର କରି ଯେଉଁ ସ୍ଥାନଗୁଡ଼ିକ ଜଳମଗ୍ନ ହୋଇଥିଲା ସେଗୁଡ଼ିକୁ ଚିହ୍ନଟ କରି ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତ କରିବା, ଆବଶ୍ୟକ ସ୍ଥଳରେ ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନ ଓ ବନ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା, ଆଶ୍ରୟସ୍ଥଳରେ ଶୁଖିଲା ଖାଦ୍ୟ, ପାନୀୟ ଜଳ, ବିଦ୍ୟୁତ ବ୍ୟାକ୍-ଅପ୍ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ନିଶ୍ଚିତ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଦିବ୍ୟାଙ୍ଗ, ଗର୍ଭବତୀ ମହିଳା, ବୃଦ୍ଧ ଏବଂ ଛୋଟ ଶିଶୁଙ୍କୁ ପ୍ରାଥମିକତା ଭିତ୍ତିରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଗୁରୁତ୍ୱ ଦିଆଯିବ । ରିଲିଫ୍ କ୍ୟାମ୍ପରେ ପରିମଳ, ମଶା ନିୟନ୍ତ୍ରଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ସ୍ୱାସ୍ଥ୍ୟକର ବ୍ୟବସ୍ଥା ନିଶ୍ଚିତ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା । ବନ୍ୟା ସମୟରେ ଜଳବାହିତ ରୋଗ ଓ ସାପ କାମୁଡ଼ା ଘଟଣାକୁ ଦୃଷ୍ଟିରେ ରଖି ସମସ୍ତ ସିଏଚସି ଓ ପିଏଚସିରେ ପର୍ଯ୍ୟାପ୍ତ ପରିମାଣର ଆଣ୍ଟି-ଭେନମ୍ ମହଜୁଦ ରଖିବା ସହ ୨୪x୭ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଯିବ । ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ୪୮ ଘଣ୍ଟା ମଧ୍ୟରେ ନିଜ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ସରକାରୀ ଗାଡ଼ି ପାଇଁ ସମସ୍ତ ପେଟ୍ରୋଲ ପମ୍ପରେ ପର୍ଯ୍ୟାପ୍ତ ଇନ୍ଧନ ମହଜୁଦ ରଖିବା, ଆରଟିଓଙ୍କୁ ରିଲିଫ୍ ପରିବହନ ପାଇଁ ଟ୍ରକ୍ ଓ ଅନ୍ୟାନ୍ୟ ଯାନବାହନ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜଳସେଚନ ବିଭାଗକୁ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକ ଉପରେ ବିଶେଷ ନଜର ରଖିବା ସହ ଘାଇ ଓ ଘୋଳିଆ ହେବାର ଆଶଙ୍କା ଥିବା ସ୍ଥାନରେ ବାଲିବସ୍ତା ଓ କର୍ମଚାରୀ ମହଜୁଦ ରହିବାକୁ ନିଷ୍ପତ୍ତି କରାଯାଇଛି । ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସ୍ଥିତି ଉପରେ କଡାନଜର ରଖିବା ସହ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ କହିଥିଲେ । ଏସଆରସିଙ୍କ ପକ୍ଷରୁ ଆବଶ୍ୟକ ବୋଟ୍ ଯୋଗାଇ ଦିଆଯାଇଥିବା ବେଳେ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ସହ ସବୁବେଳେ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । କୌଣସି ଛୋଟ ସମସ୍ୟାକୁ ମଧ୍ୟ ଅବହେଳା ନକରି ତୁରନ୍ତ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟକୁ ସମ୍ପୃକ୍ତ ଅଧିକାରୀ ଅବଗତ କରାଇବେ । ତଳିଆ ରାସ୍ତାଗୁଡ଼ିକରେ ଯାତାୟାତ ବନ୍ଦ କରିବା ତଥା ବିକଳ୍ପ ରାସ୍ତାରେ ଯିବାଆସିବା କରିବା,ଆବଶ୍ୟକ ସ୍ଥାନରେ ପୋଲିସ ମୁତୟନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ପୂର୍ବରୁ ଜିଲ୍ଲା ପ୍ରଶାସନ ତରଫରୁ ଜାରି କରାଯାଇଥିବା କଟକଣା ଅନୁଯାୟୀ ଲୋକଙ୍କ ପ୍ରବେଶ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଛି,ଗାଧୋଇବା, ପହଁରିବା, ଡଙ୍ଗା ଚଳାଇବା, ସେଲ୍ଫି ନେବା କିମ୍ବା ନଦୀ କୂଳ, ବ୍ୟାରେଜ୍ ନିକଟରେ ରହିବା ଉପରେ କଟକଣା,ବାଲିଯାତ୍ରା ତଳ ପଡ଼ିଆରେ ସମସ୍ତ ପ୍ରକାର ଜନସମାଗମ, ସଭା ଓ ଗହଳି ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ,ବ୍ୟାରେଜ୍, ସେତୁ କିମ୍ବା ନଦୀବନ୍ଧ ଉପରେ ଠିଆ ହୋଇ ବନ୍ୟାଜଳ ଦେଖିବା, ସେଲ୍ଫି କିମ୍ବା ଭିଡିଓ କରିବାକୁ କଡ଼ାକଡ଼ି ଭାବେ ବାରଣ କରାଯାଇଛି । ଆଦେଶ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ନଦୀକୂଳ, ନିମ୍ନ ଅଞ୍ଚଳ ଓ ନଦୀବନ୍ଧ ନିକଟରେ ଥିବା ସମସ୍ତ ମନ୍ଦିର ଓ ଧାର୍ମିକ ସ୍ଥାନଗୁଡ଼ିକୁ ଭକ୍ତ ଓ ସାଧାରଣ ଲୋକଙ୍କ ପାଇଁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି ।

ତିଥି :(ଦ୍ୱିତୀୟା): (ଧନିଷ୍ଠା ମକର)
ଅମୃତ ବେଳା: ରାତ୍ରି ଘ ୭।୧୮ମଧ୍ୟେ ଘ୭।୪୯ ଗତେ

## ଆଜିର ଅନୁଚିନ୍ତନ

ଯେଉଁ ସୁଖ ଆରମ୍ଭରେ ବିଷତୁଲ୍ୟ ଓ ପରିଣାମରେ ଅମୃତତୁଲ୍ୟ, ତାହାକୁ ସାତ୍ତ୍ୱିକ ସୁଖ କୁହାଯାଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଦୃଷ୍ଟିଭଙ୍ଗୀରେ ସ୍ୱାତନ୍ତ୍ର୍ୟ

ବେଳେ ବେଳେ କୌଣସି ନିଯୁକ୍ତିର ଗତାନୁଗତିକତାରୁ କେତେକ ଓହରିଯିବାକୁ ଶ୍ରେୟ ମନେ କରନ୍ତି ଓ ପରେ ନିଜ ପାଇଁ ନିଜେ ନୂଆ ରାସ୍ତା ତିଆରି କରି ପ୍ରେରଣାର ଉତ୍ସ ପାଲଟିଥାନ୍ତି। ଆଇଆଇଟି ମୁମ୍ବାଇର ସ୍ନାତକ ରାକେଶ ଆନନ୍ଦ ଦୁବାଇରେ କାର୍ଯ୍ୟ କରୁଥିଲେ ଓ ପତ୍ନୀ ରୁଷିକା ବ୍ୟାଙ୍କ ଉଦ୍ୟୋଗରେ କ୍ୟାରିୟର କରିଥିଲେ। ମୋଡ ଆସିଥିଲା ଗତ ୨୦୧୮ ମସିହାରେ। ଦୁଇ ବିଘା ଚାଷଜମି କିଣିଥିଲେ ଉତ୍ତରପ୍ରଦେଶରେ ଓ ଏହା ପରେ ଚାକିରି ଛାଡ଼ି କୃଷି କାର୍ଯ୍ୟରେ ମନୋନିବେଶ କରିଥିଲେ। ଆଖପାଖ ଲୋକଙ୍କୁ ଖାପଛଡ଼ା ଲାଗିଥିଲା ଏହା । ମାତ୍ର ଏହି ଦମ୍ପତି ଜୈବିକ କୃଷି ପ୍ରତି ଧ୍ୟାନ ଦେଇଥିଲେ। ସେମାନଙ୍କ ପାଖରେ ନା ଥିଲା ଅଭିଜ୍ଞତା ନା ଥିଲା ଜ୍ଞାନକୌଶଳ ଅବା ପାରିବାରିକ ପୃଷ୍ଠଭୂମି। ସୁତରାଂ ଚାଷ କରିବା ବେଳେ ନାନା ଅସୁବିଧା ସମ୍ମୁଖୀନ ହେବା ବେଳେ ସ୍ଥାନୀୟ ଚାଷୀଙ୍କ ସେମାନେ ନେଉଥିଲେ ପରାମର୍ଶ। କ୍ରମେ ବଜାରକୁ ଜୈବିକ ତଟକା ପରିବା ପଠାଇଲେ ଓ ତାହାର ଚାହିଦା ବଢ଼ିଲା। ଭଲର ଆଦର ସବୁବେଳେ। ସ୍ୱାସ୍ଥ୍ୟ ପ୍ରତି ଅନୁକୂଳତା ଆଜିକାଲି ଜୀବନ ଧାରାର ଅଂଶ । ପନିପରିବା, ଫଳ, ନାନା ଶସ୍ୟ, ଆଚାର ପ୍ରଭୃତିର ବିକ୍ରି ବଢ଼ିଲା। ଆୟ ଆସିଲା ଅଧିକ ଓ ଯାହା ଦ୍ୱାରା ଏହି ଦମ୍ପତିଙ୍କ ଚାଷ ପରିସର ୧୫ ଏକରକୁ ବଢ଼ିଲା। ଅଧିକ ରୋଜଗାର ଅପେକ୍ଷା ସୁସ୍ଥ ଖାଦ୍ୟ ହିଁ ସୁସ୍ଥ ଜୀବନଧାରାର ଆଧାର। ଏବଂ ଏହା ଲୋକଙ୍କୁ ଯୋଗାଉଥିବା ଏହି ଦମ୍ପତିଙ୍କ ଯାବତୀୟ ଉତ୍ପାଦ ପଛରେ ଗୁରୁତ୍ୱପୂର୍ଣ୍ଣ ଆଧାର ରହିଥିଲା ବିଶ୍ୱାସ ତଥା କଲ୍ୟାଣମୁଖୀ ଚିନ୍ତନ।

ଆଜିକାଲି ଲୋକେ ସାଧାରଣ ଭାବରେ ବଜାରକୁ ଯିବା ମାତ୍ରେ ଯେଉଁ ପନିପରିବା କ୍ରୟ କରନ୍ତି ତାହା ପ୍ରାୟତଃ ବହୁଳ ସାର ଓ କୀଟନାଶକ ବ୍ୟବହୃତ ଚାଷଜମିରୁ ଆସିଥାଏ। ଯାହା ଭବିଷ୍ୟତରେ ନାନା ରୋଗର କାରକ ସାଜୁଥିବା ବିଶେଷଜ୍ଞମାନେ ସର୍ବଦା ସତର୍କ କରାଇଆସିଛନ୍ତି। ସହଜେ ଚାଷଜମି ଦିନକୁ ଦିନ କମିବା ଓ ଜୈବିକ ଫସଲର ପରିସର କମିବା ଫଳରେ ଜନସ୍ୱାସ୍ଥ୍ୟ ବିପନ୍ନ ଆଡକୁ ଯାଉଥିବା ଆଉ ଅନୁମାନ ନୁହେଁ ବରଂ ସତ୍ୟତା ପରିଣତ ହେଉଥିବା ଊଣାଅଧିକେ ସମସ୍ତେ ଜାଣନ୍ତି। ଆମ ରାଜ୍ୟ ପରିପ୍ରେକ୍ଷୀରେ ଜୈବିକ ପନିପରିବା ପାଇବା ବିରଳ। ଯଦି ଯୁବପିଢ଼ିର ଯେଉଁମାନେ ଏପରି ଚାଷ କରି ଆଗକୁ ବଢ଼ିବାକୁ ଚାହାନ୍ତି ସେମାନଙ୍କୁ ରାଜ୍ୟସରକାର ଗୁରୁତ୍ୱ ଦେବା ଆବଶ୍ୟକ। ଏ ବାବଦରେ ଦୃଢ଼ ଆଭିମୁଖ୍ୟ କେବଳ ନୁହେଁ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବାରେ ରାଜ୍ୟ ସରକାର ଯତ୍ନବାନ ହେବେ ବୋଲି ଆଶା କରାଯାଏ।

# ସଂସଦ ବାଧିତ ହେଲେ ସାଂସଦଙ୍କ ଭତ୍ତା କଟାଯାଉ !

## ଗୋପାଳ ମହାପାତ୍ର

ଭାରତୀୟ ସଂସଦ ଦେଶର ସଂପ୍ରଭୁତା, ଗଣତାନ୍ତ୍ରିକ ମୂଲ୍ୟ ଏବଂ ଜନ ଆକାଂକ୍ଷାର ପ୍ରତୀକ ଅଟେ। ବିଗତ କିଛି ବର୍ଷହେବ ସଂସଦ ଭିତରେ ଗତିରୋଧ (ହଟ୍ଟଗୋଳ) ବଢୁଥିବା କାରଣରୁ ଉତ୍ପାଦକତା କମିବା ଫଳରେ ଦେଶର ଟିକସଦାତାଙ୍କ ଅର୍ଥର ଅସଦୁପଯୋଗ ଏବଂ ଜନପ୍ରତିନିଧି ମାନଙ୍କର ଉତ୍ତରଦାୟୀତ୍ୱକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ସଂସଦ ଚାଲିବା ପାଇଁ ବ୍ୟାପକ ଅର୍ଥ ବ୍ୟୟ ହୋଇଥାଏ। ବଜେଟ ଆକଳନ ଅନୁସାରେ ଏବଂ ସଂସଦୀୟ ତଥ୍ୟ ଅନୁସାରେ ସଂସଦର ଉଭୟ ସଦନ ଲୋକସଭା ଏବଂ ରାଜ୍ୟସଭା ଚାଲିବା ପାଇଁ ପ୍ରତିମିନିଟକୁ ଆନୁମାନିକ ଅଢ଼େଇ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଅର୍ଥାତ୍ ପ୍ରତିଘଣ୍ଟା ପାଇଁ ଦେଢ଼ କୋଟି। ଏହି ହିସାବରେ ଗୋଟିଏ ଦିନ ସଂସଦ ଚାଲିବା ପାଇଁ ଖର୍ଚ୍ଚ ୯ କୋଟି ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ। ଏହି ଖର୍ଚ୍ଚ ମଧ୍ୟରେ ସଂସଦଙ୍କ ବେତନ-ଭତ୍ତା, ସଂସଦ ଭବନର ସୁରକ୍ଷା, ରକ୍ଷଣାବେକ୍ଷଣ, ସଂସଦ ସଚିବାଳୟର କର୍ମଚାରୀ- ଅଧିକାରୀ, ମୁଦ୍ରଣ ଏବଂ ଅଧିଶେନ ସମୟରେ ହେଉଥିବା ଅନ୍ୟାନ୍ୟ ଖର୍ଚ୍ଚ ସାମିଲ ରହିଛି। ଯେତେବେଳେ କୌଣସି କାରଣରୁ ସଂସଦ କାର୍ଯ୍ୟ ଚାଲିପାରିନଥାଏ ସେତେବେଳେ ଏସବୁ ଅର୍ଥବ୍ୟୟ ବ୍ୟର୍ଥ ହୋଇଯାଏ। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ସଂସଦ କାର୍ଯ୍ୟ ଯେଉଁ ଦିନ ଚାଲିନପାରିବ ସେଦିନର କାରଣ ସାଂସଦଙ୍କ ଭତ୍ତା କାଟି ଦିଆଯିବା ଉଚିତ୍ କି ? ଏହି ପ୍ରଶ୍ନ ଭାରତୀୟ ଗଣତନ୍ତ୍ରରେ ଏକ ଜ୍ୱଳନ୍ତ ପ୍ରସଙ୍ଗ ପାଲଟିଛି। ଏହାର ଦୁଇଟି ପକ୍ଷ ରହିଛି। ସକାରାତ୍ମକ ପକ୍ଷ (ଭତ୍ତା କାଟିବା) ହେଉଛି କର୍ପୋରେଟ କ୍ଷେତ୍ର ବା ଅନ୍ୟ ସବୁ ସଂଗଠିତ କ୍ଷେତ୍ରରେ ନ୍‌କାମ ନାହିଁ ତ ଦରମା ନାହିଁନ୍ତ ନିୟମ ଲାଗୁ ହେଉଛି। ସକାରାତ୍ମକ ପକ୍ଷ ପାଇଁ ତର୍କ ହେଉଛି ଯେତେବେଳେ ଦେଶର ଟିକସଦାତାଙ୍କ ଅର୍ଥରୁ ସାଂସଦ ମାନଙ୍କୁ ପ୍ରତିଦିନ ସଂସଦ ଉପସ୍ଥିତି ଭତ୍ତା ଏବଂ ଅନ୍ୟ ସୁବିଧା ମିଳୁଛି। ସେତେବେଳେ ବିନା କାମ କରି ଏହି ଭତ୍ତା ଓ ଅନ୍ୟ ସୁବିଧା ସୁଯୋଗ ନେବା ଭୁଲ ନିଶ୍ଚୟ। ସଂସଦ ଯେଉଁ ଦିନ ଚାଲିନପାରୁଛି ସେଦିନର ସାଂସଦ ମାନଙ୍କ ଭତ୍ତା କାଟି ଦିଆଯିବା ଉଚିତ୍। ଏପରି ହେଲେ ସାଂସଦଙ୍କ ଉତ୍ତରଦାୟୀତ୍ୱ ବଢ଼ିବ। ନକାରାତ୍ମକ ପକ୍ଷ ହେଉଛି ସଂସଦୀୟ ଗଣତନ୍ତ୍ରରେ ବିରୋଧ ଅଟେ। ଅନେକ ସମୟରେ ବିରୋଧୀଙ୍କୁ ସେମାନଙ୍କ ପକ୍ଷ ରଖିବାର ସୁଯୋଗ ଦିଆଯାଇ ନ ଥାଏ। ଫଳତଃ ବାଧ୍ୟ ହୋଇ ସେମାନେ ବିରୋଧ ପ୍ରଦର୍ଶନ କରିଥାନ୍ତି। ସାଂସଦଙ୍କ କାମ କେବଳ ସଂସଦରେ ଉପସ୍ଥିତ ହେବା ବା ବସିବା ନୁହେଁ ସେମାନେ ବିଭିନ୍ନ ସଂସଦୀୟ କମିଟିରେ ମଧ୍ୟ କାର୍ଯ୍ୟ କରିଥାନ୍ତି । ନିର୍ବାଚନ କ୍ଷେତ୍ରର ସମସ୍ୟା ମଧ୍ୟ ନିବାରଣ କରିଥାନ୍ତି। ବଜେଟ ବା ଗୁରୁତ୍ୱପୂର୍ଣ୍ଣ ଆଇନ ଯେତେବେଳେ ବିନା ଆଲୋଚନାରେ 'ଗିଲୋଟିନ' ମାଧ୍ୟମରେ ଗୃହୀତ ହୋଇଥାଏ ସେତେବେଳେ କେବଳ ଆର୍ଥିକ କ୍ଷତି ହୋଇନଥାଏ ବରଂ ଗଣତାନ୍ତ୍ରିକ ମୂଲ୍ୟର ହନନ ବୋଲି କୁହାଯାଏ। ୨୦୨୪ର ଲୋକସଭା ନିର୍ବାଚନ ପରେ ଗଠିତ ୧୮ଶ ଲୋକସଭାରେ ବିରୋଧୀ ଦଳମାନେ ପୂର୍ବବର୍ତ୍ତୀ ସମୟ ଅପେକ୍ଷା ନିଜର ସ୍ୱର (ବିରୋଧ) କୁ ଅଧିକ ମଜଭୁତ କରିଛନ୍ତି। ବଜେଟ ଅଧିବେଶନ (୨୦୨୪)ରେ ଲୋକସଭା ଏବଂ ରାଜ୍ୟସଭା କ୍ରମଶଃ ୨୨ ଏବଂ ୨୦ ଦିନ ଚାଲିଥିଲା। କିନ୍ତୁ ୨୦୨୬ର ବଜେଟ ଅଧିବେଶନ ବେଳେ ବିରୋଧି ଏବଂ ଶାସକ ଦଳଙ୍କ ମଧ୍ୟରେ ଟଣାଓଟରା ହଟ୍ଟଗୋଳ କାରଣରୁ ପାଖାପାଖି ୨୦ରୁ ୨୫ ଘଣ୍ଟା ନଷ୍ଟ ହୋଇଥିଲା। ଏହା ଟିକସଦାତାଙ୍କ ଅର୍ଥର ଅସତ୍ ଉପଯୋଗ ବା କ୍ଷତି କୁହାଯାଇପାରେ। ନିଟ ପରୀକ୍ଷାର ପ୍ରଶ୍ନ ପତ୍ର ଲିକ୍ ବିବାଦ, ବିଭିନ୍ନ ପ୍ରସଙ୍ଗରେ ବିରୋଧୀଙ୍କ ତୀବ୍ର ବିରୋଧ, ହିର୍ଣ୍ଡନବର୍ଗ ରିପୋର୍ଟ ଏବଂ ପୂର୍ବତନ ସେନାଧକ୍ଷଙ୍କ ପୁସ୍ତକ ଉପରେ ଚର୍ଚ୍ଚା ପାଇଁ ବିରୋଧିଙ୍କ ଦାବି ଏବଂ ସରକାରଙ୍କ ଚର୍ଚ୍ଚା ପାଇଁ ଅରାଜି କାରଣରୁ ସଦନକୁ ବାରମ୍ବାର ସ୍ଥଗିତ ହୋଇଥିଲା।

ଭାରତୀୟ ସଂସଦର ଇତିହାସକୁ ଦେଖିଲେ ସ୍ପଷ୍ଟ ଯେ ପ୍ରଥମ ୩ଟି ଲୋକସଭା (୧୯୫୨ ରୁ ୧୯୬୭) ରେ ବାର୍ଷିକ ବୈଠକ ପାଖାପାଖି ୧୨୦ ଦିନରୁ ୧୩୦ ଦିନ ହେଉଥିଲା। ଏବେ ଏହା କ୍ରମେ କ୍ରମେ ହ୍ରାସ ପାଇ ୬୦ରୁ ୭୦ ଦିନରେ ରହିଯାଇଛି। ସଂସଦ ଅଚଳ ବା ଚାଲିନପାରିବାର କାରଣ ତତ୍କାଳିକ ରାଜନୈତିକ ବିବାଦ ନ ଥାଏ ବରଂ ଏହା ପଛରେ କିଛି ସଂସ୍ଥାଗତ ଏବଂ ରାଜନୈତିକ କାରଣ ରହିଥାଏ। ବିରୋଧୀମାନେ ଅନେକ ସମୟରେ ଅଭିଯୋଗ କରୁଛନ୍ତି ଯେ ସରକାର ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦଶୀଳ ରାଷ୍ଟ୍ରୀୟ ପ୍ରସଙ୍ଗରେ ଚର୍ଚ୍ଚା ଚାହୁଁନାହାଁନ୍ତି। ଦେଶର ଟିକସ ଦାତାଙ୍କ ଅର୍ଥ ଦେଶ ନିର୍ମାଣ ପାଇଁ ରାଜନୈତିକ ଗତିରୋଧ କାରଣରୁ ଅପବ୍ୟୟ ପାଇଁ ଉଦିଷ୍ଟ ନୁହେଁ। ସଂସଦର ଉତ୍ପାଦକତାକୁ ସୁଧାରିବା ଏବଂ ଆର୍ଥୀକ କ୍ଷତିକୁ ରୋକିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ସଂସଦ ପାଇଁ ନ୍ୟୁନତମ କାର୍ଯ୍ୟ ଦିବସ ମଧ୍ୟ ଧାର୍ଯ୍ୟ କରାଯିବା ଉଚିତ୍। ଯଦି କୌଣସି ସାଂସଦ ବା ଦଳ ଜାଣିଶୁଣି ବିନା କୌଣସି ଠୋସ୍ କାରଣରୁ ସଦନକୁ ବାଧିତ କରନ୍ତି ତେବେ ସେଇ ଅନୁପାତରେ ଦୈନିକ ଭତ୍ତା କଟାଯିବାର ବ୍ୟବସ୍ଥା କରାଯିବା ଉଚିତ୍।

ସବୁ ଗୁରୁତ୍ୱପୂର୍ଣ୍ଣ ବିଧେୟକକୁ ସଂସଦରେ ଗୃହୀତ କରାଯିବା ପୂର୍ବରୁ ବାଧ୍ୟତାମୂଳକ ଭାବେ ବିଭାଗ ସମ୍ବନ୍ଧିତ ସ୍ଥାୟୀ କମିଟି ନିକଟକୁ ପଠାଯିବା ଉଚିତ୍ । ଫଳରେ ତା ଉପରେ କମିଟିର ବିଶେଷଜ୍ଞମାନେ ଚର୍ଚ୍ଚା କରିପାରିବେ। ସଂସଦର ମର୍ଯ୍ୟାଦା, ସର୍ବୋଚ୍ଚତା ଏବଂ ଉତ୍ପାଦକତା ପାଇଁ ଶାସକ ପକ୍ଷ ବିରୋଧୀଙ୍କୁ ପର୍ଯ୍ୟାପ୍ତ ସମ୍ମାନ ଏବଂ ସମୟ ଦେବା ଉଚିତ୍ ଏବଂ ବିରୋଧ ମଧ୍ୟ କେବଳ ବିରୋଧୀ ପାଇଁ ବିରୋଧ କରିବା ପରିବର୍ତ୍ତେ ରଚନାତ୍ମକ ଆଲୋଚନା ପାଇଁ ଉଦ୍ୟମ ବା ଆଗ୍ରହ କରିବା ଆବଶ୍ୟକ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ପେପର ଲିକ୍ ଓ ଫାଷ୍ଟଟ୍ରାକ କୋର୍ଟ

## ଡକ୍ଟର ପ୍ରମୋଦ କୁମାର ପଣ୍ଡା

"କେବଳ ଫାଷ୍ଟ ଟ୍ରାକ୍ କୋର୍ଟ ଗଠିତ କରିଦେଲେ ଲୋକଙ୍କୁ ତ୍ୱରିତ ନ୍ୟାୟ ଓ ଦୋଷୀକୁ ତୁରନ୍ତ ଦଣ୍ଡ ମିଳିବ ତାର କୌଣସି ଗ୍ୟାରେଣ୍ଟି ନାହିଁ। କାରଣ ନ୍ୟାୟିକ ପ୍ରକ୍ରିୟା କେବଳ ଅଦାଲତ ଉପରେ ନିର୍ଭର କରିନଥାଏ। ଧିମା ଯାଞ୍ଚ ପ୍ରକ୍ରିୟା, ବିଳମ୍ବରେ ରିପୋର୍ଟ ପ୍ରଦାନ, ସାକ୍ଷ ଦେବାକୁ ଥିବା ବ୍ୟକ୍ତି, ଅଧିକାରୀଙ୍କ କ୍ରମାଗତ ଅନୁପସ୍ଥିତି, ଆଇନଗତ ଜଟିଳତା ଓ ଚାଲବାଜି ଯୋଗୁଁ ଶୁଣାଣିରେ ବାରମ୍ବାର ମୁଲତବୀ ଇତ୍ୟାଦି କାରଣରୁ କେସରେ ଠିକ୍ ସମୟରେ ଫଇସଲା ଆସେ ନାହିଁ। ବିଳମ୍ବ ଘଟିଥାଏ। ଫାଷ୍ଟ ଟ୍ରାକ୍ କୋର୍ଟରେ ଶୁଣାଣି ପରେ ମଧ୍ୟ ନିର୍ଭୟା ହତ୍ୟାକାଣ୍ଡ ମାମଲାର ଚୂଡାନ୍ତ ରାୟ ଆସିବାକୁ ସାତବର୍ଷ ସମୟ ଲାଗିଥିଲା। ତେଣୁ ଫାଷ୍ଟ ଟ୍ରେକ୍ କୋର୍ଟ ଗଠନ ସହିତ ସିଷ୍ଟମରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନ ଆବଶ୍ୟକ।ଦୁର୍ବଳ ତଦନ୍ତ ଯୋଗୁଁ ପେପର ଲିକ ମାମଲାରେ ଜଡ଼ିତ ଆରୋପିଙ୍କୁ ଅତି ସହଜରେ ଜମାନତ ମିଳିଯାଏ। ସେମାନେ ବାହାରକୁ ଆସି ପୁଣି ସେହି ଅନ୍ୟାୟ କରନ୍ତି। ପୁଣି ଗିରଫ୍ ହୋଇ ଜେଲ ଯାଆନ୍ତି ଓ ଅଳ୍ପ ଦିନ ପରେ ପୁଣି ଜମାନତରେ ବାହାରି ପୁଣି ସେହି କୁକର୍ମରେ ଲିପ୍ତ ରହନ୍ତି।"

ଭାରତ ପାଇଁ ପେପର ଲିକ୍ ହେବା କୌଣସି ନୂଆ ଘଟଣା ନୁହେଁ। ଛୋଟ ହେଉ କିମ୍ବା ବଡ଼, ରାଜ୍ୟସ୍ତରୀୟ ହେଉ ଅବା ଜାତୀୟ, ପ୍ରତିବର୍ଷ ପେପର ଲିକ୍ ହେବା ଦେଖାଯାଉଛି। ପରୀକ୍ଷା ପୂର୍ବରୁ, ପରୀକ୍ଷା ମଝିରେ ଅଥବା ପରୀକ୍ଷା ପରେ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ପରୀକ୍ଷା ବାତିଲ ହେଉଛି। ପୁନର୍ବାର ପରୀକ୍ଷା ଆୟୋଜିତ କରାଯାଉଛି। ପେପର ଲିକ୍ କେବଳ ଏକ ସମସ୍ୟା ନୁହଁ, ଏହା ଏକ ଅପରାଧିକ କୃତ୍ୟ। ଏହା ଦ୍ୱାରା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ଦିଆଯାଉଛି।

କେବଳ ୨୦୧୪ ମସିହାରେ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆୟୋଜିତ ୧୫୦ ପରୀକ୍ଷାର ପେପର ଲିକ ହେବା ଘଟଣା ସାମ୍ନାକୁ ଆସିଛି। ଏସବୁ ସେହି ପରୀକ୍ଷା ଯେଉଁଥିରେ ପରୀକ୍ଷାର୍ଥୀ ସଂଖ୍ୟା ଏକ ଲକ୍ଷରୁ ଅଧିକ। ଏତଦଭିନ୍ନ ଆହୁରି ଅନେକ ଛୋଟମୋଟ ପରୀକ୍ଷା ରହିଛି ଯାହା ଏହି ତାଲିକାର ଅନ୍ତର୍ଭୁକ୍ତ ନୁହଁ। ଜମ୍ମୁ ଓ କାଶ୍ମୀରରେ ୫, ପଞ୍ଜାବରେ ୧, ହରିୟାଣାରେ ୬, ରାଜସ୍ଥାନରେ ୧୧, ଗୁଜୁରାଟରେ ୧୧, ମଧ୍ୟ ପ୍ରଦେଶରେ ୬, ମହାରାଷ୍ଟ୍ରରେ ୧୧, କର୍ଣ୍ଣାଟକରେ ୭, କେରଳରେ ୨, ହିମାଚଳ ପ୍ରଦେଶରେ ୪, ଉତ୍ତରାଖଣ୍ଡରେ ୪, ଉତ୍ତର ପ୍ରଦେଶରେ ୧୦, ବିହାରରେ ୬, ଅରୁଣାଚଳ ପ୍ରଦେଶରେ ୧, ଆସାମରେ ୮, ମଣିପୁରରେ ୧, ତ୍ରିପୁରାରେ ୨, ପଶ୍ଚିମବଙ୍ଗରେ ୫, ଝାରଖଣ୍ଡରେ ୨, ଓଡ଼ିଶାରେ ୪, ତେଲେଙ୍ଗାନାରେ ୪, ଆନ୍ଧ୍ରପ୍ରଦେଶରେ ୧ ଓ ତାମିଲନାଡୁ ରେ ୨ ଗୋଟି ପରୀକ୍ଷାର ପେପର ଲିକ୍ ହୋଇଛି। ଦିଲ୍ଲୀ ଓ କେନ୍ଦ୍ର ଅଧୀନରେ ଆୟୋଜିତ ୩୮ ଗୋଟି ପରୀକ୍ଷାର ପ୍ରଶ୍ନ ପତ୍ର ପ୍ରଘଟ ହୋଇଛି।




୨୦୨୬ ନିଟ୍, ଯୁଜି ପରୀକ୍ଷା ମେ ୩ ତାରିଖ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବସିଥିଲେ। ପେପର ଲିକ୍ ଯୋଗୁଁ ଏହାକୁ ବାତିଲ କରି ଜୁନ ୨୧ ତାରିଖରେ ପୁନଃ ପରୀକ୍ଷା ହୋଇଥିଲା। ତଦନ୍ତ ପରେ ୧୩ ଜଣ ଅଭିଯୁକ୍ତ ଗିରଫ୍ ହୋଇଛନ୍ତି। ମାନସିକ ସ୍ତରରେ ଭାଙ୍ଗିପଡି ୨୧ ଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ପ୍ରତ୍ୟେକେ ଏକ କୋଟି ଟଙ୍କା ଲେଖାଏଁ କ୍ଷତିପୂରଣ ଏବଂ ପରୀକ୍ଷାରେ ସଂସ୍କାର ଦାବି କରି କକ୍‌ରୋଜ ଜନତା ପାର୍ଟି ଦିଲ୍ଲୀ ଯନ୍ତର-ମନ୍ତରରେ ବିରୋଧ ପ୍ରଦର୍ଶନ କରୁଛି। ଏଥିମଧ୍ୟରେ ତ୍ରିପୁରା ଟେକ୍ନିକାଲ ୟୁନିଭାର୍ସିଟିର ଦୁଇଟି ପରୀକ୍ଷାର ପେପର ଲିକ୍‌ର ଆରୋପ ଆସୁଛି। ଝାରଖଣ୍ଡରେ ଫିଲ୍‌ଦ ୱାର୍କର ଭର୍ତ୍ତି ପରୀକ୍ଷା ପାଇଁ ୩.୨୨ ଲକ୍ଷ ପରୀକ୍ଷାର୍ଥୀ ଆବେଦନ କରିଥିଲେ। କିନ୍ତୁ ସରକାର ଏବଂ ସିଷ୍ଟମର ଅବ୍ୟବସ୍ଥା ଯୋଗୁଁ ୨.୩୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇପାରିନାହାନ୍ତି। ତାଙ୍କ ପାଖକୁ ଆଡମିଟ୍ କାର୍ଡ଼, ପରୀକ୍ଷାକେନ୍ଦ୍ରର ସୂଚନା ପହଞ୍ଚିବାରେ ବିଳମ୍ବ ହୋଇଛି। ଏପରି କି ଅନେକ ପରୀକ୍ଷାର୍ଥୀଙ୍କ ପରୀକ୍ଷାକେନ୍ଦ୍ର ତାଙ୍କ ଗୃହ ଜିଲ୍ଲା ବାହାରେ ଦୂର ସ୍ଥାନରେ ନିରୂପିତ ହୋଇଛି। ପରୀକ୍ଷାର କିଛି ଦିନ / କିଛି ଘଣ୍ଟା ପୂର୍ବରୁ ଇ-ମେଲ ଯୋଗେ ସୂଚନା ମିଳିଛି। ବିଭିନ୍ନ ପରୀକ୍ଷା ଆୟୋଜନରେ ଅପାରଦର୍ଶିତାର ପରିଣାମ ପିଲାଙ୍କୁ ଭୋଗିବାକୁ ପଡୁଛି।

ପେପର ଲିକ ଏକ ଗମ୍ଭୀର ସମସ୍ୟା। ଏହାର ମୂଳୋତ୍ପାଟନ ଜରୁରୀ। ଏଭଳି ଅପରାଧିକ ମାମଲାରେ ଜଡ଼ିତ ଆରୋପିଙ୍କ ବିରୁଦ୍ଧରେ ଶକ୍ତ ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନର ଅଭାବ କ୍ରମାଗତ ପେପର ଲିକର ମୂଳ କାରଣ।

ପରିସଂଖ୍ୟାନରୁ ଜଣାପଡ଼େ ଯେ ୨୦୦୨ ରୁ ୨୦୨୫ ମଧ୍ୟରେ ପେପର ଲିକ୍ ସମ୍ପର୍କିତ ୪୫ ମାମଲା ଅଦାଲତରେ ରୁଜୁ ହୋଇଥିଲା। ତନ୍ମଧ୍ୟରୁ ମାତ୍ର ଦୁଇଟି କେଶ୍‌ରେ ଆରୋପି ଦୋଷୀ ସାବ୍ୟସ୍ତ ହୋଇ ସଜା ପାଇଛନ୍ତି। ଏହାରି ଆଧାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପେପର ଲିକ୍ ମାମଲାର ଶୁଣାଣି ପାଇଁ ଦେଶରେ ଫାଷ୍ଟ ଟ୍ରେକ କୋର୍ଟ, ଯାହାକୁ ସ୍ୱତନ୍ତ୍ର ଅଦାଲତ ମଧ୍ୟ କୁହାଯାଏ, ସ୍ଥାପନର ପ୍ରସ୍ତାବ ରଖିଛନ୍ତି। ସଂସଦରେ ପ୍ରସ୍ତାବ ପାରିତ ହେବା ପରେ ଏହା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ। ଏହି ଅଦାଲତ ସବୁ କେବଳ ପେପର ଲିକ୍ ମାମଲାର ବିଚାର କରିବେ। ପକ୍ସୋ ଏବଂ ରେପ କେଶ ବିଚାର ପାଇଁ ଦେଶରେ ସ୍ୱତନ୍ତ୍ର ଅଦାଲତ କାମ କରୁଛି। ସାମାନ୍ୟ କୋର୍ଟ ତୁଳନାରେ ଫାଷ୍ଟଟ୍ରାକ୍ କୋର୍ଟର କାର୍ଯ୍ୟଦକ୍ଷତା ଭଲ। ସାମାନ୍ୟ କୋର୍ଟ ମାସକୁ ୩.୩ ମାମଲାର ସମାଧାନ କରୁଥିବା ବେଳେ ଫାଷ୍ଟ ଟ୍ରେକ୍ କୋର୍ଟରେ ମାସକୁ ୯.୫ କେଶର ଫଇସଲା ହୋଇଥାଏ। ଅର୍ଥାତ୍ ସ୍ୱତନ୍ତ୍ର କୋର୍ଟର ପ୍ରଦର୍ଶନ ସାମାନ୍ୟ କୋର୍ଟର ପ୍ରଦର୍ଶନ ଅପେକ୍ଷା ପ୍ରାୟ ତିନି ଗୁଣ ଅଧିକ। ଜୁନ, ୨୦୨୫ ସୁଦ୍ଧା ଦେଶରେ ୭୨୪ ଫାଷ୍ଟ ଟ୍ରେକ୍ କୋର୍ଟ କାମ କରୁଥିଲା। ଏହାର ସଞ୍ଚାଳନ ପାଇଁ ସରକାର ୧୦୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସ୍ୱତନ୍ତ୍ର କୋର୍ଟ ସ୍ଥାପନ ପାଇଁ ସମ୍ପୃକ୍ତ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ଖସଡ଼ା ପ୍ରସ୍ତୁତ କରି ପ୍ରଧାନମନ୍ତ୍ରୀଙ୍କୁ ଦାଖଲ କରିସାରିଛନ୍ତି। କେନ୍ଦ୍ର କ୍ୟାବିନେଟ ଏହାକୁ ଅନ୍ତିମ ରୂପ ଦେବ। ସଂସଦରେ ପେପର ଲିକ ଉପରେ ନୂଆ କାନୁନ ଓ ଫାଷ୍ଟ ଟ୍ରେକ୍ କୋର୍ଟ ସ୍ଥାପନ ପାଇଁ ବିଲ ପେସ୍ କରାଯିବ। ପାରିତ ହେବା ପରେ ତୁରନ୍ତ କାର୍ଯ୍ୟକାରୀ ହେବ। ମୁମ୍ବାଇ, କୋଲକତା, ଦିଲ୍ଲୀ ମଧ୍ୟପ୍ରଦେଶରେ ସ୍ୱତନ୍ତ୍ର କୋର୍ଟ ସ୍ଥାପନର ପ୍ରସ୍ତାବ ରହିଛି। ଏହି କୋର୍ଟ ସବୁ କେବଳ କେନ୍ଦ୍ରିୟ ସ୍ତରୀୟ ପରୀକ୍ଷା ମାମଲା ବିଚାର କରିବେ। ୟୁପିଏସସି, ଏସଏସସି, ରେଲୱେ, ସରକାରୀ ବ୍ୟାଙ୍କ, ଏନ୍‌ଟିଏ ଦ୍ୱାରା ଆୟୋଜିତ ପରୀକ୍ଷା କଥା ବୁଝିବେ। ରାଜ୍ୟ ସ୍ତରୀୟ ପରୀକ୍ଷା ପାଇଁ ରାଜ୍ୟ ସବୁ ନିଜ ନିଜ ରାଜ୍ୟରେ ଫାଷ୍ଟ ଟ୍ରେକ କୋର୍ଟ ଗଠନର ବ୍ୟବସ୍ଥା କରିବେ।

କେବଳ ଫାଷ୍ଟ ଟ୍ରେକ୍ କୋର୍ଟ ଗଠିତ କରିଦେଲେ ଲୋକଙ୍କୁ ତ୍ୱରିତ ନ୍ୟାୟ ଓ ଦୋଷୀକୁ ତୁରନ୍ତ ଦଣ୍ଡ ମିଳିବ ତାର କୌଣସି ଗ୍ୟାରେଣ୍ଟି ନାହିଁ। କାରଣ ନ୍ୟାୟିକ ପ୍ରକ୍ରିୟା କେବଳ ଅଦାଲତ ଉପରେ ନିର୍ଭର କରିନଥାଏ। ଧିମା ଯାଞ୍ଚ ପ୍ରକ୍ରିୟା, ବିଳମ୍ବରେ ରିପୋର୍ଟ ପ୍ରଦାନ, ସାକ୍ଷ ଦେବାକୁ ଥିବା ବ୍ୟକ୍ତି, ଅଧିକାରୀଙ୍କ କ୍ରମାଗତ ଅନୁପସ୍ଥିତି, ଆଇନଗତ ଜଟିଳତା ଓ ଚାଲବାଜି ଯୋଗୁଁ ଶୁଣାଣିରେ ବାରମ୍ବାର ମୁଲତବୀ ଇତ୍ୟାଦି କାରଣରୁ କେସରେ ଠିକ୍ ସମୟରେ ଫଇସଲା ଆସେ ନାହିଁ। ବିଳମ୍ବ ଘଟିଥାଏ। ଫାଷ୍ଟ ଟ୍ରାକ୍ କୋର୍ଟରେ ଶୁଣାଣି ପରେ ମଧ୍ୟ ନିର୍ଭୟା ହତ୍ୟାକାଣ୍ଡ ମାମଲାର ଚୂଡାନ୍ତ ରାୟ ଆସିବାକୁ ସାତବର୍ଷ ସମୟ ଲାଗିଥିଲା। ତେଣୁ ଫାଷ୍ଟ ଟ୍ରେକ୍ କୋର୍ଟ ଗଠନ ସହିତ ସିଷ୍ଟମରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନ ଆବଶ୍ୟକ। ଦୁର୍ବଳ ତଦନ୍ତ ଯୋଗୁଁ ପେପର ଲିକ ମାମଲାରେ ଜଡ଼ିତ ଆରୋପିଙ୍କୁ ଅତି ସହଜରେ ଜମାନତ ମିଳିଯାଏ। ସେମାନେ ବାହାରକୁ ଆସି ପୁଣି ସେହି ଅନ୍ୟାୟ କରନ୍ତି। ପୁଣି ଗିରଫ୍ ହୋଇ ଜେଲ ଯାଆନ୍ତି ଓ ଅଳ୍ପ ଦିନ ପରେ ପୁଣି ଜମାନତରେ ବାହାରି ପୁଣି ସେହି କୁକର୍ମରେ ଲିପ୍ତ ରହନ୍ତି। ପ୍ରକ୍ରିୟା ବନ୍ଦ ହେବାର ନାଁ ଧରେନି। ଘୂରିଚାଲେ। ପେପର ଲିକ୍ ମାମଲାରେ ଅଭିଯୁକ୍ତ ଥିବା ଏମିତି ବ୍ୟକ୍ତି ମଧ୍ୟ ଅଛନ୍ତି ଯେଉଁମାନେ ଆମ ଦେଶ ପାଇଁ ଆଇନ ପ୍ରଣୟନ କରିବାକୁ ଜନତା ଦ୍ୱାରା ନିର୍ବାଚିତ ହୋଇଛନ୍ତି। ପବିତ୍ର ସଦନରେ ନିର୍ଭୟରେ ଉପବେଶିତ ଅଛନ୍ତି। ଯାହା ଅତ୍ୟନ୍ତ କ୍ଷୋଭ ଏବଂ ପରିତାପର ବିଷୟ।

ଅତଃ, ଫାଷ୍ଟ ଟ୍ରେକ୍ କୋର୍ଟ ଗଠନ ସହିତ ଶିକ୍ଷା ଓ ପରୀକ୍ଷାରେ ସଂସ୍କାର ଏବଂ ବ୍ୟବସ୍ଥାଗତ ପରିବର୍ତ୍ତନ ଏକାନ୍ତ ଆବଶ୍ୟକ। କଠୋରରୁ କଠୋର ଦଣ୍ଡ ଓ ତ୍ୱରିତ ନ୍ୟାୟ ପେପର ଲିକ୍ ବ୍ୟାଧିର ଉପଚାର ଏବଂ ଉପଶମ ହେବ ବୋଲି ଆଶା କରାଯାଏ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ- ୭୯୭୮୨୮୩୧୯୦

# ଶିଶୁ ସୁରକ୍ଷା ଏକ ସମ୍ମାନର ପ୍ରଶ୍ନ

## ଡକ୍ଟର ଲକ୍ଷ୍ମଣ ସାହୁ

"ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଶିଶୁ ପୀଡିତାଙ୍କ ସାକ୍ଷ୍ୟକୁ କିପରି ଦେଖାଯାଇ ମୂଲ୍ୟାଙ୍କନ କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି । ଚାଲାଣର ଶିକାର ହୋଇଥିବା ଶିଶୁମାନେ ଗୁରୁତର ମାନସିକ ଆଘାତର ସମ୍ମୁଖୀନ ହୁଅନ୍ତି । ପ୍ରତ୍ୟେକ ଘଟଣାର ସମ୍ପୂର୍ଣ୍ଣ ସ୍ୱଷ୍ଟତା ଓ ସ୍ଥିରତା ସହିତ ବର୍ଣ୍ଣନା କରିବାକୁ ସେମାନଙ୍କ ଠାରୁ ଆଶା କରିବା ବ୍ୟବହାରିକ କିମ୍ବା ମାନବିକ ନୁହେଁ । ଭୟ, ଆଘାତ ଓ ସମୟ ବିତିବା ଯୋଗୁଁ, ସେମାନଙ୍କ ସାକ୍ଷ୍ୟରେ କିଛି ଅସଙ୍ଗତି ରହିବା ସ୍ୱାଭାବିକ । କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଶିଶୁଙ୍କ ସାକ୍ଷ୍ୟ ଆଧାରରେ ଏପରି ଛୋଟ ଅସଙ୍ଗତିକୁ ଅବିଶ୍ୱସନୀୟ ବୋଲି ବିବେଚନା କରାଯିବା ଉଚିତ୍ ନୁହେଁ। ଏହା ମଧ୍ୟ କୁହାଯାଇଛି ଯେ ଯୌନ ଚାଲାଣର ଶିକାର ହୋଇଥିବା ଶିଶୁମାନେ ପ୍ରତ୍ୟକ୍ଷଦର୍ଶୀ ଓ ସେମାନଙ୍କ ସାକ୍ଷ୍ୟକୁ ପୂର୍ଣ୍ଣ ସମ୍ମାନ ଦିଆଯିବା ଉଚିତ୍ ।"

ଦେଶରେ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ଅନେକ ଆଇନ ଥିଲେ ମଧ୍ୟ ଶିଶୁ ଚାଲାଣ ଉପରେ କୌଣସି ନିୟନ୍ତ୍ରଣ ନାହିଁ। ଏହି ପରିସ୍ଥିତି ଗଭୀର ସାଂଗଠନିକ ବିଫଳତା ଓ ସାମାଜିକ ଉଦାସୀନତାକୁ ପ୍ରକାଶ କରେ। ଶିଶୁ ଚାଲାଣ ମାନବାଧିକାରର ଏକ ଖୋଲାଖୋଲି ଉଲ୍ଲଂଘନ ଓ ଏକ ବଡ଼ ଅପରାଧ । ଏହା କଠୋର ବାସ୍ତବତାର ଏକ ସ୍ପଷ୍ଟ ସ୍ମରଣ କରାଏ ଯେ ଯଦିଓ ଦାସତ୍ୱକୁ ଆଇନଗତ ଭାବରେ ଉଚ୍ଛେଦ କରାଯାଇଥାଇପାରେ, ତଥାପି ଏହା ନୂତନ ଓ ଭୟଙ୍କର ରୂପରେ ଅଭ୍ୟାସରେ ପରିଣତ ହୋଇରହିଛି । ଭାରତରେ ଯେଉଁଠି ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ଏକ ଦୃଢ଼ ସମ୍ବିଧାନ ଓ ଅନେକ ଆଇନ ଅଛି, ସେଠି ଶିଶୁ ଚାଲାଣ ଭଳି ଅପରାଧ ଉଚ୍ଚ ସାଂଗଠନିକ ବିଫଳତା ଓ ସାମାଜିକ ଉଦାସୀନତାକୁ ପ୍ରକାଶ କରିବା ଦୁର୍ଭାଗ୍ୟଜନକ । ଗତ ବର୍ଷ ଡିସେମ୍ବରରେ ସୁପ୍ରିମକୋର୍ଟଙ୍କ ଏକ ଐତିହାସିକ ରାୟ ଏହି ଭୟଙ୍କର ସତ୍ୟ ପ୍ରତି ଦେଶର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲା । ଶିଶୁ ଚାଲାଣକୁ ବଡ଼ ସମସ୍ୟା ଭାବରେ ବର୍ଣ୍ଣନା କରି, ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଥିଲେ ଯେ ସଂଗଠିତ ଦଳଗୁଡ଼ିକ ଶିଶୁଙ୍କ ଅଧିକାରକୁ ଉଲ୍ଲଂଘନ ଓ ଶୋଷଣ କରିଚାଲିଛନ୍ତି ।

ସୁପ୍ରିମକୋର୍ଟ ମାମଲା ବେଙ୍ଗାଲୁରୁରେ ଏକ ସଂଗଠିତ ଗ୍ୟାଙ୍ଗ ଦ୍ୱାରା ଜଣେ ନାବାଳକଙ୍କ ଯୌନ ଶୋଷଣ ସହିତ ଜଡ଼ିତ । କୋର୍ଟ ଅନୈତିକ ଟ୍ରାଫିକ (ନିବାରଣ) ଆଇନ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିବା ସହିତ, କହିଛନ୍ତି ଯେ ଏପରି ଅପରାଧ ସିଧାସଳଖ ମାନବିକ ମର୍ଯ୍ୟାଦାର ମୂଳଦୁଆକୁ ଓ ପ୍ରତ୍ୟେକ ଶିଶୁକୁ ଶୋଷଣରୁ ସୁରକ୍ଷା ଦେବା ପାଇଁ ରାଜ୍ୟର ସାମ୍ବିଧାନିକ ପ୍ରତିବଦ୍ଧତା ଉପରେ ଆଘାତ କରେ । ଏକଥା ମଧ୍ୟ ସ୍ପଷ୍ଟ କରିଛି ଯେ ଚାଲାଣ ନେଟୱାର୍କଗୁଡ଼ିକ ବହୁ-ସ୍ତରୀୟ ଗଠନ ମାଧ୍ୟମରେ କାର୍ଯ୍ୟ କରେ । ଯେଉଁଥିରେ ଶୋଷିତ ଶିଶୁ ମଧ୍ୟ ଅନ୍ତର୍ଭୁକ୍ତ। ଏହି ଗ୍ୟାଙ୍ଗଗୁଡ଼ିକ ପ୍ରାୟତଃ ଦାରିଦ୍ର୍ୟ, ଅସମାନତା, ପ୍ରବାସ ଓ ପ୍ରଶାସନିକ ଓ ସାମାଜିକ-ଆର୍ଥିକ ଦୁର୍ବଳତାକୁ ଶୋଷଣ କରନ୍ତି ।

ଏହି ନିଷ୍ପତ୍ତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଶିଶୁ ପୀଡିତାଙ୍କ ସାକ୍ଷ୍ୟକୁ କିପରି ଦେଖାଯାଇ ମୂଲ୍ୟାଙ୍କନ କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି । ଚାଲାଣର ଶିକାର ହୋଇଥିବା ଶିଶୁମାନେ ଗୁରୁତର ମାନସିକ ଆଘାତର ସମ୍ମୁଖୀନ ହୁଅନ୍ତି । ପ୍ରତ୍ୟେକ ଘଟଣାର ସମ୍ପୂର୍ଣ୍ଣ ସ୍ୱଷ୍ଟତା ଓ ସ୍ଥିରତା ସହିତ ବର୍ଣ୍ଣନା କରିବାକୁ ସେମାନଙ୍କ ଠାରୁ ଆଶା କରିବା ବ୍ୟବହାରିକ କିମ୍ବା ମାନବିକ ନୁହେଁ । ଭୟ, ଆଘାତ ଓ ସମୟ ବିତିବା ଯୋଗୁଁ, ସେମାନଙ୍କ ସାକ୍ଷ୍ୟରେ କିଛି ଅସଙ୍ଗତି ରହିବା ସ୍ୱାଭାବିକ । କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଶିଶୁଙ୍କ ସାକ୍ଷ୍ୟ ଆଧାରରେ ଏପରି ଛୋଟ ଅସଙ୍ଗତିକୁ ଅବିଶ୍ୱସନୀୟ ବୋଲି ବିବେଚନା କରାଯିବା ଉଚିତ୍ ନୁହେଁ। ଏହା ମଧ୍ୟ କୁହାଯାଇଛି ଯେ ଯୌନ ଚାଲାଣର ଶିକାର ହୋଇଥିବା ଶିଶୁମାନେ ପ୍ରତ୍ୟକ୍ଷଦର୍ଶୀ ଓ ସେମାନଙ୍କ ସାକ୍ଷ୍ୟକୁ ପୂର୍ଣ୍ଣ ସମ୍ମାନ ଦିଆଯିବା ଉଚିତ୍ ।

ଦୋଷୀ ସାବ୍ୟସ୍ତ ହେବାର ହାର କମ ହେବା ପଛରେ ଏକ ପ୍ରମୁଖ କାରଣ ହେଉଛି ପ୍ରଶିକ୍ଷିତ ମାନବ ସମ୍ବଳର ଅଭାବ। ମାନବ ଚାଲାଣ ବିରୋଧୀ ୟୁନିଟ୍‌ର ଅଭାବ ରହିଛି। ଯଦିଓ ଅନେକ ରାଜ୍ୟରେ ଏପରି ୟୁନିଟ୍ ପ୍ରତିଷ୍ଠିତ ହୋଇଛି, ସେମାନେ କର୍ମଚାରୀ ଅଭାବ, ଅପର୍ଯ୍ୟାପ୍ତ ତାଲିମ, ଆନ୍ତଃରାଜ୍ୟ ସମନ୍ୱୟର ଅଭାବ ଓ ସୀମିତ ସମ୍ବଳ ସହିତ ସଂଘର୍ଷ କରୁଛନ୍ତି। ଅନେକ କ୍ଷେତ୍ରରେ ତଦନ୍ତର ଗୁଣବତ୍ତା ଏତେ ଖରାପ ଯେ ମାମଲା କୋର୍ଟରେ ଠିଆ ହୋଇପାରୁନାହିଁ । ଯଦି ଆମେ ବର୍ତ୍ତମାନର ପରିସ୍ଥିତି ଉପରେ ନଜର ପକାଇବା, ତେବେ ବାସ୍ତବତା ବହୁତ ଓ ଏହା ନିରାଶାଜନକ । ଡିଜିଟାଲ୍ ଓ ଆର୍ଥିକ ପ୍ରମାଣ ସଂଗ୍ରହ କରିବାରେ ଅସମର୍ଥତା, ସାକ୍ଷୀମାନେ ପ୍ରତିପକ୍ଷ ପାଲଟିଯିବା ଓ ବର୍ଷ ବର୍ଷ ଧରି କୋର୍ଟ କାର୍ଯ୍ୟଧାରା ପୀଡିତ ପିଲାମାନଙ୍କ ପାଇଁ ଏକ ବଡ଼ ବିପଦ ।

ବିଶେଷ କରି ସେମାନଙ୍କ ପରିବାରକୁ ମାନସିକ ଭାବରେ ଭାଙ୍ଗି ପକାଏ । ପୋଲିସ ଓ ପ୍ରସିକ୍ୟୁସନ୍ ବ୍ୟବସ୍ଥାରେ ସାଂରଚନିକ ସଂସ୍କାର ନକଲେ ପୀଡିତମାନେ ସମୟୋଚିତ ଓ ସମ୍ପୂର୍ଣ୍ଣ ନ୍ୟାୟ ପାଇବେ ନାହିଁ । ପ୍ରାୟତଃ ଶିଶୁ ଚାଲାଣକୁ ଯୌନ ଶୋଷଣ ପର୍ଯ୍ୟନ୍ତ ସୀମିତ ଭାବରେ ଦେଖାଯାଏ । ଯେତେବେଳେ ଏହାର ଅନ୍ୟାନ୍ୟ ରୂପଗୁଡ଼ିକ ସମାନ ଭାବରେ ଭୟଙ୍କର ହୋଇ ପଡ଼ିଛି ସେତେବେଳେ ବହୁ ସଂଖ୍ୟକ ଶିଶୁ ବାଧ୍ୟତାମୂଳକ ଶିଶୁ ଶ୍ରମିକ, ଘରୋଇ ଦାସତ୍ୱ, ଭିକ୍ଷାବୃତ୍ତି, ଅବୈଧ ପୋଷ୍ୟ ଗ୍ରହଣ ଓ ବାଲ୍ୟବିବାହ ଭଳି ଅପରାଧରେ ଚାଲାଣର ଶିକାର ମଧ୍ୟ ହୁଅନ୍ତି । ସେହି ପିଲାମାନଙ୍କୁ କାରଖାନା, ଫାର୍ମ, ନିର୍ମାଣ ସ୍ଥଳ ଓ ଘରେ ବିପଦପୂର୍ଣ୍ଣ ଅବସ୍ଥାରେ କାମ କରିବାକୁ ବାଧ୍ୟ କରାଯାଏ । ସେମାନେ ସମାଜର ଦୃଷ୍ଟିରୁ ବାହାରେ ରୁହନ୍ତି ଓ ପ୍ରାୟତଃ ଆଇନଗତ ସୁରକ୍ଷାରୁ ବଞ୍ଚିତ ହୁଅନ୍ତି ।

ଶିଶୁ ଚାଲାଣ ମୁକାବିଲା ପାଇଁ ଉଦ୍ଧାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏହା କେବଳ ପ୍ରଥମ ପଦକ୍ଷେପ । ପ୍ରାୟତଃ, ଶିଶୁମାନଙ୍କୁ ସେହି ସାମାଜିକ-ଆର୍ଥିକ ପରିସ୍ଥିତିକୁ ଫେରାଇ ଦିଆଯାଏ ଯାହା ସେମାନଙ୍କ ଚାଲାଣକୁ ନେଇଥିଲା, ଯାହା ସେମାନଙ୍କୁ ପୁନଃ ଚାଲାଣ ପାଇଁ ଦୁର୍ବଳ କରିଦିଏ । ପ୍ରକୃତରେ କ୍ଷତିପୂରଣ ସେମାନଙ୍କର ଭାବପ୍ରବଣ କ୍ଷତକୁ ସୁସ୍ଥ କରିବା ପାଇଁ ଯଥେଷ୍ଟ ନୁହେଁ । ସେମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ତାଲିମ ଓ ସାମାଜିକ ଗ୍ରହଣୀୟତା ଅତି ଆବଶ୍ୟକ । ଦୁର୍ଭାଗ୍ୟବଶତଃ ଦୁର୍ବଳ ତଦାରଖ ଯୋଗୁଁ ଅନେକ ପୁନର୍ବାସ ଗୃହ କେତେକ ସମୟରେ ଶୋଷଣର କେନ୍ଦ୍ର ପାଲଟିଯାଏ। ତେଣୁ, ଶିଶୁ ଚାଲାଣ ବିରୁଦ୍ଧରେ ଯେକୌଣସି ପ୍ରଭାବଶାଳୀ ରଣନୀତିର ମୂଳଦୁଆ ହେବା ଆବଶ୍ୟକ।

ପିଲାମାନଙ୍କର ଗୁଣାତ୍ମକ ଓ ସାର୍ବଜନୀନ ଶିକ୍ଷାର ପ୍ରବେଶ ସୁନିଶ୍ଚିତ କରିବା ହେଉଛି ସବୁଠାରୁ ଶକ୍ତିଶାଳୀ ପ୍ରତିରୋଧକ ପଦକ୍ଷେପ । ଶିକ୍ଷା ଅଧିକାର ଆଇନ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାର ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ପ୍ରବାସୀ, ଆଦିବାସୀ ଓ ସହରାଞ୍ଚଳ ଗରିବ ସମ୍ପ୍ରଦାୟ ମଧ୍ୟରେ ପାଠପଢ଼ା ଛାଡିବା ହାର ଅଧିକ ରହିଛି । ସ୍କୁଲ ବାହାରେ ଥିବା ପିଲାମାନେ ଚାଲାଣକାରୀଙ୍କ ପାଇଁ ଦୁର୍ବଳ ଲକ୍ଷ୍ୟ ପାଲଟିଛନ୍ତି । ପ୍ରଯୁକ୍ତିବିଦ୍ୟା ବିକାଶ ଶିଶୁ ଚାଲାଣକୁ ରୂପାନ୍ତରିତ କରିଛି । ଚାଲାଣକାରୀମାନେ ଏବେ ସୋସିଆଲ ମିଡିଆ ପ୍ଲାଟଫର୍ମ, ମେସେଜିଂ ଆପ୍ ଓ ଅନଲାଇନ୍ ଚାକିରି ପୋର୍ଟାଲ୍ ମାଧ୍ୟମରେ ପିଲାମାନଙ୍କୁ ପ୍ରଲୋଭିତ କରନ୍ତି । ଏହି ଅପରାଧ ଗୁଡ଼ିକର ମୁକାବିଲା ପାଇଁ ଉନ୍ନତ ସାଇବର କ୍ଷମତା, ଆନ୍ତର୍ଜାତୀୟ ସହଯୋଗ ଓ ଚାଲାଣକାରୀଙ୍କ ନେଟୱାର୍କକୁ ଚିହ୍ନଟ ଓ ବାଧା ଦେବା ପାଇଁ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକ ସହିତ ସହଭାଗୀତା ଆବଶ୍ୟକ ।

ଏହି ସମ୍ପୂର୍ଣ୍ଣ ଲଢ଼େଇରେ ସମାଜର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଅଣ-ସରକାରୀ ସଂଗଠନ, ସମ୍ପ୍ରଦାୟ ଗୋଷ୍ଠୀ, ଶିକ୍ଷକ ଓ ଗଣମାଧ୍ୟମ ଦୁର୍ବଳ ପିଲାମାନଙ୍କୁ ଚିହ୍ନଟ କରିବାରେ, ସଚେତନତା ପ୍ରସାର କରିବାରେ ଓ ପ୍ରଶାସନକୁ ଦାୟୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ । ତଥାପି ଏହା ମଧ୍ୟ ସତ୍ୟ ଯେ ନାଗରିକ ସମାଜ ସରକାରଙ୍କ ଦାୟିତ୍ୱକୁ ବଦଳାଇ ପାରିବ ନାହିଁ । ଏହାର ପ୍ରୟାସକୁ ପ୍ରଭାବଶାଳୀ କରିବା ପାଇଁ ସରକାରୀ ସମର୍ଥନ, ଆର୍ଥିକ ସମ୍ବଳ ଓ ସଂସ୍ଥାଗତ ସହଯୋଗ ଅତ୍ୟାବଶ୍ୟକ । ଶିଶୁ ଦାରିଦ୍ର୍ୟ କେବଳ ଏକ ଆଇନ ଶୃଙ୍ଖଳା ସମସ୍ୟା ନୁହେଁ । ବରଂ ସାମାଜିକ-ଆର୍ଥିକ ଅସମାନତା ଓ ନୈତିକ ବିଫଳତାର ପ୍ରତିଫଳନ । ଏହାକୁ ମୁକାବିଲା କରିବା ପାଇଁ ସ୍ଥାୟୀ ରାଜନୈତିକ ଇଚ୍ଛାଶକ୍ତି, ନ୍ୟାୟିକ ସମ୍ବେଦନଶୀଳତା ଓ ସକ୍ରିୟ ନାଗରିକ ଅଂଶଗ୍ରହଣ ଆବଶ୍ୟକ । ଯଦି ଭାରତ ଶିଶୁ ସୁରକ୍ଷା ସହିତ ଜଡିତ ଏହାର ସାମ୍ବିଧାନିକ ପ୍ରତିଶ୍ରୁତି ଓ ଦାୟିତ୍ୱ ପୂରଣ କରିବାକୁ ଚାହେଁ, ତେବେ ଏହାକୁ ପ୍ରତୀକାତ୍ମକ ପଦକ୍ଷେପ ଓ ବିକ୍ଷିପ୍ତ ପ୍ରୟାସରୁ ଆଗକୁ ବଢ଼ିବାକୁ ପଡିବ। ଏହାକୁ ଏପରି ଏକ ଭବିଷ୍ୟତ ପାଇଁ ମୂଳଦୁଆ ପକାଇବାକୁ ପଡିବ ଯେଉଁଠାରେ ପ୍ରତ୍ୟେକ ପିଲା ସମ୍ମାନ, ସୁରକ୍ଷା ଏବଂ ସୁଯୋଗ ସହିତ ବଢ଼ିପାରିବ...!!!

କଟକ -୪
ମୋ: ୯୦୪୦ ୧୫୧୪୭୫

## ଓଡ୍ରାଫ୍ ସହାୟତାରେ ଗର୍ଭବତୀ ଉଦ୍ଧାର

ଭଦ୍ରକ,୩୦ /୭(ନିପ୍ର): ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ଯୋଗୁଁ ଆଜି ଜଣେ ପ୍ରସବ ବେଦନାରେ ପୀଡ଼ିତ ଗର୍ଭବତୀ ମହିଳାଙ୍କୁ ସଫଳତାର ସହ ଉଦ୍ଧାର କରାଯାଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି ।ଉଦ୍ଧାର ହୋଇଥିବା ଗର୍ଭବତୀ ମହିଳା ହେଲେ ଶ୍ରୀମତୀ ସବିନା ଖାତୁନ (୨୨) । ସେ ଧାମନଗର ବ୍ଲକର ଦୋବଲ ଗ୍ରାମର ଶେଖ ରୋସନଙ୍କ ପତ୍ନୀ । ସବିନା ନିଜ



ପିତାଙ୍କ ଘରକୁ ଯାଜପୁରରୁ ଆସିଥିବା ବେଳେ ଆଜି ସନ୍ଧ୍ୟା ପ୍ରାୟ ୫ଟା ସମୟରେ ପ୍ରସବ ବେଦନା ଆରମ୍ଭ ହୋଇଥିଲା ।ଖବର ପାଇବା ପରେ ଧାମନଗର ସିଏଚସିର ଅଧୀକ୍ଷକ ଡା. ମନମୟ ସାମନ୍ତସିଂହାର ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଓଡ୍ରାଫ୍ ଟିମ୍‌ର ସହଯୋଗରେ ସବିନା ଖାତୁନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଧାମନଗର ସିଏଚସିରେ ଭର୍ତ୍ତି କରାଯାଇଥିଲା ବନ୍ୟା ପରିସ୍ଥିତିରେ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଠିକ୍ ସମୟରେ ଚିକିତ୍ସା ସେବା ଯୋଗାଇଥିଲେ ।

## ପାଣି ଯିବା ପାଇଁ ରାସ୍ତା କଡ଼ରୁ ଜେସିବି ଦ୍ୱାରା ଅଳିଆ କଢ଼ାଗଲା

ରାଉରକେଲା,୩୦ ।୭ (ନିପ୍ର): ରାସ୍ତା କଡ଼ରେ ପଡିରହିଥିବା ଅଳିଆକୁ ଜେସିବି ଦ୍ୱାରା ରାଉରକେଲା ମହାନଗର ନିଗମ ପକ୍ଷରୁ ଉଠାଯିବା ପରେ ପାଣି ନିଷ୍କାସନ ସୁରୁଖୁରୁରେ ହୋଇପାରିଛି । ଲଘୁଚାପ ଯୋଗୁଁ ରାଉରକେଲା ସହରରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଇସ୍ପାତ ସହରାଞ୍ଚଳ ଏବଂ ରାଉରକେଲା ସହର ସମେତ ଜନବସତି ଅଞ୍ଚଳରେ ବର୍ଷା ପାଣି ଘର ଭିତରେ ପ୍ରବେଶ କରିଥିଲା । ବର୍ଷାପାଣି ବିଭିନ୍ନ ଜନବସତି ଅଞ୍ଚଳରେ ପ୍ରବେଶ କରିଥିଲା । ବିଶେଷକରି ପାନପୋଷର ଜଗନ୍ନାଥ କଲୋନୀ, ଗୋପବନ୍ଧୁପାଲି ଖଟାଲ ବସ୍ତି, ରାଉରକେଲା ରେଳ ଷ୍ଟେସନର ପଞ୍ଚମ ଫାଟକ ସମ୍ମୁଖ ଜନବସତି, ଟିସିଆଇ ଛକ ନିକଟସ୍ଥ ବସ୍ତି, ବାଲୁଘାଟ ବସ୍ତିରେ ପ୍ରବଳ ବର୍ଷା ଯୋଗୁଁ ବର୍ଷା ପାଣି ପ୍ରବେଶ କରିଥିଲା । ଏଥିସହିତ ଆରଏସପି ଡମ୍ପିଂ ୟାର୍ଡକୁ ଯାଇଥିବା ରାସ୍ତା କଡ଼ରେ ଥିବା ପାଚେରୀ ମଧ୍ୟ ଭୁଶୁଡ଼ି ପଡ଼ିଥିଲା । ଅନେକ ସ୍ଥାନରେ ଆରଏସପି ପାଚେରୀ ତଳ ଅଂଶରୁ ପାଣି ବାହାରି ରାସ୍ତା ଉପରେ ପ୍ରବାହିତ ହୋଇ ଡମ୍ପିଂ ୟାର୍ଡରୁ ରାଉରକେଲାକୁ ଯାଉଥିବା ରାସ୍ତା ଉପରେ ପାଣି ମଧ୍ୟ



ପ୍ରବାହିତ ହେଉଛି । ଫଳରେ ସେହି ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ପାଇଁ ବହୁତ ଅସୁବିଧା ସୃଷ୍ଟି ହେଉଛି ବୋଲି ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ, ଆରଏସପି ପକ୍ଷରୁ ଆଜି ଜେସିବି ସାହାଯ୍ୟରେ ସଫେଇ କାର୍ଯ୍ୟ କରାଯାଇଛି । ରିଙ୍ଗ ରୋଡ୍ ପାର୍ଶ୍ୱରେ ଥିବା ଡମ୍ପିଂ ୟାର୍ଡରୁ ଫର୍ଟିଲାଇଜରକୁ ଯାଇଥିବା ରାସ୍ତାରେ ଜମା ହୋଇଥିବା ଅଳିଆକୁ ଆଜି ସଫା କରାଯାଇଛି । ଅଳିଆ ସଫା କରାଯିବା ପରେ ଜମା ହୋଇ ରହିଥିବା ପାଣି ନିଷ୍କାସନ ମଧ୍ୟ କରାଯାଇଥିଲା । ଏହା ରାସ୍ତାରେ ଯାଉଥିବା ଲୋକଙ୍କୁ ଆଶ୍ୱସ୍ତି ଦେଇଛି । ପ୍ରତିଦିନ ହଜାର ହଜାର ଲୋକ ଡମ୍ପିଂ ୟାର୍ଡକୁ ଯାଉଥିବା ଆରଏସପି କର୍ମଚାରୀଙ୍କ ସମେତ ଫର୍ଟିଲାଇଜର ଦେଓଗାଁ ଏବଂ ଲାଠିକଟା ଯାଉଥିବା ଲୋକମାନେ ବହୁତ ଆଶ୍ୱସ୍ତି ପାଇଥିଲେ । ଛୋଟ ଯାନବାହନ ସହିତ ବାଇକ୍ ଆରୋହୀମାନେ ଉକ୍ତ ଅଞ୍ଚଳକୁ ଯିବା ପାଇଁ ଏହି ରାସ୍ତା ବ୍ୟବହାର କରିଥାନ୍ତି । ଲୋକମାନେ ଆରଏସପିର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ ।

## ରାସ୍ତା ସମ୍ପ୍ରସାରଣ ନେଇ ଜଗଦାରେ ଗ୍ରାମସଭା

ରାଉରକେଲା,୩୦ ।୭ (ନିପ୍ର); ସହରର ଝିରପାଣି ଠାରୁ ଜଗଦା ମୌଜାର ସାରନା ଛକ ଓ ଡାମିଟସ୍ କଲେଜ ଦେଇ ବନ୍ଧମୁଣ୍ଡା ପର୍ଯ୍ୟନ୍ତ ଯାଇଥିବା ରାସ୍ତା ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତକୁ ନେଇ ଆଜି ଜଗଦା ପାଡହା ଗୃହରେ ଏକ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜଗଦା ପାଡହା ଗୃହରେ ଆୟୋଜିତ ଏହି ଗ୍ରାମସଭା ବୈଠକରେ ଜଗଦା ଗ୍ରାମବାସୀ, ରାଉରକେଲା ପୂର୍ତ୍ତ ବିଭାଗ (ଆର୍ ଆଣ୍ଡ ବି) ପ୍ରତିନିଧିମାନଙ୍କ ସମେତ ରାଉରକେଲା ମହାନଗର ନିଗମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଜଗଦା ଗ୍ରାମର ସମାଜସେବୀ କାହ୍ନୁ ଖାଲଖୋଙ୍କ ନେତୃତ୍ୱରେ ଆୟୋଜିତ ଏହି ଗ୍ରାମସଭା ବୈଠକରେ ରାଉରକେଲା ପୂର୍ତ୍ତ ବିଭାଗ (ଆର୍ ଆଣ୍ଡ ବି)ର କନିଷ୍ଠ ଯନ୍ତ୍ରୀ ରାଜୁବ୍ କାକ୍, ପ୍ରମୋଦ କୁମାର ମାହାନ୍ତ, ରାଉରକେଲା ମହାନଗର ନିଗମ (ଆର୍ ଏମ୍ ସି)ପକ୍ଷରୁ ପ୍ରଶାନ୍ତ କୁମାର ତ୍ରିପାଠୀ, ଶ୍ରୀମତୀ ନିର୍ମଳା ବେହେରା ଓ ପ୍ରଭାତ କୁମାର ମାହାନ୍ତ ଏବଂ ଜଗଦା ଗ୍ରାମବାସୀଙ୍କ ପକ୍ଷରୁ ନେତୃତ୍ୱ ନେଇଥିଲେ ସମାଜସେବୀ କାହ୍ନୁ ଖାଲକୋ, ବିରୁଆ ଓରାମ୍, କର୍ମା କିସପଟ୍ଟାଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀ ।

ଏହି ଗ୍ରାମସଭା ବୈଠକରେ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ ସମାଜସେବୀ କାହ୍ନୁ ଖାଲକୋ । ଗ୍ରାମସଭା ବୈଠକରେ ସର୍ବସମ୍ମତି କ୍ରମେ ଆର ଆଣ୍ଡ ବି କନିଷ୍ଠ ଯନ୍ତ୍ରୀ (ଜେ.ଇ.) ରାଜୁ କାକଙ୍କୁ ସଭାରେ ସଭାପତିତ୍ୱ କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା । ଏହାକୁ ଗ୍ରାମବାସୀମାନଙ୍କ ସର୍ବସମ୍ମତି କ୍ରମେ କର୍ମା କିସପଟ୍ଟା ସମର୍ଥନ ଜଣାଇଥିଲେ । ସଭାପତିଙ୍କ ଅନୁମତି କ୍ରମେ ଗ୍ରାମସଭାରେ ସର୍ବପ୍ରଥମେ ଆର୍ ଆଣ୍ଡ ବି ପ୍ରତିନିଧି ପ୍ରଭାତ କୁମାର ମାହାନ୍ତ ଗ୍ରାମବାସୀମାନଙ୍କୁ ସେମାନଙ୍କର ଜମି ଛାଡିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ଝିରପାଣିଠାରୁ ବନ୍ଧମୁଣ୍ଡାକୁ ଜଗଦା ମୌଜାର ସାରନା ଛକ ଦେଇ ଏବଂ ଡାମିସ୍ କଲେଜ ଦେଇ ପୂର୍ତ୍ତ ବିଭାଗ (ଆର୍ ଆଣ୍ଡ ବି) ଦ୍ୱାରା ରାସ୍ତା ତିଆରି ପାଇଁ ଜଗଦା ମୌଜାର ରୟତମାନଙ୍କ ସତ୍ତ୍ୱରେ ହୋଇଥିବା ଜମି ଅଧିଗ୍ରହଣ ବାବଦରେ କ୍ଷତିପୂରଣ ପାଉଣା ଦେବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସୂଚନା ଦେଇଥିଲେ । ଗ୍ରାମବାସୀମାନଙ୍କ କୌଣସି ଆପତ୍ତି ଅଭିଯୋଗ ଥିଲେ ଜଣାଇବା ପାଇଁ ଏହି ବୈଠକରେ ଅନୁରୋଧ କରାଯାଇଥିଲା । ଜଗଦା ଗ୍ରାମର ସମସ୍ତ ଗ୍ରାମବାସୀ ସ୍ୱଇଚ୍ଛାରେ କୌଣସି ଆପତ୍ତି ଅଭିଯୋଗ ନଥିବା ଏହି ଗ୍ରାମସଭାରେ ଜଣାଇଥିଲେ । ପରିଶେଷରେ କାହ୍ନୁ ଖାଲଖୋ ଗ୍ରାମବାସୀ ଆର୍ ଆଣ୍ଡ ବି ପ୍ରତିନିଧି, ରାଉରକେଲା ମହାନଗର ନିଗମ ପ୍ରତିନିଧି ଏବଂ ଗ୍ରାମବାସୀ ସଭାଟିକୁ ଆନ୍ତରିକତାର ସହିତ ସଫଳ କରିଥିବାରୁ ସମସ୍ତଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାରୋ ଦହପାଣିଆ ସାଇକ୍ଲୋନ୍ ସେଲ୍ଟରରେ ବନ୍ୟା ପୀଡ଼ିତଙ୍କୁ ଖାଦ୍ୟ ବଣ୍ଟନ

ଭଦ୍ରକ, ୩୦/୭ (ନିପ୍ର): ଭଦ୍ରକ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ତିହିଡ଼ି ବ୍ଲକ୍‌ର ବାରୋ ଦହପାଣିଆ ସାଇକ୍ଲୋନ୍ ଶେଲ୍ଟରରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି । ଆଶ୍ରୟସ୍ଥଳୀରେ ରହୁଥିବା ପ୍ରତ୍ୟେକ ପରିବାରଙ୍କୁ ନିୟମିତ ଭାବେ ଖାଦ୍ୟ ଓ ଆବଶ୍ୟକୀୟ ସହାୟତା ସାମଗ୍ରୀ ଯୋଗାଇ ଦିଆଯାଉଛି । ସେହିପରି ପ୍ରଶାସନ ପକ୍ଷରୁ ଆଶ୍ରିତମାନଙ୍କ ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ଉପରେ ନିରନ୍ତର ନଜର ରଖାଯାଉଛି । ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ସମସ୍ତ ପ୍ରକାର ସହାୟତା ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି ।

## ଆଦର୍ଶ ଥାନାରେ ବୁଦ୍ଧିଜୀବୀ ବରିଷ୍ଠ ନାଗରିକଙ୍କ ବୈଠକ

ପାରଳାଖେମୁଣ୍ଡି,୩୦ ।୭ (ନିପ୍ର);ସ୍ଥାନୀୟ ଆଦର୍ଶ ଥାନା ପରିସରରେ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ସଚେତନତା ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଆଦର୍ଶ ଥାନା ଅଧିକାରୀ ଏବଂ ଟ୍ରାଫିକ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଇବର୍ ସୁରକ୍ଷା, ଟ୍ରାଫିକ ସଚେତନତା, ନିଶା ନିବାରଣ ଏବଂ ଅପରାଧ ନିୟନ୍ତ୍ରଣ ଭଳି ବିଭିନ୍ନ ସମସାମୟିକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସଭାରେ ଉପସ୍ଥିତ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ସହରର ଆଇନ-ଶୃଙ୍ଖଳା, ଟ୍ରାଫିକ ପରିଚାଳନା, ସାଇବର୍ ଠକେଇ ରୋକିବା ସହ ନିଶା କାରବାର ଉପରେ କଡ଼ା ନଜର ରଖିବା ସମ୍ପର୍କରେ ବିଭିନ୍ନ ପରାମର୍ଶ ଓ ମତାମତ ରଖିଥିଲେ । ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ପୁଲିସ ଜନତା ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଆଦର୍ଶ ଥାନା ଅଧିକାରୀ ସଭାରେ ଉଠାଯାଇଥିବା ବିଭିନ୍ନ ପ୍ରସ୍ତାବ ଓ ସମସ୍ୟାର ଯଥାସମ୍ଭବ ସମାଧାନ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲରେ କେନ୍ଦ୍ରୀୟ ପରୀକ୍ଷାଗାର ଉଦ୍‌ଘାଟିତ

ଯାଜପୁର,୩୦ ।୭ (ନିପ୍ର); ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଯାଜପୁର ର କେନ୍ଦ୍ରୀୟ ପରୀକ୍ଷାଗାରକୁ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ଯାଜପୁର ଅମ୍ବର କୁମାର କର ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ଼ା. ଜାମି ସାଗର ପୃଷ୍ଟି, ଅଧୀକ୍ଷକ, ଡ଼ା.ନଗେନ୍ଦ୍ର ନାଥ ମହାପାତ୍ର, ସିଡିଏମ୍ ଓ ପିଏଚଓ, ଯାଜପୁର, ଡ଼ା. ମନୋଜ କୁମାର ସେନାପତି, ଡିଏମ୍ଓ-କମ୍-ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର, ଡ଼ା. ସୁଜିତ କୁମାର ସ୍ୱାଇଁ, ପାଥୋଲୋଜି ବିଶେଷଜ୍ଞ, ପ୍ରଫେସର ରାକେଶ କୁମାର ପଣ୍ଡା, ବିଭାଗୀୟ ମୁଖ୍ୟ, ମାଇକ୍ରୋବାୟୋଲୋଜି, ପ୍ରଫେସର ପ୍ରଣତି ପ୍ରଧାନ, ବିଭାଗୀୟ ମୁଖ୍ୟ, ପାଥୋଲୋଜି; ପ୍ରଫେସର ପ୍ରଜ୍ଞାନ ପ୍ରିୟଦର୍ଶିନୀ ଦାସ, ବାୟୋକେମିଷ୍ଟ୍ରି ବିଭାଗ; ସମସ୍ତ କ୍ଲିନିକାଲ ବିଭାଗର ମୁଖ୍ୟ, ହସ୍ପିଟାଲ ମ୍ୟାନେଜର, ସେକ୍ସନ ଅଫିସର, ଆକାଉଣ୍ଟସ୍ ଅଫିସର, ଲାବୋରେଟୋରି ଟେକ୍ନିକାଲ ଅଫିସର, ଲାବୋରେଟୋରି ଟେକ୍ନିସିଆନ୍ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଏହି କେନ୍ଦ୍ରୀୟ ପରୀକ୍ଷାଗାର ମାଧ୍ୟମରେ ରୋଗୀମାନଙ୍କୁ ଉନ୍ନତମାନର ରୋଗ ନିର୍ଣ୍ଣୟ ସେବା ଏକ ସ୍ଥାନରେ ଉପଲବ୍ଧ ହେବ, ଯାହା ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବ । ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଏହି କେନ୍ଦ୍ରୀୟ ପରୀକ୍ଷାଗାରରେ ରୋଗୀମାନଙ୍କ ପାଇଁ ସମସ୍ତ ଦିବସରେ ସେବା ଉପଲବ୍ଧ ରହିବ । ନମୁନା ସଂଗ୍ରହ ସମୟ ସକାଳ ୮.୩୦ ଘଟିକାରୁ ଦିନ ୧.୦୦ ଘଟିକା ପର୍ଯ୍ୟନ୍ତ ଏବଂ ପରୀକ୍ଷା ରିପୋର୍ଟ ବିତରଣ ସମୟ ଅପରାହ୍ନ ୩.୦୦ ଘଟିକାରୁ ୪.୦୦ ଘଟିକା ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇଛି ।

## ସୋରଡ଼ା ରାସ୍ତା ପାଲଟିଛି ମରଣଯନ୍ତା, ୪ବର୍ଷ ହେଲାଣି ସରୁନି ରାସ୍ତା କାମ

ଆସିକା,୩୦ ।୭ (ନିପ୍ର); ଭଞ୍ଜନଗର ପୂର୍ତ୍ତ ବିଭାଗ ଡିଭିଜନ ଅଧୀନ ଗାଙ୍ଗପୁର ଓ ସୋରଡ଼ା ସେକ୍ସନ ର ୨୪ କିମି ଓ.ଡି.ଆର ରୋଡ ନିର୍ମାଣ ପାଇଁ ୨୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ରେ ଏହି ରାସ୍ତା ତିଆରି କରିବା ପାଇଁ ଦୁଇ ବର୍ଷ ପୂର୍ବରୁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲା । ଏହି ରାସ୍ତା ନିର୍ମାଣ ପାଇଁ ବ୍ରହ୍ମପୁର ସାମନ୍ତରାୟ କାନଷ୍ଟ୍ରାକ୍ସନ କୁ ଟେଣ୍ଡର ଦିଆ ଯାଇଥିଲା । ବିଭାଗୀୟ ଚୁକ୍ତି ମୁତାବକ ଏହି କମ୍ପାନୀ ୨୦୨୨ ଅକ୍ଟୋବର ସୁଦ୍ଧା ଝଗଡେଇ ନିକଟ ମଙ୍ଗଳପୁର ଛକରୁ ଭାୟା ଜାହାଡା ଦେଇ ସୋରଡ଼ା ନୂଆଗାଁ ଛକ ପର୍ଯ୍ୟନ୍ତ ଦୀର୍ଘ ୨୪ କିମି ରାସ୍ତା କାର୍ଯ୍ୟ ଶେଷ କରିବାର ଥିଲା । ବହୁ ବିଳମ୍ବରେ ଅକ୍ଟୋବର ୨୦୨୨ରୁ କାର୍ଯ୍ୟ ଆରମ୍ଭ ହୋଇଥିଲା ମଧ୍ୟ ଆଜିପର୍ଯ୍ୟନ୍ତ ଏହି ରାସ୍ତା କାମ ସମାପ୍ତି ହୋଇନାହିଁ । ଜାହାଡା ଠାରୁ ଜଗମୋହନ, ନନ୍ଦିଗୋର,ଚମ୍ପାପଲ୍ଲୀ, ନୂଆଗାଁ ଛକ, ଗଙ୍ଗାପୁର ଓ ମଙ୍ଗଳପୁର ଛକ ପର୍ଯ୍ୟନ୍ତ ହୋଇଥିବା ରାସ୍ତା, କଲଭଟ, ବକ୍ସ ବ୍ରିଜ କାର୍ଯ୍ୟ



ନିମ୍ନ ମାନର ହେଉଥିବା ଯୋଗୁଁ ସ୍ଥାନୀୟ ନନ୍ଦିଗୋର, ଗଙ୍ଗାପୁର ଓ ମଙ୍ଗଳପୁର ପଞ୍ଚାୟତ ଲୋକ ପ୍ରତିନିଧି ମାନେ ପ୍ରତିବାଦ କରିବା ପରେ କାଯ୍ୟ ବନ୍ଦ ରହିଥିଲା କ୍ଷ ପରେ ଆସିକା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ଏହି ବିବାଦୀୟ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆସି ଶୁଭ ଉଦଘାଟନ କରି ତୁରନ୍ତ କାଯ୍ୟ ଆରମ୍ଭ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସତ୍ତ୍ୱେ ଏହି କାର୍ଯ୍ୟ ଠିକାଦାର ଜଣକ ଆଜି ସୁଦ୍ଧା ଏହି କାମ ସାରିନଥିବା ଠିକା ଦାର ଜଣକ ନିଜ ଇଚ୍ଛା ମୁତାବକ ବିଭାଗର ସମସ୍ତ ନିୟମ ଭାଙ୍ଗି ରାସ୍ତା ଗୁଡିକ ଖୋଳି ଖାଲ ଖମା ସାଙ୍ଗକୁ ଡ଼ାଇଭର୍ଶନ କରି ସମ୍ପୂର୍ଣ ରାସ୍ତା ଟିକୁ ନଷ୍ଟ କରିଦେଇଛନ୍ତି । ଫଳରେ ଆସିକାରୁ ଜାହାଡା ସୋରଡ଼ା କୁ ଦୈନନ୍ଦିନ ଯାଉଥିବା କରୁଥିବା ୩୦ଖଣ୍ଡ ଗ୍ରାମର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାନବାହାନ ଯିବା ତ ଦୂରର କଥା ଚାଲିବା ପାଇଁ ମଧ୍ୟ ସମ୍ଭବପର ହେଉନାହିଁ । ଦୈନିକ ସ୍କୁଲ ଯିବା ଆମ୍ବୁଲାନ୍ସ ଯାତାୟାତ ସମ୍ପୂର୍ଣ ରୂପେ ଠପ ହୋଇଯାଇଛି । ଏହି କାଯ୍ୟ ବିଳମ୍ବ ଓ ନିମ୍ନ ମାନର ହୋଇଥିବା ସତ୍ତ୍ୱେ ସ୍ଥାନୀୟ ଅଞ୍ଚଳ ବାସୀ ବାରମ୍ବାର ପୂର୍ତ୍ତ ବିଭାଗ ଉଚ୍ଚ ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ଲିଖିତ ଆକାରରେ ଅଭିଯୋଗ କଲେ ମଧ୍ୟ ଠିକାଦାର ଜଣକ ପ୍ରଭାବ ଶାଳୀ ଥିବା ଯୋଗୁଁ ଠିକାଦାରଙ୍କ ବିରୁଦ୍ଧରେ ବିଭାଗ କୌଣସି ପଦକ୍ଷେପ ନେଉନାହାନ୍ତି । ତୁରନ୍ତ ଏହି ରାସ୍ତା ନିର୍ମାଣ ର ବିଳମ୍ବ ଓ ନିମ୍ନ ମାନର କାର୍ଯ୍ୟକୁ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ତଦନ୍ତ କରି ଏହି ଭଳି ଦାୟିତ୍ୱହୀନ ବିଭାଗୀୟ ଅଧିକାରୀ ଓ ଦୁର୍ନୀତି ଖୋର ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ପୃକ୍ତ ଠିକାଦାରକୁ କଳାତାଲିକା ଭୁକ୍ତ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି ।

## ପାର୍ଶ୍ୱବର୍ତ୍ତୀ ଗ୍ରାମର ନିଯୁକ୍ତିପ୍ରାପ୍ତ ଯୁବକଙ୍କୁ ୟୁଏଆଇଏଲ୍‌ର ସମ୍ବର୍ଦ୍ଧନା

ରାୟଗଡ଼ା,୩୦ ।୭ (ନିପ୍ର); ଉତ୍କଳ ଆଲୁମିନା, (ୟୁଏଆଇଏଲ୍) ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ପାରିପାର୍ଶ୍ୱିକ ଗ୍ରାମର ନଅଜଣ ଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେମାନେ ବେଙ୍ଗାଲୁରୁ ସ୍ଥିତ ଅଗ୍ରଣୀ ଗୃହ ଉପକରଣ ଓ ପ୍ରିସିଜନ୍ ଇଞ୍ଜିନିୟରିଂ ଉପାଦାନ ନିର୍ମାତା ସଂସ୍ଥା ଆଇଏଫ୍‌ବିରେ ୱେଲ୍ଡର ଟେକ୍ନିସିଆନ୍ ଭାବେ ନିଯୁକ୍ତି ପାଇଛନ୍ତି । ନିଯୁକ୍ତିପ୍ରାପ୍ତ ଯୁବକମାନଙ୍କ ମଧ୍ୟରେ ବାଗ୍ରିଝୋଲା ଗ୍ରାମର ୬ ଜଣ ଏବଂ ସନାମାଟିକଣା, ପିଣ୍ଡକାପଦର ଓ ବଦଲିଝରଣ ଗ୍ରାମର ଜଣେ ଲେଖାଏଁ ଯୁବକ ଥିବା ବେଳେ ସେମାନେ ୟୁଏଆଇଏଲ୍‌ର ସିଏସ୍‌ଆର ଅନ୍ତର୍ଗତ କୌଶଳ ପ୍ରକଳ୍ପ ଅଧୀନରେ ରାୟଗଡ଼ା ସ୍ଥିତ ଆଦିତ୍ୟ ବିର୍ଲା ସ୍କିଲ୍ ସେଣ୍ଟରରେ ତିନି ମାସିଆ ୱେଲ୍ଡିଂ ପ୍ରଶିକ୍ଷଣ ସମାପ୍ତ କରିଥିଲେ । ଏହି ପ୍ରକଳ୍ପ ସ୍ଥାନୀୟ ଯୁବକମାନଙ୍କର ନିଯୁକ୍ତି ଯୋଗ୍ୟତା ବୃଦ୍ଧି ସହ ସେମାନଙ୍କ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିଛି । ପ୍ରଶିକ୍ଷଣ ପାଇଁ ପ୍ରାର୍ଥୀମାନଙ୍କୁ ଚିହ୍ନଟ, ସଚେତନ ଓ ପ୍ରୋତ୍ସାହିତ କରିବାରେ ୟୁଏଆଇଏଲ୍‌ର ସିଏସ୍‌ଆର ଟିମ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ।

## ପ୍ରବଳ ବର୍ଷାରେ ମାଟିରେ ମିଶିଲା ଘର, ଅଳ୍ପକେ ବର୍ତ୍ତିଲେ ପରିବାର

### ତୁରନ୍ତ ସରକାରୀ ଘର ଓ ସହାୟତା ଯୋଗାଇ ଦେବାକୁ ଦାବି

ସୋନପୁର,୩୦ ।୭ (ନିପ୍ର); ଗତ କିଛି ଦିନ ଧରି ଲାଗି ରହିଥିବା ଲଗାଣ ବର୍ଷା ଏବେ ଗରିବଙ୍କ ପାଇଁ କାଳ ସାଜିଛି । ବର୍ଷା ଯୋଗୁଁ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କାଦୋଦର ପଞ୍ଚାୟତର ଜୟପୁର ଗ୍ରାମରେ ଆଜି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି । ପ୍ରବଳ ବର୍ଷା ଦାଉରେ ଗାଁର ଲକ୍ଷ୍ମୀନାରାୟଣ ଡାଙ୍ଗଙ୍କ ମାଟି ଘର ଭୁଶୁଡ଼ି ପଡ଼ିଛି । ଫଳରେ ତାଙ୍କର ସ୍ୱପ୍ନର ଘରଟି ଏବେ ମାଟିରେ ମିଶିଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘ ଦିନର ବର୍ଷା କାରଣରୁ ମାଟି କାନ୍ଥଗୁଡ଼ିକ ଓଦା ହୋଇ ଦୁର୍ବଳ ହୋଇଯାଇଥିଲା । ଯେତେବେଳେ ଘରଟି ଭାଙ୍ଗି ପଡ଼ିଥିଲା, ସେହି ସମୟରେ ପରିବାରର ସମସ୍ତ ସଦସ୍ୟ ଘର ଭିତରେ ହିଁ ଉପସ୍ଥିତ ଥିଲେ । ତେବେ ଭଗବାନଙ୍କ ଅପାର କରୁଣା ଓ ସୌଭାଗ୍ୟବଶତଃ ପରିବାର ଲୋକେ ଅଳ୍ପକେ ପ୍ରାଣରୁ ବର୍ତ୍ତି ଯାଇଛନ୍ତି । କୌଣସି ଧନଜୀବନ ହାନି ହୋଇନଥିଲେ ମଧ୍ୟ, ନିଜ ଆଖି ଆଗରେ ନିଜର



ଆଶ୍ରୟସ୍ଥଳୀଟି ଖଣ୍ଡ ବିଖଣ୍ଡିତ ହୋଇଯିବା ଦେଖି ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ଏହି ଆକସ୍ମିକ ବିପଦ ଲକ୍ଷ୍ମୀନାରାୟଣଙ୍କ ପରିବାରକୁ ଖୋଲା ଆକାଶ ତଳକୁ ଠେଲି ଦେଇଛି । ଘରର ଆସବାବପତ୍ର ମାଟି ଓ ଇଟା ତଳେ ଚାପି ହୋଇ ନଷ୍ଟ ହୋଇଯାଇଛି । ଏଭଳି ଦୁଃଖଦ ସମୟରେ ଅସହାୟ ପରିବାରକୁ ସହାୟତାର ହାତ ବଢ଼ାଇବା ନିତ୍ୟାନ୍ତ ଆବଶ୍ୟକ ହୋଇପଡ଼ିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଥିବା ବେଳେ, ପ୍ରଶାସନର ହସ୍ତକ୍ଷେପ ଲୋଡ଼ାଯାଇଛି । ସ୍ଥାନୀୟ ପ୍ରଶାସନ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିବା ସହ ଲକ୍ଷ୍ମୀନାରାୟଣଙ୍କ ପରିବାରକୁ ସରକାରୀ ଯୋଜନାରେ ତୁରନ୍ତ ଏକ ପକ୍କା ଘର ଆବଣ୍ଟନ କରିବାକୁ ଗ୍ରାମବାସୀ ଓ ସାଧାରଣରେ ଦୃଢ଼ ଦାବି ହେଉଛି ।

## ବାବା ଗୋକର୍ଣ୍ଣେଶ୍ୱର ଜଳବନ୍ଦୀ: ସ୍ଥାୟୀ ସମାଧାନ ଦାବି

ସୋନପୁର,୩୦ ।୭(ନିପ୍ର);ବାବା ଗୋକର୍ଣ୍ଣେଶ୍ୱର ଅଞ୍ଚଳରେ ଅଦିନିଆ ଜଳାଶୟୀ ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ସ୍ଥାନୀୟ ଜନଜୀବନକୁ ବ୍ୟାହତ କରିବା ସହ ଭକ୍ତଙ୍କୁ ମର୍ମାହତ କରିଛି । ବନ୍ୟା ଜଳରେ ବାବା ଗୋକର୍ଣ୍ଣେଶ୍ୱର ବୁଡି ରହିଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ସମସ୍ୟା କୌଣସି ପ୍ରାକୃତିକ କାରଣରୁ ନୁହେଁ, ବରଂ ପ୍ରଶାସନିକ ଭୁଲର ପରିଣାମ । ଏକ ନିର୍ଦ୍ଦିଷ୍ଟ ବିଭାଗ ଦ୍ୱାରା ହୋଇଥିବା ଯୋଜନା ବିହୀନ କାର୍ଯ୍ୟ ଯୋଗୁଁ ଏହି ସ୍ଥିତି ଉପୁଜିଛି । ଅଞ୍ଚଳର ଏକ ପ୍ରାକୃତିକ ନାଳକୁ, ଯାହା ପାଣି ନିଷ୍କାସନର ଏକ ମୁଖ୍ୟ ମାଧ୍ୟମ ଥିଲା, ତାକୁ ପୋତି ଦିଆଯାଇଛି । ଏହି ପୋତାଯାଇଥିବା ସ୍ଥାନରେ ଏବେ ଏକ ପାଚେରୀ ନିର୍ମାଣ ହୋଇସାରିଛି । ଫଳରେ, ସାମାନ୍ୟ ବର୍ଷା ହେଲେ ମଧ୍ୟ ପାଣି ନିଷ୍କାସିତ ନ ହୋଇ ସେହି ସ୍ଥାନରେ ଜମି ରହୁଛି ଏବଂ ମନ୍ଦିର ଚତୁଃପାର୍ଶ୍ୱକୁ ଜଳମଗ୍ନ କରୁଛି । ଜନସାଧାରଣଙ୍କ ଅଭିଯୋଗ ଏବଂ ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି । ପ୍ରାଥମିକ ପ୍ରୟାସ ସ୍ୱରୂପ, ଅଗ୍ନିଶମ ବାହିନୀର କର୍ମଚାରୀମାନେ ଜଳ ନିଷ୍କାସନ ପାଇଁ ରାସ୍ତା ଉପରେ ପମ୍ପ ଏବଂ ହୋସ୍ ପାଇପ୍ ସେଟ୍ କରୁଥିବାର ଦୃଶ୍ୟ ସାମ୍ନାକୁ ଆସିଛି । ଯଦିଓ ଏହି ଉଦ୍ୟମ ପ୍ରଶଂସନୀୟ, କିନ୍ତୁ ଏହା ଏକ ସାମୟିକ ସମାଧାନ । ସମସ୍ୟାର ସ୍ଥାୟୀ ପ୍ରତିକାର ନିହାତି ଆବଶ୍ୟକ ବୋଲି ସ୍ଥାନୀୟ ବାସିନ୍ଦା ଏବଂ ସମାଜସେବୀମାନେ ଦାବି କରିଛନ୍ତି । ସେମାନଙ୍କ ଅନୁଯାୟୀ, ଏହାର ସମାଧାନ କିଛି ବଡ଼ କଥା ନୁହେଁ । ଯେଉଁ ରାସ୍ତା ଦେଇ ପାଚେରୀ ନିର୍ମାଣ କରାଯାଇ ନାଳକୁ ବନ୍ଦ କରାଯାଇଛି, ସେହି ସ୍ଥାନରେ ଏକ ପୋଲ ନିର୍ମାଣ କରାଗଲେ ପାଣିର ସ୍ୱାଭାବିକ ପ୍ରବାହ ପୁନଃସ୍ଥାପିତ ହୋଇପାରନ୍ତା ଏବଂ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରନ୍ତା । ପ୍ରଶାସନ ଏହି ଦିଗରେ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

## ଯାଜପୁର ଜିଲ୍ଲାରେ ବନ୍ୟା ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନର ତ୍ୱରିତ ପଦକ୍ଷେପ

ଯାଜପୁର,୩୦ ।୭ (ନିପ୍ର): ଯାଜପୁର ଜିଲ୍ଲାରେ ବନ୍ୟା ଜନିତ ସ୍ଥିତି ନିମନ୍ତେ ଜିଲ୍ଲାପାଳ ଅମ୍ବର କୁମାର କର ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ଅଧିକାରୀମାନଙ୍କ ସହିତ ଆଭାସୀ ମାଧ୍ୟମରେ ସମୀକ୍ଷା କରିଥିଲେ ।

ବନ୍ୟା ସ୍ଥିତି ତଦାରଖ କରିବା ନିମନ୍ତେ ରାଜ୍ୟ ସରକାର ଙ୍କ ତରଫରୁ ବରିଷ୍ଠ ଅଧିକାରୀ, ଅବକାରୀ ବିଭାଗ କମିଶନର , ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ, ଆଇ.ଏ.ଏସ, ଗତକାଲି ଯାଜପୁର ଜିଲ୍ଲାରେ ଯୋଗ ଦେବା ସହ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକୁ ପରିଦର୍ଶନ କରି ସମୀକ୍ଷା କରିଥିଲେ । ଯାଜପୁର ଜିଲ୍ଲାରେ ବୈତରଣୀ ନଦୀରେ ଅଧିକ ବନ୍ୟାଜଳ ପ୍ରବାହିତ ହେବା ଯୋଗୁ ଯାଜପୁର,ଦଶରଥପୁର ଓ କୋରେଇ ବ୍ଲକ୍ ଅଧିକ ପ୍ରଭାବିତ ହୋଇଛି । ଆଜି ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ୩ ଟି ବ୍ଲକ୍ ଯଥା: ଯାଜପୁର, କୋରେଇ,



ଦଶରଥପୁର ପ୍ରଭାବିତ ହୋଇଛି । ଦଶରଥପୁର ବ୍ଲକରେ ୧୨ ଟି ଗ୍ରାମ ପଞ୍ଚାୟତ ର ୨୯ ଟି ରାଜସ୍ୱ ଗ୍ରାମ ପ୍ରଭାବିତ ହୋଇଥିବା ବେଳେ, ଯାଜପୁର ବ୍ଲକରେ ୧୩ ଟି ଗ୍ରାମ ପଞ୍ଚାୟତ ଓ ୭୩ ଟି ଗ୍ରାମ ପ୍ରଭାବିତ ହୋଇଛି ଏବଂ କୋରେଇ ବ୍ଲକରେ ୦୬ ଟି ଗ୍ରାମ ପଞ୍ଚାୟତ ର ୨୦ ଟି ରେଭେନ୍ୟୁ ଗ୍ରାମ ପ୍ରଭାବିତ ହୋଇଅଛି । ୨୫, ୧୯୬ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୧୧,୫୬୫ ଜଣଙ୍କୁ ୩୭ ଟି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି । ୧୮ ଟି ରିଲିଫ ସେଣ୍ଟର୍ ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ସମୁଦାୟ ୭୫୯୬ ଟି ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ, ୧୧,୪୯୭ ହେକ୍ଟର ଶସ୍ୟ କ୍ଷେତ୍ର ବନ୍ୟା ଜଳ ଯୋଗେ ଜଳମଗ୍ନ ହୋଇଛି । ୧୦ ଟି ବ୍ଲକ୍ ଓ ବ୍ୟାସନଗର ମ୍ୟୁନିସିପାଲିଟିରେ ସମୁଦାୟ ୪୦୪ କ୍ୱିଣ୍ଟାଲ୍ ଚୁଡ଼ା ଓ ୧୯୪ କ୍ୱିଣ୍ଟାଲ୍ ଗୁଡ ମହଜୁଦ ରଖାଯାଇଛି । ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ୨୪ କ୍ୱିଣ୍ଟାଲ୍ ଚୁଡ଼ା, ୨.୪ କ୍ୱିଣ୍ଟାଲ୍ ଗୁଡ଼ ୧୨ ଟି ପଲିଥିନ୍ ରୋଲ୍ ବଣ୍ଟା ସରିଛି । ୦୪ ଟି ମେଡିକାଲ ଟିମ୍ ନିୟୋଜିତ ହୋଇଥିବା ବେଳେ ୦୪ ଟି ଭେଟେନାରି ଟିମ୍ ନିୟୋଜିତ କରାଯାଇଛି । ୦୧ ଟି ଏନ୍.ଡି. ଆରଏଫ୍ ଟିମ୍, ୦୪ ଟି ଓଡ୍ରାଫ୍ ଟିମ୍ ଏବଂ ୧୨ ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ ହୋଇଛନ୍ତି । ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଓ ରିଲିଫ ବଣ୍ଟନ ନିମନ୍ତେ ଓଡ୍ରାଫ୍ ଟିମ୍ ଓ ଏନ୍.ଡି.ଆରଏଫ୍ ଟିମ୍ ନିୟୋଜିତ କରାଯାଇଛି । ଦୁର୍ବଳ ଏବଂ ଜଳମଗ୍ନ ଥିବା ବ୍ରିଜରେ ଭାରିଯାନ ଚଳାଚଳ ଓ ଯାତାୟାତ ବନ୍ଦ କରିବାକୁ ପି. ଅନ୍ୱେଷା ରେଡ୍ଡୀ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟା ଆଶ୍ରୟସ୍ଥଳୀ ମାନଙ୍କରେ ଆବଶ୍ୟକୀୟ ଔଷଧ କିଟ୍ ମହଜୁଦ ରଖିବାକୁ ଶ୍ରୀମତୀ ରେଡ୍ଡୀ ନିର୍ଦ୍ଦେଶ ଦେଇଥିଲେ ।ବନ୍ୟା ଛାଡିଲା ପରେ ପାନୀୟ ଜଳ ଉତ୍ସ ନଳକୂପ, ପାନୀୟ ଜଳପ୍ରକଳ୍ପ ଗୁଡ଼ିକୁ ବିଶୁଦ୍ଧୀକରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଦଶରଥପୁର ବ୍ଲକର କସପା, ମଲିକାପୁର, ତାରପଡ଼ା, କୟାଁ, କମାରଡିହ ପଞ୍ଚାୟତର ବନ୍ୟା ପରିସ୍ଥିତି କୁ ଅନୁଧ୍ୟାନ କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ, ଯାଜପୁର ଯୁଧିଷ୍ଠିର ନାଏକ, ଖାନନଗର, ସୁସୁଆ, ନିଜାମପୁର, ଦୁଦୁରାନ୍ତ, ଦଉପୁର ପଞ୍ଚାୟତର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଛଞ୍ଜିନା, କଟିକଟା, ଜୟନ୍ତରା, ମଙ୍ଗଳପୁର ଓ ବିରିପଟା ଗ୍ରାମ ପଞ୍ଚାୟତର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ଉପଜିଲ୍ଲାପାଳ, ଯାଜପୁର ତାପସ ରଞ୍ଜନ ଦେହୁରୀ, ଏବଂ ପାଲଟପୁର, ଜାଫରପୁର, ଥାଲକୁଡ଼ି ଓ କନିକାପଡ଼ାଦଶରଥପୁର ଗ୍ରାମ ପଞ୍ଚାୟତର ବନ୍ୟା ପରିସ୍ଥିତି ଅନୁଧ୍ୟାନ ନିମନ୍ତେ ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଲମ୍ବୋଦର ଖୁଣ୍ଟିଆଙ୍କୁ ନିୟୋଜିତ କରାଯାଇଛି । ବ୍ରାହ୍ମଣୀ ନଦୀ ଜଳସ୍ତର ବଢ଼ିବାର ଆଶଙ୍କା ରହିଛି । ବରୀ, ରସୁଲପୁର, ଧର୍ମଶାଳା ବ୍ଲକ୍ ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।

**AFFIDAVIT**

By virtue of an affidavit sworn before The Executive Magistrate, Kuchinda, Dist-Sambalpur affidavit dtd.30.07.2026, I Madan Majhi S/o-Nura Majhi At-Kundaposi Ward No.9, Po-Kuchinda, Dist-Sambalpur, Odisha-768222 do hereby declare that I have changed my name from Ajan Majhi to Madan Majhi. Henceforth I shall be known as Madan Majhi for all purposes.

**Sd/-Madan Majhi**

# ଭୋଜଶାଳା ବିବାଦ : ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି

# ଶୁକ୍ରବାର ନମାଜ ପାଇଁ ଦରଘା ଜମିରେ ଅନୁମତି



ନୂଆଦିଲ୍ଲୀ,୩୦।୭: ମଧ୍ୟପ୍ରଦେଶର ଧାର ଜିଲ୍ଲାର ବହୁଚର୍ଚ୍ଚିତ ଭୋଜନାଳୟ ବିବାଦ ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି । ଏଣିକି ଭୋଜଶାଳା ପରିସର ସଂଲଗ୍ନ ସ୍ଥାନରେ ନମାଜ ପଢ଼ିବାକୁ ବ୍ୟବସ୍ଥା କରିବାକୁ ମଧ୍ୟପ୍ରଦେଶ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, ଖସରା ନମ୍ବର-୫୯୬କୁ 'ଦରଗାହ ଜମି' ଭାବେ ଚିହ୍ନଟ କରାଯାଇଛି । ସେହି ସ୍ଥାନରେ ପ୍ରତି ଶୁକ୍ରବାର ଅପରାହ୍ଣ ୧ଟାରୁ ୩ଟା ପର୍ଯ୍ୟନ୍ତ ନମାଜ ପାଠ ପାଇଁ ଅନୁମତି ଦିଆଯାଇପାରିବ । ଅଦାଲତଙ୍କ ମତରେ, ଏହି ସ୍ଥାନ ବିବାଦୀୟ ପରିସରର ନିକଟରେ ଥିବା ସହ ନମାଜ ପାଇଁ ଉପଯୁକ୍ତ । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି । ମୁସଲିମ ପକ୍ଷର ବରିଷ୍ଠ ଆଇନଜୀବୀ ହୁଜେଫା ଅହମଦୀ କହିଥିଲେ, ସ୍ଥାନୀୟ ପ୍ରଶାସନ ନମାଜ ପାଇଁ ଭୋଜଶାଳାଠାରୁ ୧.୩ କିଲୋମିଟର ଦୂରରେ ସ୍ଥାନ ଦେଉଥିବାରୁ ଏହା ବ୍ୟବହାର ଯୋଗ୍ୟ ନୁହେଁ । ସେ ଭୋଜଶାଳା ନିକଟରେ ଥିବା 'ଦରଗାହ ଜମି'ରେ ନମାଜ ପାଠ ପାଇଁ ଅନୁମତି ଦେବାକୁ କୋର୍ଟଙ୍କୁ ଅନୁରୋଧ କରିଥିଲେ । ଶୁଣାଣି ବେଳେ ସେ ଏହା ମଧ୍ୟ କହିଥିଲେ ଯେ ଅନ୍ୟ ପକ୍ଷର କିଛି ବୟାନକୁ ନେଇ ଆଶଙ୍କା ସୃଷ୍ଟି ହେଉଥିବା ପ୍ରସଙ୍ଗ କୋର୍ଟଙ୍କ ଦୃଷ୍ଟିକୁ ଅଣାଯାଇଛି । ସୂଚନା ଯୋଗ୍ୟଯେ ମଧ୍ୟପ୍ରଦେଶର ଧାର ଜିଲ୍ଲାରେ ଥିବା ଭୋଜଶାଳା-କମାଲ ମୌଲା ପରିସରକୁ ନେଇ ଦୀର୍ଘ ଦିନ ଧରି ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟ ମଧ୍ୟରେ ବିବାଦ ଚାଲିଆସୁଛି । ହିନ୍ଦୁ ପକ୍ଷର ଦାବି ହେଉଛି, ଏହା ପରମାର ବଂଶର ରାଜା ଭୋଜଙ୍କ ସମୟରେ ନିର୍ମିତ ମା' ସରସ୍ୱତୀଙ୍କ ମନ୍ଦିର ଓ ଶିକ୍ଷାକେନ୍ଦ୍ର (ଭୋଜଶାଳା) ଥିଲା । ଅନ୍ୟପକ୍ଷରେ, ମୁସଲିମ ସମ୍ପ୍ରଦାୟର ଦାବି ହେଉଛି ଏହା କମାଲ ମୌଲା ମସଜିଦ, ଯେଉଁଠାରେ ବର୍ଷ ବର୍ଷ ଧରି ଜୁମା ନମାଜ ପାଠ କରାଯାଉଥିଲା । ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ଅଧୀନରେ ଥିବା ଏହି ସୁରକ୍ଷିତ ସ୍ମାରକରେ ଦୀର୍ଘଦିନ ଧରି ଏକ ବ୍ୟବସ୍ଥା ଚାଲିଥିଲା । ସେହି ଅନୁଯାୟୀ, ମଙ୍ଗଳବାରରେ ହିନ୍ଦୁମାନେ ପୂଜା କରୁଥିଲେ ଏବଂ ଶୁକ୍ରବାରରେ ମୁସଲିମମାନେ ନମାଜ ପାଠ କରୁଥିଲେ । କିନ୍ତୁ ବସନ୍ତ ପଞ୍ଚମୀ ଓ ଶୁକ୍ରବାର ଏକାଠି ପଡ଼ିବା ସମୟରେ ଏହାକୁ ନେଇ ବିବାଦ ତୀବ୍ର ହୋଇଥିଲା । ୨୦୨୪ରେ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଏସଆଇ ପରିସରର ବୈଜ୍ଞାନିକ ସର୍ଭେ କରିଥିଲା । ଏହା ପରେ ମାମଲା ଆହୁରି ଚର୍ଚ୍ଚାକୁ ଆସିଥିଲା ଏବଂ ବିଭିନ୍ନ ଆଇନଗତ ଆବେଦନ ସୁପ୍ରିମକୋର୍ଟରେ ଶୁଣାଣି ପାଇଁ ପହଞ୍ଚିଥିଲା । ସମ୍ପ୍ରତି ସୁପ୍ରିମକୋର୍ଟ ଅନ୍ତରୀଣ ବ୍ୟବସ୍ଥା ଭାବେ ମଧ୍ୟପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ମୁସଲିମ ପକ୍ଷକୁ ଭୋଜଶାଳା ପରିସର ନିକଟରେ ଏକ ଉପଯୁକ୍ତ ସ୍ଥାନରେ ଶୁକ୍ରବାର ନମାଜ ପାଠ ପାଇଁ ସୁବିଧା ଯୋଗାଇ ଦିଆଯାଉ । ଏହି ମାମଲାର ଚୂଡ଼ାନ୍ତ ରାୟ ଏପର୍ଯ୍ୟନ୍ତ ଆସିନାହିଁ ଏବଂ ବିବାଦ ନ୍ୟାୟାଳୟରେ ବିଚାରାଧୀନ ରହିଛି ।

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୩୦।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ କରିଛନ୍ତି ସାକ୍ଷାତ । ଏହି ସାକ୍ଷାତକାରରେ ଦେଶର ଶୀର୍ଷ ନେତୃତ୍ୱ ରାଷ୍ଟ୍ରପତିଙ୍କ ବାସଭବନରେ ଏକ ଆନୁଷ୍ଠାନିକ ବୈଠକ ପାଇଁ ଏକାଠି ହୋଇଥିଲେ । ରାଷ୍ଟ୍ରପତି ଭବନର ଅଫିସିଆଲ୍ ଏକ୍ସ ଆକାଉଣ୍ଟରେ ଏହି ଆନୁଷ୍ଠାନିକ ବୈଠକର ଫଟୋ ସହ ଏହି ସୂଚନା ସେୟାର କରାଯାଇଛି । ପୋଷ୍ଟରେ ଲେଖାଯାଇଛି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି ।'

## ସିଭିଲ ଜଜ୍‌ଙ୍କ ବିରୋଧରେ ପଦକ୍ଷେପ ନିର୍ଦ୍ଦେଶ ଦେଲେ କର୍ଣ୍ଣାଟକ ହାଇକୋର୍ଟ

ବେଙ୍ଗାଲୁରୁ,୩୦।୭: ବେଙ୍ଗାଲୁରୁରେ ଘଟିଥିବା ଏକ ରୋଡ୍ ରେଜ୍ ମାମଲାରେ କର୍ଣ୍ଣାଟକ ହାଇକୋର୍ଟ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇ ଦୁଇ ଯୁବକଙ୍କ ବିରୋଧରେ ଚାଲିଥିବା ଅପରାଧିକ ତଦନ୍ତ ଉପରେ ଅସ୍ଥାୟୀ ରୋକ ଲଗାଇଛନ୍ତି । ଏହା ସହିତ ଜଣେ ସିଭିଲ ଜଜ୍ ଗାୟତ୍ରୀଙ୍କ ଆଚରଣକୁ ନେଇ ଉଠିଥିବା ପ୍ରଶ୍ନର ବିଚାର ପାଇଁ ମାମଲାକୁ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନିକଟରେ ଉପସ୍ଥାପନ କରିବାକୁ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦିଆଯାଇଛି । ବିଚାରପତି ଏମ୍. ନାଗପ୍ରସନ୍ନଙ୍କ ଏକକ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ, କେବଳ ଅଭିଯୋଗକାରୀ ଜଣେ ନ୍ୟାୟିକ ଅଧିକାରୀ ବୋଲି ସାଧାରଣ ନାଗରିକଙ୍କ ସହ ଏଭଳି ବ୍ୟବହାର କରାଯାଇପାରିବ ନାହିଁ । ପ୍ରାଥମିକ ଦୃଷ୍ଟିରୁ ଯେଉଁଭଳି ଭାବେ ମାମଲା ରୁଜୁ କରାଯାଇଛି ଏବଂ ଆବେଦନକାରୀମାନଙ୍କୁ ଗିରଫ କରାଯାଇଛି, ତାହା ଆଶ୍ଚର୍ଯ୍ୟଜନକ ବୋଲି ଅଦାଲତ ମତ ପ୍ରକାଶ କରିଛନ୍ତି । ମାମଲା ଅନୁସାରେ, ସିଭିଲ୍ ଜଜ୍ ଗାୟତ୍ରୀଙ୍କ ବ୍ୟକ୍ତିଗତ କାରକୁ ଦୁଇ ଯୁବକ ମୋଟରସାଇକେଲରେ ଓଭରଟେକ୍ କରିବା ପରେ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ପୋଲିସ ଗାୟତ୍ରୀଙ୍କ କଥାରେ ଦୁଇ ଯୁବକଙ୍କ ବିରୋଧରେ ମାମଲା ରୁଜୁ କରି ସେମାନଙ୍କୁ ହେପାଜତକୁ ନେଇଥିଲା । ଘଟଣାର ସିସିଟିଭି ଭିଡିଓ ସାମ୍ନାକୁ ଆସିବା ପରେ ପୁଲିସର କାର୍ଯ୍ୟାନୁଷ୍ଠାନ ଓ ନ୍ୟାୟିକ ଅଧିକାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଥିଲା ।

## ଧର୍ମେନ୍ଦ୍ରଙ୍କ ଇସ୍ତଫା ଆରମ୍ଭ ମାତ୍ର: ଜୟରାମ ରମେଶ

ନୂଆଦିଲ୍ଲୀ,୩୦।୭: ଭାରତର ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥା ଓ ଦୁର୍ନୀତିର ଚେର ଅତ୍ୟନ୍ତ ଗଭୀର ପର୍ଯ୍ୟନ୍ତ ବ୍ୟାପିଛି ଏବଂ ଏହାର ସ୍ୱଚ୍ଛତା ଫେରାଇ ଆଣିବା ଦିଗରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଆରମ୍ଭ ମାତ୍ର ବୋଲି ଗୁରୁବାର କଂଗ୍ରେସ କହିଛି । ମହାରାଷ୍ଟ୍ରର ପ୍ରମୁଖ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ନାମଲେଖା ପାଇଁ ଆୟୋଜିତ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ହେରଫେର୍ ଅଭିଯୋଗ ସାମ୍ନାକୁ ଆସିବା ପରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସୋସିଆଲ ମିଡିଆ ''ଏକ୍ସ'' ରେ ଏହି ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ, ଗତ ତିନି ବର୍ଷ ହେଲା ମହାରାଷ୍ଟ୍ର କମନ୍ ଏଣ୍ଟ୍ରାନ୍ସ ଟେଷ୍ଟ ଫଳାଫଳ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ମାର୍କ ମଧ୍ୟରେ ବଡ଼ ତାରତମ୍ୟ ଦେଖିବାକୁ ମିଳୁଛି ।

## ଜେନ୍-ଜେଡ୍‌ଙ୍କୁ ଛତ୍ରପତି ଶିବାଜୀ ମହାରାଜଙ୍କ ସହ ତୁଳନା କଲେ ଉଦ୍ଧବ ଠାକରେ

ମୁମ୍ବାଇ,୩୦।୭: ଶିବସେନା(ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ଜେନ୍-ଜେଡ୍‌ଙ୍କୁ ଛତ୍ରପତି ଶିବାଜୀ ମହାରାଜଙ୍କ ସହ ତୁଳନା କରିଛନ୍ତି । ସେ କହିଛନ୍ତି ଯେ ଆଜିର ପିଢ଼ିକୁ ଯେପରି କକ୍ରୋଚ୍ କୁହାଯାଉଛି, ସେହିପରି ମୋଗଲ ମଧ୍ୟ ମରାଠା ଯୋଦ୍ଧାଙ୍କୁ ଦିନେ ମୂଷା ବୋଲି କହିଥିଲେ । ଯେଉଁମାନଙ୍କୁ କକ୍ରୋଚ୍ ବୋଲି କହି ସେମାନଙ୍କୁ ଦୁର୍ବଳ ବୋଲି ଦର୍ଶାଯାଉଥିଲା ସେମାନେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । ଉଦ୍ଧବ ନୂଆ ପିଢ଼ିଙ୍କୁ ଛତ୍ରପତି ଶିବାଜୀ ମହାରାଜ ଏବଂ ସନ୍ଥ ଜ୍ଞାନେଶ୍ୱରଙ୍କ ସହ ତୁଳନା କରିଛନ୍ତି । ଯେଉଁମାନଙ୍କୁ କକ୍ରୋଚ୍ ବୋଲି କହି ଅପମାନିତ କରାଯାଉଛି ସେମାନେ ଜେନେରେସନ ଜେଡର ଅଂଶ, ଅର୍ଥାତ୍ ୧୩-୧୪ ରୁ ୨୭-୨୮ ବର୍ଷ ବୟସର ଯୁବବର୍ଗ । ୧୭ ବର୍ଷ ବୟସରେ ତୋର୍ନା ଦୁର୍ଗ ଜିତିବା ସମୟରେ ଛତ୍ରପତି ଶିବାଜୀ ମହାରାଜ କ'ଣ ସେହି ବୟସର ନଥିଲେ କି ବୋଲି ସେ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି, ଶିବାଜୀ ମହାରାଜ, ତାଙ୍କ କମ୍ ବୟସ ସତ୍ତ୍ୱେ, ମୋଗଲ ସାମ୍ରାଜ୍ୟକୁ ଚ୍ୟାଲେଞ୍ଜ୍ କରିଥିଲେ । ଆଜିର ଯୁବପିଢ଼ିଙ୍କୁ ନିଜର ଦାବି ଉପସ୍ଥାପନରେ କମ୍ ଆକଳନ କରାଯିବା ଉଚିତ୍ ନୁହେଁ ।

## ନିୟନ୍ତ୍ରଣକୁ ଆସିଲା ଫ୍ରାନ୍ସର ଜଙ୍ଗଲ ନିଆଁ ଘରକୁ ଫେରୁଛନ୍ତି ୮୪ ହଜାର ଲୋକ



ନୂଆଦିଲ୍ଲୀ,୩୦।୭: ଦକ୍ଷିଣ-ପଶ୍ଚିମ ଫ୍ରାନ୍ସର ଜଙ୍ଗଲରେ ଲାଗିଥିବା ଭୟଙ୍କର ନିଆଁକୁ ଆୟତ୍ତ କରିବାରେ ଅଗ୍ନିଶମ ବାହିନୀ ସଫଳତା ହାସଲ କରିବା ପରେ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତରିତ ହୋଇଥିବା ୮୪,୦୦୦ ନାଗରିକଙ୍କୁ ନିଜ ନିଜ ଘରକୁ ଫେରିବା ପାଇଁ ଅନୁମତି ଦିଆଯାଇଛି । ଏହି ଅଗ୍ନିକାଣ୍ଡ ଯୋଗୁଁ ପ୍ୟାରିସ୍ ସହରର ଚାରିଗୁଣା ଅର୍ଥାତ୍ ପ୍ରାୟ ୪୨,୦୦୦ ହେକ୍ଟର ଅଞ୍ଚଳ ଜଳିପୋଡ଼ି ଛାରଖାର ହୋଇଯାଇଛି । ବାୟୁମଣ୍ଡଳରେ ଆର୍ଦ୍ରତା ବୃଦ୍ଧି, ତାପମାତ୍ରା ହ୍ରାସ ଏବଂ ସାମାନ୍ୟ ବର୍ଷା ଯୋଗୁଁ ନିଆଁ ଆଉ ଆଗକୁ ନବଢ଼ି ଶାନ୍ତ ପଡ଼ିଥିବା ବେଳେ ୨,୨୦୦ ରୁ ଊର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ଓ ୨୦ରୁ ଅଧିକ ବିମାନ ଏବେ ବି ସମ୍ପୂର୍ଣ୍ଣ ଆଲର୍ଟରେ ନିୟୋଜିତ ଅଛନ୍ତି । ଅପରପକ୍ଷରେ, ଫ୍ରାନ୍ସ ସମେତ ସ୍ପେନ୍, ଗ୍ରୀସ୍ ଏବଂ ତୁର୍କୀୟେ ଭଳି ଦକ୍ଷିଣ ଇଉରୋପୀୟ ଦେଶଗୁଡ଼ିକରେ ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜଙ୍ଗଲ ନିଆଁ ବ୍ୟାପିବାରେ ଲାଗିଛି ।

## ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଂସଦରେ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ

### ଯୋଗଦେଲେ ପ୍ରମୁଖ ମନ୍ତ୍ରୀ ଓ ଅଜିତ ଡୋଭାଲ



ନୂଆଦିଲ୍ଲୀ,୩୦।୭: ସଂସଦ ପରିସରରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଦେଶର ବର୍ତ୍ତମାନ ସୁରକ୍ଷା ପରିସ୍ଥିତି, ସଂସଦର ସୁରକ୍ଷା ବ୍ୟବସ୍ଥା ଏବଂ ସାମଗ୍ରିକ ଜାତୀୟ ସୁରକ୍ଷା ପ୍ରସଙ୍ଗକୁ ନେଇ ଏହି ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଛି । ବୈଠକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହ, ବୈଦେଶିକମନ୍ତ୍ରୀ ଏସ୍. ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ, କିରଣ ରିଜିଜୁ, ଜେପି ନଡ୍ଡା, ହରଦୀପ ସିଂହ ପୁରୀ, ସର୍ବାନନ୍ଦ ସୋନୋୱାଲ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂତ୍ର ଅନୁସାରେ, ସଂସଦ ଚାଲିଥିବା ବେଳେ ସୁରକ୍ଷା ପ୍ରସ୍ତୁତି, ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା, ଜରୁରିକାଳୀନ ପରିସ୍ଥିତିରେ ସମନ୍ୱୟ ଏବଂ ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ତ୍ୱରିତ ସହଯୋଗ ଉପରେ ବିଶେଷ ଆଲୋଚନା ହୋଇଥିଲା । ସମ୍ଭାବ୍ୟ ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା, ଭୁଲ୍ ସୂଚନା ଓ ଗୁଜବକୁ ରୋକିବା ସହ ଆବଶ୍ୟକ ସେବାଗୁଡ଼ିକର ନିରବଚ୍ଛିନ୍ନ ପରିଚାଳନା ନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା ।

## ବୈଧ ଡ୍ରାଇଭିଂ ଲାଇସେନ୍ସ ନଥିଲେ ବୀମା କମ୍ପାନୀ ଦାୟୀ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୦।୭:ଦୁର୍ଘଟଣା କ୍ଷତିପୂରଣକୁ ନେଇ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଯଦି ଦୁର୍ଘଟଣା ସମୟରେ ଗାଡ଼ି ଚାଳକଙ୍କ ପାଖରେ ବୈଧ ଡ୍ରାଇଭିଂ ଲାଇସେନ୍ସ ନଥାଏ କିମ୍ବା ଲାଇସେନ୍ସର ନବୀକରଣ ହୋଇନଥାଏ,ତେବେ କ୍ଷତିପୂରଣ ଦେବା ପାଇଁ ବୀମା କମ୍ପାନୀକୁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ।ଜଷ୍ଟିସ ସଞ୍ଜୟ କରୋଲ ଓ ଜଷ୍ଟିସ ଏନ୍. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ କହିଛନ୍ତି ଯେ,ବୈଧ ଲାଇସେନ୍ସ ବିନା ଜଣେ ବ୍ୟକ୍ତି ଯଦି ଦୁର୍ଘଟଣା ଘଟାଉଥିବା ଗାଡ଼ି ଚଳାଉଥାନ୍ତି, ତେବେ ସେହି କ୍ଷତିପୂରଣର ଭାର ବୀମା କମ୍ପାନୀ ଉପରେ ଲଦାଯାଇପାରିବ ନାହିଁ । କୋର୍ଟଙ୍କ ରାୟ ଅନୁସାରେ,ଏପରି ପରିସ୍ଥିତିରେ ଗାଡ଼ି ଚାଳକ, ଗାଡ଼ି ମାଲିକ କିମ୍ବା ଉଭୟଙ୍କୁ କ୍ଷତିପୂରଣ ଦେବାର ଦାୟିତ୍ୱ ବହନ କରିବାକୁ ପଡ଼ିପାରେ । ସଡ଼କ ସୁରକ୍ଷା ନେଇ ସଚେତନତା ଉପରେ ଜୋର ସୁପ୍ରିମକୋର୍ଟ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଏବଂ ରାଜ୍ୟ ପରିବହନ ବିଭାଗଗୁଡ଼ିକୁ ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ନିୟମ ପାଳନ ନେଇ ଦେଶବ୍ୟାପୀ ସଚେତନତା ଅଭିଯାନ ଚଳାଇବାକୁ ପରାମର୍ଶ ଦେଇଛନ୍ତି । ସୋସିଆଲ ମିଡିଆ ଓ ଅନ୍ୟାନ୍ୟ ମାଧ୍ୟମରେ ବୈଧ ଡ୍ରାଇଭିଂ ଲାଇସେନ୍ସର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଲାଇସେନ୍ସ ପ୍ରଦାନ ଓ ନବୀକରଣ ପ୍ରକ୍ରିୟାକୁ ସରଳ ଓ ସ୍ୱଚ୍ଛ କରିବାକୁ କୋର୍ଟ କହିଛନ୍ତି ।

## ବେଲୁଚିସ୍ତାନରେ ୬ ଅପହୃତ ଶ୍ରମିକଙ୍କୁ ହତ୍ୟା

ଇସ୍‌ଲାମାବାଦ,୩୦।୭: ପାକିସ୍ତାନର ବଲୁଚିସ୍ତାନ ପ୍ରଦେଶରେ ଅପହରଣ କରାଯାଇଥିବା ୬ ଜଣ ଶ୍ରମିକଙ୍କୁ ହତ୍ୟା କରାଯାଇଛି । ନିଷିଦ୍ଧ ବିଦ୍ରୋହୀ ସଂଗଠନ ବେଲୋଚ ଲିବରେସନ ଆର୍ମି (ବିଏଲ୍ଏ) ଏହି ହତ୍ୟାକାଣ୍ଡର ଦାୟିତ୍ୱ ନେଇଛି । ସଂଗଠନ ଦାବି କରିଛି ଯେ, ଏହି ଶ୍ରମିକମାନେ ପାକିସ୍ତାନ ସୁରକ୍ଷା ବାହିନୀ ଏବଂ ଚୀନ୍ ସମର୍ଥିତ ପ୍ରକଳ୍ପରେ କାମ କରୁଥିଲେ । ବେଲୁଚିସ୍ତାନରେ ଚୀନର କୌଣସି ପ୍ରକଳ୍ପ କାମ କରାଇ ଦିଆଯିବ ନାହିଁ ବୋଲି ବିଏଲଏ ଧମକ ଦେଇଛି । ଏହି ଘଟଣା ପରେ ବେଲୁଚିସ୍ତାନରେ ସୁରକ୍ଷା ପରିସ୍ଥିତିକୁ ନେଇ ପୁଣି ଥରେ ଚିନ୍ତା ବଢ଼ିଛି । ସ୍ଥାନୀୟ ଗଣମାଧ୍ୟମ ଓ ସୁରକ୍ଷା ସୂତ୍ର ଅନୁସାରେ, ଶ୍ରମିକମାନଙ୍କୁ ବେଲୁଚିସ୍ତାନର ଏକ ରାଜପଥରୁ ଅସ୍ତ୍ରଧାରୀମାନେ ଅପହରଣ କରି ନେଇଥିଲେ ।

## ଶାହାଙ୍କୁ ଖଡଗେଙ୍କ ସମାଲୋଚନା



ନୂଆଦିଲ୍ଲୀ,୩୦।୭: ରାଜ୍ୟ ସଭାରେ ପେପର ଲିକ୍ ପ୍ରସଙ୍ଗକୁ ନେଇ ଆଲୋଚନା ସମୟରେ ମଲ୍ଲିକାର୍ଜୁନ ଖାଡଗେ କେନ୍ଦ୍ର ସରକାର ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ କଡ଼ା ସମାଲୋଚନା କରିଛନ୍ତି । ଗୁରୁବାର ଦିନ ଉଚ୍ଚ ସଦନରେ ବକ୍ତବ୍ୟ ଦେଇ ଖଡଗେ କହିଛନ୍ତି, "ଯେଉଁମାନେ ପ୍ରଶ୍ନପତ୍ର ଚୋରି କରିଥିଲେ ସେମାନେ ଖସି ଚାଲିଯାଉଛନ୍ତି ଏବଂ ଯେଉଁମାନେ କଠିନ ପରିଶ୍ରମ କରୁନ୍ତି ସେମାନେ ପରିଣାମ ଭୋଗୁଛନ୍ତି । ଏହା କି ପ୍ରକାରର ନ୍ୟାୟ ?" ସେ ପ୍ରଶ୍ନ କରିଥିଲେ ଯେ ପେପର ଲିକ୍ ଯୋଗୁଁ କେତେ ନିରୀହ ଛାତ୍ରଙ୍କ ଭବିଷ୍ୟତ ପ୍ରଭାବିତ ହୋଇଥିଲା, କେତେ ଲୋକ ଆହତ ହୋଇଥିଲେ ଏବଂ କେତେ ଅଭିଭାବକ ଦୁଃଖରେ ପଡ଼ିଥିଲେ । ସେ ଅମିତ ଶାହାଙ୍କୁ ପଚାରିଥିଲେ ଯେ ସେ କାହିଁକି କିଛି କହୁନାହାନ୍ତି । ପାଟି କେହି ବନ୍ଦ କରିଦେଇଛି କି ବୋଲି ପ୍ରଶ୍ନ କରିଥିଲେ । ଖାଡର୍ଗେ ମନ୍ତବ୍ୟ ଦେଇଥିଲେ ଯେ ନୂତନ ବିଲ୍ କେବଳ ସଂଖ୍ୟା ପରିବର୍ତ୍ତନ କରେ କିନ୍ତୁ ମୂଳ ସମସ୍ୟାର ସମାଧାନ କରିବାରେ ବିଫଳ ହୁଏ । ସେ ଦୃଢ଼ ଭାବରେ କହିଥିଲେ ଯେ ପ୍ରକୃତ ଆବଶ୍ୟକତା ହେଉଛି ପରୀକ୍ଷା ବ୍ୟବସ୍ଥାକୁ ଏପରି ଭାବରେ ମଜବୁତ କରିବା ଯାହା ଦ୍ୱାରା ପ୍ରଥମରୁ ପେପର ଲିକ୍ ନହୁଏ । ସେ ସରକାରଙ୍କୁ ପ୍ରଶ୍ନ କରିଥିଲେ ଯେ ୨୦୨୪ରେ ଏହି ପଦକ୍ଷେପ କାହିଁକି ନିଆଯାଇ ନଥିଲା । ତାଙ୍କ ଅନୁସାରେ, ସେହି ସମୟରେ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିଲା, ଏବଂ ସରକାର ରାଜନୈତିକ କାରଣରୁ ଏପରି ପଦକ୍ଷେପ ନେବାକୁ ଚାହୁଁ ନଥିଲେ । ରାଜ୍ୟ ସଭାରେ ଆଲୋଚନା ବେଳେ ମଲ୍ଲିକାର୍ଜୁନ ଖାଡଗେ ରାହୁଳ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ନେଇ ଉଲ୍ଲେଖ କରିଥିଲେ । ଏହି ଯାତ୍ରା ସମୟରେ ରାହୁଳ ଗାନ୍ଧୀ ଲଗାତାର ପେପର ଲିକ୍ ଏବଂ ଯୁବକଙ୍କ ସମସ୍ୟା ଉଠାଇ ଆସୁଥିଲେ ।

## ପୂର୍ବତନ ବସ୍ ଡ୍ରାଇଭରଙ୍କ ଘରୁ ମିଳିଲା ୨୮ କୋଟି ଟଙ୍କା ଏବଂ ୧୫ କେଜି ସୁନା

କୋଲକତା,୩୦।୭ : ପୋଲିସ ରେଡ୍ ବେଳେ ମିଳିଲା ବସ୍ତା ବସ୍ତା ଟଙ୍କା ଓ ସୁନା । ପଶ୍ଚିମବଙ୍ଗ ବୀରଭୂମିରେ ପୋଲିସ ଏକ ସାଧାରଣ ବସ୍ ଡ୍ରାଇଭର ଘରେ ଚଢାଉ କରିବା ବେଳେ ଏସବୁ ଦେଖି ସ୍ତବ୍ଧ ହୋଇଛି । ଘର ଭିତରର ଦୃଶ୍ୟ କୌଣସି ବଲିଉଡ ଫିଲ୍ମ ଠାରୁ କମ୍ ନୁହେଁ । ରୁମରେ ନୋଟ ଭର୍ତ୍ତି ବ୍ୟାଗ ଏବଂ ସୁନା ଦେଖି ପୋଲିସ ଆଖି ଟେରା ହୋଇଛି । ଏହା ପୁଣି କୌଣସି ସରକାରୀ ଚାକିରିଆ କିମ୍ବା ଖଣି ମାଫିଆଙ୍କ ଘରେ ନୁହେଁ, ବରଂ ଜଣେ ସାଧାରଣ ସରକାରୀ ବସ୍ ଡ୍ରାଇଭରଙ୍କର ଘରେ ଦେଖିବାକୁ ମିଳିଛି । ପୋଲିସ ଅନୁଯାୟୀ, ସାଧାରଣ ଦେଖାଯାଉଥିବା ଘରେ ୨୮ କୋଟି ଟଙ୍କା ନଗଦ ଏବଂ ୧୫ କିଲୋ ସୁନା ଦେଖି ପୋଲିସ ଅଧିକାରୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ପୂର୍ବତନ ସରକାରୀ ବସ୍ ଡ୍ରାଇଭର ମିନାର ମଣ୍ଡଳଙ୍କ ଗାଁରେ ଥିବା ଦୁଇ ମହଲା ଘରେ ପୋଲିସ ରେଡ୍ କରିଥିଲା । ଘରୁ ୩୫ଟି ବସ୍ତାରେ ପ୍ୟାକ୍ ହୋଇଥିବା ପ୍ରାୟ ୧୫ କିଲୋ ସୁନା ବିସ୍କୁଟ ଏବଂ ୨୦ କୋଟି ଟଙ୍କା ନଗଦ ଜବତ ହୋଇଛି ।

## 'ତୃଣମୂଳ ବିବାଦ' ମାମଲାର ଶୀଘ୍ର ନିଷ୍ପତ୍ତି ପାଇଁ ଇସିଙ୍କୁ ମମତାଙ୍କ ଅନୁରୋଧ



କୋଲକାତା,୩୦।୭: ତୃଣମୂଳ କଂଗ୍ରେସର ପ୍ରକୃତ ନେତୃତ୍ୱ ଓ ଦଳୀୟ ପରିଚୟକୁ ନେଇ ଚାଲିଥିବା ବିବାଦର ଶୁଣାଣିକୁ ଆଉ ବିଳମ୍ବ ନ କରି ଶୀଘ୍ର ଶେଷ କରିବାକୁ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଭାରତୀୟ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରିଛନ୍ତି । ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀକୁ ଆଉ ସମୟ ନ ଦେଇ ବର୍ତ୍ତମାନ ଉପଲବ୍ଧ ତଥ୍ୟ ଓ ପ୍ରମାଣ ଆଧାରରେ ମାମଲାର ନିଷ୍ପତ୍ତି ନେବାକୁ ସେ ଆୟୋଗଙ୍କୁ କହିଛନ୍ତି । ମମତା ବାନାର୍ଜୀଙ୍କ ପକ୍ଷରୁ ନିର୍ବାଚନ ଆୟୋଗରେ ଦାଖଲ କରାଯାଇଥିବା ଲିଖିତ ଜବାବରେ କୁହାଯାଇଛି ଯେ, ପ୍ରତିପକ୍ଷ ଗୋଷ୍ଠୀ ବାରମ୍ବାର ସମୟ ମାଗି ଶୁଣାଣିକୁ ଅନାବଶ୍ୟକ ଭାବେ ବିଳମ୍ବିତ କରୁଛନ୍ତି । ତେଣୁ ସେମାନଙ୍କୁ ଆଉ କୌଣସି ସୁଯୋଗ ନ ଦେଇ ଉପଲବ୍ଧ ରେକର୍ଡ ଆଧାରରେ ମାମଲାର ଅନ୍ତିମ ନିଷ୍ପତ୍ତି ନିଆଯିବା ଉଚିତ । ଆବେଦନରେ ମମତା ଶିବିର ଦାବି କରିଛି ଯେ, ଦଳର ସାଂଗଠନିକ ଗଠନ, ନିର୍ବାଚିତ ପ୍ରତିନିଧିଙ୍କ ସମର୍ଥନ ଓ ଦଳୀୟ ସମ୍ବିଧାନ ଅନୁସାରେ ପ୍ରକୃତ ତୃଣମୂଳ କଂଗ୍ରେସର ନେତୃତ୍ୱ ସେମାନଙ୍କ ପାଖରେ ରହିଛି ।

## ନେପାଳର ୬ରୁ ଅଧିକ ସହରରେ କର୍ଫ୍ୟୁ

### ଭାରତ ସୀମାରେ ହାଇଆଲର୍ଟ



କାଠମାଣ୍ଡୁ,୩୦।୭: ନେପାଳର ସୁନସରୀ ଜିଲ୍ଲାରୁ ଆରମ୍ଭ ହୋଇଥିବା ସାମ୍ପ୍ରଦାୟିକ ହିଂସା ଏବେ ଦେଶର ଅନ୍ୟ ପ୍ରମୁଖ ସହରଗୁଡ଼ିକୁ ବ୍ୟାପିବାରେ ଲାଗିଛି ଏବଂ ପରିସ୍ଥିତି ବିସ୍ଫୋରକ ମୋଡ଼ ନେଇଛି । ଗତ ୪ ଦିନ ଧରି ଦେଶର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ବ୍ୟାପକ ସଂଘର୍ଷ, ପୋଡ଼ାଜଳା, ଭଙ୍ଗାରୁଜା ଏବଂ ପୁଲିସ ଉପରକୁ ପଥରମାଡ଼ ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ସ୍ଥିତି ଜଟିଳ ହେଉଥିବାରୁ ଭାରତ-ନେପାଳ ସୀମାରେ ସୁରକ୍ଷା ବାହିନୀକୁ ହାଇଆଲର୍ଟରେ ରଖାଯାଇଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଏକାଧିକ ଜିଲ୍ଲାର ପ୍ରାୟ ୬ରୁ ଅଧିକ ସହରରେ କର୍ଫ୍ୟୁ ଜାରି କରାଯାଇଛି । ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଉପରେ ନଜର ରଖିବା ପାଇଁ ହେଲିକପ୍ଟର ସହାୟତାରେ ଆକାଶମାର୍ଗରୁ ନେପାଳ ସେନା ପାଟ୍ରୋଲିଂ ଆରମ୍ଭ କରିଛି । ଏହି ସାମ୍ପ୍ରଦାୟିକ ହିଂସାକାଣ୍ଡରେ ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଗୁଳିମାଡ଼ ଓ ପଥରମାଡ଼ରେ ଶତାଧିକ ପ୍ରଦର୍ଶନକାରୀ, ସ୍ଥାନୀୟ ନାଗରିକ ଏବଂ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି । ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଦେବାନଗଞ୍ଜରେ ଏକ ମନ୍ଦିରର ସରକାରୀ ଜମିରେ ମୁସଲିମ ସଂପ୍ରଦାୟ ପକ୍ଷରୁ ଲଗାଯାଇଥିବା ପତାକା ହଟାଇବାକୁ ନେଇ ପୂର୍ବରୁ ବିବାଦ ଚାଲିଥିଲା । ଗତ ରବିବାର ବିଳମ୍ବିତ ରାତିରେ ଯେତେବେଳେ ଶ୍ରଦ୍ଧାଳୁମାନେ ସେହି ପଡ଼ିଆରୁ ବୋଲବମ୍ (କାଉଡ଼ିଆ) ଯାତ୍ରା ଆରମ୍ଭ କରୁଥିଲେ, ସେହି ସମୟରେ ହଠାତ କିଛି ଦୁର୍ବୃତ୍ତ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ ।

# ନାଟୋ ସୀମାରେ ରୁଷ କ୍ଷେପଣାସ୍ତ୍ର ଆତଙ୍କ

## ପୋଲାଣ୍ଡରେ ରାତିସାରା ବାଜିଲା ସାଇରନ୍



ନୂଆଦିଲ୍ଲୀ,୩୦।୭: ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏକ ଅତ୍ୟନ୍ତ ବିପଜ୍ଜନକ ମୋଡ଼ରେ ପହଞ୍ଚିଛି । ଆଜି ଭୋର୍ ସମୟରେ ୟୁକ୍ରେନ ଉପରେ ରୁଷ ଏପର୍ଯ୍ୟନ୍ତ ସବୁଠାରୁ ବଡ ବିମାନ ଆକ୍ରମଣ କରିଥିଲା, ଯାହାର ପ୍ରଭାବ ପଡ଼ୋଶୀ ଏବଂ ନାଟୋ ସଦସ୍ୟ ପୋଲାଣ୍ଡ ଉପରେ ମଧ୍ୟ ପଡ଼ିଥିଲା । ୟୁକ୍ରେନ ଉପରେ ରୁଷିଆ କ୍ଷେପଣାସ୍ତ୍ର ଆକ୍ରମଣ ମଧ୍ୟରେ, ଏକ ଅଜ୍ଞାତ ବସ୍ତୁ ପୋଲାଣ୍ଡ ଆକାଶ ସୀମାରେ ପ୍ରବେଶ କରି ଭୂମିରେ ଧକ୍କା ଖାଇଥିଲା, ଯାହା ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ଭୟଭୀତ କରିଦେଇଥିଲା । ପୋଲାଣ୍ଡ ତୁରନ୍ତ ଏଫ୍-୧୬ ଲଢୁଆ ବିମାନ ମୁତୟନ କରିଥିଲା । ଏହା ସହ ସୀମାରେ ବିମାନ ଆକ୍ରମଣ ସାଇରନ୍ ବାଜିଉଠିଥିଲା । ପୋଲାଣ୍ଡ ସାମରିକ ଅଧିକାରୀଙ୍କ ଅନୁଯାୟୀ, ସ୍ଥାନୀୟ ସମୟ ଭୋର୍ ପ୍ରାୟ ୩ଟା ୪୦ ସମୟରେ ଦେଶର ଆକାଶ ସୀମାରେ ଏକ ଅଜଣା ବସ୍ତୁ ଦେଖାଯାଇଥିଲା । ସୀମାରୁ ପ୍ରାୟ ୯୦ କିଲୋମିଟର ଦୂରରେ ଥିବା ତାର୍ନାଓ୍ୱା-କୋଲୋନିଆ ଗ୍ରାମ ନିକଟରେ ଏକ କ୍ଷେତରେ ବସ୍ତୁଟି ପଡ଼ିଥିଲା । ବିସ୍ଫୋରଣ ସ୍ଥାନରେ ଏକ ବଡ଼ ଗର୍ତ୍ତ ହୋଇଯାଇଥିଲା । ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ପରିସ୍ଥିତିର ସମୀକ୍ଷା କରିବା ପାଇଁ ବ୍ୟକ୍ତିଗତ ଭାବରେ ଘଟଣାସ୍ଥଳକୁ ଯାଇଥିଲେ । ପୋଲାଣ୍ଡର ପ୍ରତିରକ୍ଷା ମନ୍ତ୍ରୀ, ୱ୍ଲାଡିସଲାଭ କୋସିନିଆକ-କାମିସ୍ କହିଛନ୍ତି, ଦେଶର ବାୟୁ ପ୍ରତିରକ୍ଷା ଏବଂ ନିରୀକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ସତର୍କ ରହିଛି । ୟୁକ୍ରେନୀୟ ବାୟୁସେନା ଅନୁଯାୟୀ, ରୁଷ ଏକକାଳୀନ ୭୪ଟି କ୍ରୁଜ୍, ବାଲିଷ୍ଟିକ୍ ଏବଂ ହାଇପରସୋନିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା । ଏହା ସହିତ, ଆକ୍ରମଣରେ ୨୮୪ଟି ଶାହେଦ୍ ଡ୍ରୋନ୍ ମଧ୍ୟ ବ୍ୟବହାର କରାଯାଇଥିଲା । ୟୁକ୍ରେନର ଲ୍ୱିଭ ସହରରେ, ଏକ କ୍ଷେପଣାସ୍ତ୍ର ଆବାସିକ କୋଠା ଉପରେ ପଡ଼ିବାରୁ ତିନି ଜଣ ଶିଶୁଙ୍କ ସମେତ ୩୧ ଜଣ ଆହତ ହୋଇଥିଲେ । କିଭ୍ ଏବଂ କିଭର ରିହରେ ମଧ୍ୟ ଯଥେଷ୍ଟ କ୍ଷୟକ୍ଷତି ହୋଇଛି, ପିଲାମାନଙ୍କ ସମେତ ସାତ ଜଣଙ୍କର ମୃତ୍ୟୁ ହୋଇଥିବା ରିପୋର୍ଟ ହୋଇଛି ।

# ପତ୍ନୀହନ୍ତା ଓ ସହଯୋଗୀଙ୍କୁ ଆଜୀବନ କରାଦଣ୍ଡାଦେଶ

ଭୁବନେଶ୍ୱର(ନି.ପ୍ର): ଆଜି ମାନ୍ୟବର ଦ୍ୱିତୀୟ ଅତିରିକ୍ତ ସେସନ୍ସ ଜଜ୍ କୋର୍ଟ, ଭୁବନେଶ୍ୱରର ବିଚାରପତି ବନ୍ଦନା କର, ଭରତପୁର ଥାନା ଅଞ୍ଚଳରେ ହୋଇଥିବା ଏକ ବିଭତ୍ସ ପତ୍ନୀ ହତ୍ୟା ମାମଲାର ବିଚାର କରି ମୁଖ୍ୟ ଆସାମୀ ସ୍ୱାମୀ ପ୍ରଦ୍ୟୁମ୍ନ କୁମାର ଏବଂ ତାଙ୍କର ସହଯୋଗୀ ରୋଜିତା ପାତ୍ର ଓରଫ୍ ରୋଜିଙ୍କୁ ଆଜୀବନ କାରାଦଣ୍ଡ ସଜା ଶୁଣାଇଛନ୍ତି । ଘଟଣାର ଅନ୍ତରାଳେ: ଅଭିଯୋଗକାରିଣୀ ତପସ୍ୱିନୀ ନାୟକଙ୍କ କନ୍ୟା ସୁଭଶ୍ରୀ ନାୟକ (୨୬) ଗତ ୨୦୨୦ ମସିହାରେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ କସୋଟି ଗ୍ରାମର ବିଶ୍ୱରଞ୍ଜନ ଦାସଙ୍କ ପୁଅ ପ୍ରଦ୍ୟୁମ୍ନ କୁମାର (୨୪)ଙ୍କୁ ନୋଟାରୀ ମାଧ୍ୟମରେ ବିବାହ କରିଥିଲେ । ବିବାହର ପ୍ରାରମ୍ଭରୁ ହିଁ ପ୍ରଦ୍ୟୁମ୍ନ ନିଜ ପତ୍ନୀ ସୁଭଶ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ, ଯେଉଁଥିପାଇଁ ସୁଭଶ୍ରୀ ଗତ ୬ ମାସ ଧରି ଖୋର୍ଦ୍ଧାସ୍ଥିତ ବିଜେବି ନଗରରେ ନିଜ ମା'ଙ୍କ ପାଖରେ ରହୁଥିଲେ । ଅନ୍ୟପକ୍ଷରେ ବ୍ୟବଧାନ ସମୟ ମଧ୍ୟରେ ପ୍ରଦ୍ୟୁମ୍ନ ମାର୍ଚ୍ଚ-୨୦୨୪ରେ ସମ୍ ହସ୍ପିଟାଲରେ ରୋଜି ପାତ୍ରଙ୍କ ସମ୍ପର୍କରେ ଆସିଥିଲେ । ରୋଜିଙ୍କ ସହ ପ୍ରଦ୍ୟୁମ୍ନଙ୍କର ଘନିଷ୍ଠ ବନ୍ଧୁତା ସ୍ଥାପନ ହୋଇଥିଲା । ପରବର୍ତ୍ତୀ ସମୟରେ ରୋଜି ପାତ୍ର ସମ୍ ହସ୍ପିଟାଲ ଛାଡି ଆଇଜିକେସି ହସ୍ପିଟାଲରେ ଯୋଗ ଦେଇଥିଲେ । ନିଜ ପତ୍ନୀ ସୁଭଶ୍ରୀ ତାଙ୍କୁ ନିର୍ଯାତନା ଦେଉଛନ୍ତି ବୋଲି ପ୍ରଦ୍ୟୁମ୍ନ ତାଙ୍କ ବାନ୍ଧବୀଙ୍କୁ କହିଥିଲେ । ଏହାପରେ ଦୁଇ ଅଭିଯୁକ୍ତ ସିଆରପି ଛକ ଠାରେ ଏକାଠି ହୋଇ ସୁଭଶ୍ରୀଙ୍କୁ ହତ୍ୟା କରିବା ପାଇଁ ଏକ ସାଂଘାତିକ ଷଡ଼ଯନ୍ତ୍ର ରଚିଥିଲେ । ଯୋଜନା ମୁତାବକ, ରୋଜି ପାତ୍ର ଆଇଜିକେସି ହସ୍ପିଟାଲରୁ ଇଞ୍ଜେକ୍ସନ ଆଣିବାର ଦାୟିତ୍ୱ ନେଇଥିଲେ । ଗତ ୨୭.୧୦.୨୦୨୪ ତାରିଖ ଦିନ ପ୍ରାୟ ୨ଟା ସମୟରେ ପ୍ରଦ୍ୟୁମ୍ନ ଶ୍ୱଶୁର ଘରକୁ ଯାଇ କ୍ଷମା ମାଗିବା ସହ ନିଜ ପତ୍ନୀ ସୁଭଶ୍ରୀଙ୍କୁ ତାଙ୍କ ବାପଘରୁ ଆଣି ଭୁବନେଶ୍ୱରର କେସୁରା ସ୍ଥିତ ନିଜ ଭଡ଼ା ଘରକୁ ଆଣିଥିଲେ । ପରଦିନ ଅର୍ଥାତ୍ ୨୮.୧୦.୨୦୨୪ ତାରିଖ ପୂର୍ବାହ୍ନ ପ୍ରାୟ ୧୧.୩୦ ସମୟରେ, ପ୍ରଦ୍ୟୁମ୍ନ ସୁଭଶ୍ରୀଙ୍କୁ ଶ୍ୟାମପୁର ସ୍ଥିତ ବିଜୟ ଓୟୋ ହୋଟେଲ ନିକଟରେ ଥିବା ରୋଜି ପାତ୍ରଙ୍କ ଭଡ଼ା ଘରକୁ ନେଇଯାଇଥିଲେ । ସେଠାରେ ପ୍ରଦ୍ୟୁମ୍ନ ଏବଂ ରୋଜି ମିଶି ବଳପୂର୍ବକ ସୁଭଶ୍ରୀଙ୍କୁ ଉଚ୍ଚ ମାତ୍ରାରେ ଆନାସ୍ଥେସିଆ 'ମେଜୋଲାମ୍' ଏବଂ 'କେସିଏଲ୍' ଇଞ୍ଜେକ୍ସନ ଦେଇଥିଲେ, ଯାହା ଫଳରେ ସୁଭଶ୍ରୀଙ୍କର ମୃତ୍ୟୁ ଘଟିଥିଲା । ଲୋକଙ୍କୁ ଦେଖାଇବା ପାଇଁ ସେମାନେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ । ସେହିଦିନ ରାତି ୩.୧୯ ସମୟରେ ମୃତକଙ୍କ ମାଆ ତପସ୍ୱିନୀ ତାଙ୍କ ଝିଅକୁ ଫୋନ୍ କରିବାରୁ ଜଣେ ଅଜଣା ଝିଅ ଫୋନ୍ ଉଠାଇ ତାଙ୍କ ଝିଅ ଗୁରୁତର ଅବସ୍ଥାରେ କ୍ୟାପିଟାଲ୍ ହସ୍ପିଟାଲରେ ଥିବା କହିଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିସାରିଥିଲେ । ତଦନ୍ତରୁ ଜଣାପଡିଥିଲା ଯେ, ଆଇଜିକେସି ହସ୍ପିଟାଲରେ ନର୍ସ ଭାବେ କାମ କରୁଥିବା ରୋଜି ପାତ୍ର ଉକ୍ତ ଇଞ୍ଜେକ୍ସନଗୁଡ଼ିକୁ ହସ୍ପିଟାଲର ଏସଆଇସିୟୁରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ନାମରେ ଆସିଥିବା ଷ୍ଟକରୁ ଚୋରି କରିଥିଲେ । ଏହି ଘଟଣା ସମ୍ପର୍କରେ ଖବର ପାଇ ମୃତକଙ୍କ ମାଆ ତପସ୍ୱିନୀ ନାୟକ ତା.୨୮.୧୦. ୨୦୨୪ ରିଖ ରାତି ୧୧.୫୪ ରେ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଉପରୋକ୍ତ ଅଭିଯୋଗକୁ ଭିତ୍ତି କରି ଭରତପୁର ଥାନା କେସ ନମ୍ବର-୭୧୭/୨୦୨୪, ବିଏନଏସ ର ଧାରା ୮୫ ଏବଂ ୧୦୩(୧) ରେ ମାମଲା ରୁଜୁ କରାଯାଇ ଇନ୍ସପେକ୍ଟର ସୁବ୍ରତ କୁମାର ବେହୁରାଙ୍କ ଉପରେ ଏହାର ତଦନ୍ତ ଭାର ନ୍ୟସ୍ତ କରାଯାଇଥିଲା । ତଦନ୍ତକାରୀ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମୁଖ୍ୟ ଅଭିଯୁକ୍ତ ପ୍ରଦ୍ୟୁମ୍ନଙ୍କୁ ଗିରଫ କରିବା ସହ ତାଙ୍କ ସୂଚନା ଆଧାରରେ ରୋଜି ପାତ୍ରଙ୍କ ଘରୁ ୧୬-୧୭ଟି ଇଞ୍ଜେକ୍ସନ ଏବଂ ବ୍ୟବହୃତ ସିରିଞ୍ଜି ଆଦି ଜବତ କରିଥିଲେ । ଏହା ପରେ ସେମାନଙ୍କ ବିରୋଧରେ ଦୃଢ଼ ପ୍ରମାଣ ସଂଗ୍ରହ କରି ମାନ୍ୟବର ଅଦାଲତଙ୍କ ନିକଟରେ ଚାର୍ଜସିଟ୍ ଦାଖଲ କରିଥିଲେ । ଉପରୋକ୍ତ ମାମଲାର ବିଚାର କରି, ଆଜି ମାନ୍ୟବର ଦ୍ୱିତୀୟ ଅତିରିକ୍ତ ସେସନ୍ସ ଜଜ୍ କୋର୍ଟ ୨୦ ଜଣ ସାକ୍ଷୀ ଏବଂ ଷ୍ଟେଟ୍ ଫରେନସିକ୍ ଲ୍ୟାବର ରାସାୟନିକ ପରୀକ୍ଷା ରିପୋର୍ଟକୁ ଅନୁଧ୍ୟାନ କରି ଦଣ୍ଡାଦେଶ ଶୁଣାଇଛନ୍ତି । ମୁଖ୍ୟ ଆସାମୀ ପ୍ରଦ୍ୟୁମ୍ନ କୁମାର ଏବଂ ରୋଜିତା ପାତ୍ରଙ୍କୁ ହତ୍ୟା ଅପରାଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩(୧)/୩(୫) ଅନୁଯାୟୀ ଆଜୀବନ କାରାଦଣ୍ଡ ସହିତ ୫୦,୦୦୦ ଟଙ୍କା ଲେଖାଏଁ ଜୋରିମନା ଆଦେଶ ଦେଇଛନ୍ତି । ଜୋରିମନା ଅନାଦେୟ ହେଲେ ଉଭୟଙ୍କୁ ଅତିରିକ୍ତ ୧ବର୍ଷର ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ବ୍ୟତୀତ ପତ୍ନୀ ନିର୍ଯାତନା ଦୋଷରେ ମୁଖ୍ୟ ଅଭିଯୁକ୍ତ ପ୍ରଦ୍ୟୁମ୍ନଙ୍କୁ ବିଏନଏସର ଧାରା ୮୫ ଆଧାରରେ ଅତିରିକ୍ତ ୩ ବର୍ଷର ସାଧାରଣ କାରାଦଣ୍ଡ ଏବଂ ୧୦,୦୦୦ ଟଙ୍କା ଜୋରିମନା (ଅନାଦେୟରେ ଆହୁରି ୩ମାସ ଜେଲ) ନିର୍ଦ୍ଦେଶ ହୋଇଛି । ପ୍ରଦ୍ୟୁମ୍ନଙ୍କ ପାଇଁ ଉଭୟ ସଜା ଏକାସାଙ୍ଗରେ ଚାଲିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । ଏତତ୍ ବ୍ୟତୀତ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ନେଇ ବିଚାର କରିବାକୁ ଅଦାଲତ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଚାଞ୍ଚଲ୍ୟକର ମାମଲାକୁ ସରକାରଙ୍କ ପକ୍ଷରୁ କ୍ୟାଡର ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ସାଇ ରଞ୍ଜନ ମହାନନ୍ଦିଆ ଅତ୍ୟନ୍ତ ସଫଳତାର ସହ ପରିଚାଳନା କରିଥିଲେ । ପୋଲିସର ନିଖୁଣ ତଦନ୍ତ ଏବଂ ଅଦାଲତରେ ଉପଯୁକ୍ତ ପ୍ରମାଣ ଉପସ୍ଥାପନ ଫଳରେ ଅପରାଧୀମାନଙ୍କୁ କଠୋର ଦଣ୍ଡ ମିଳିପାରିଛି, ଯାହା ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଏକ ବଡ଼ ସଫଳତା । ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ମିଳିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଏହା ହେଉଛି ୭୦ ତମ ଉଲ୍ଲେଖନୀୟ ସଫଳତା ।

## ୨୧ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ଜଣେ ଗିରଫ



କଟକ(ନି ପ୍ର): ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ ପକ୍ଷରୁ ଚଢ଼ାଉ କରାଯାଇ ୨୧ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି । ଏହି କାରବାରରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଚୌଦ୍ୱାର ଥାନା ଅନ୍ତର୍ଗତ କୁମ୍ଭେଇର ଶରତ କୁମାର ବେହେରା (୩୨) । ମିଳିଥିବା ସୂଚନା ଅନୁଯାୟୀ ଅବକାରୀ ଅଧିକ୍ଷକ ସମରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଓ ଅବକାରୀ ଉପଅଧିକ୍ଷକ ରୋଶନ ଇସୁ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏସଆଇ ବଳବୀର ଗଡ଼ନାୟକଙ୍କ ନେତୃତ୍ୱରେ ଗୁରୁବାର ଟାଙ୍ଗୀ ଥାନା ଅନ୍ତର୍ଗତ ଭଗତପୁର ଛକରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଶରତ ନିକଟରୁ ୨୧୦ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଥିଲା । ଜବତ ବ୍ରାଉନ ସୁଗାରର ମୂଲ୍ୟ ୨୧ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉ ଦଳରେ ଏଏସଆଇ କିଶୋର ଚନ୍ଦ୍ର ରାଉତ, ସଂଜୀବ ମୁଣ୍ଡା ପ୍ରମୁଖ ସାମିଲ ଥିଲେ ।

## ଦେଶୀ ବନ୍ଧୁକ ଜବତ: ଜଣେ ଧରାପଡ଼ିଲା

ଆସିକା(ନିପ୍ର): ଆସିକା ଥାନା ଅଧୀନ ଗୁଣ୍ଡପଡା ଗ୍ରାମରୁ ଦେଶୀ ବନ୍ଧୁକ ସହ ଜଣକୁ ଗିରଫ କରିବାରେ ସଫଳ ହୋଇଛି । ଏନେଇ ଆସିକା ଥାନା କେସ ନମ୍ବର ୪୦୭/୨୬ରେ ପୋଲିସ ମାମଲା ରୁଜୁକରି କୋର୍ଟ ଚଲାଣ କରିଛି । ପ୍ରକାଶ ଥାଉକି ଆଜି ସକାଳ ସମୟରେ ଆସିକା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଆସିକା ଥାନା ଗୁଣ୍ଡପଡା ଗ୍ରାମରେ ଆନନ୍ଦ ବିଶ୍ୱାଳଙ୍କ ପୁଅ ରୁଦ୍ର ବିଶ୍ୱାଳ (୨୪)ଙ୍କ ନିକଟରେ ଏକ ବନ୍ଧୁକ ଥିବା ଖବର ପାଇଁ ପୋଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ରୁଦ୍ର ନିକଟରୁ ଏକ ଦେଶୀ ବନ୍ଧୁକ କିଛି ଗନ ପାଉଡର ଓ କିଛି ଷ୍ଟିଲ୍ ବଲ ଜବତ କରିବା ସହ ରୁଦ୍ରକୁ ଆସିକା ପୋଲିସ ଗିରଫ କରିଥିଲା । ତଦନ୍ତ ସମୟରେ ରୁଦ୍ର ପଶୁ ଶିକାର ପାଇଁ ଉକ୍ତ ବନ୍ଧୁକ ରଖିଥିବା ପୋଲିସ ଜାଣିବାକୁ ପାଇଥିଲା । ଏନେଇ ଆସିକା ଥାନା ପାକ୍ଷରୁ ୪୦୭/୨୬ ରେ ପୋଲିସ ମାମଲା ରୁଜୁକରି କୋର୍ଟ ଚଲାଣ କରିଥିବା ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି ।

## ଦୋକାନ ଭାଙ୍ଗି ଗ୍ୟାସ ସିଲିଣ୍ଡର ଚୋରି, ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ଦୋକାନ ତାଲା ଭାଙ୍ଗି ଗ୍ୟାସ ସିଲିଣ୍ଡର ଚୋରି କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଚନ୍ଦନ ଦାସ ଏବଂ ଲିଙ୍ଗରାଜ ବାରିକ । ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ହୃଷୀକେଶ ଶିଆଳ ଶିଶୁପାଳଗଡ଼ ନିକଟସ୍ଥ ଜୁଡିଓ ଶୋରୁମ୍ ସମ୍ମୁଖରେ ଏକ ମୋମୋ ଦୋକାନ କରିଛନ୍ତି । ଗତ ୨୯ ତାରିଖ ରାତି ପ୍ରାୟ ୧୧ଟା ସମୟରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ପରଦିନ ସକାଳେ ଦୋକାନର ତାଲା ଭଙ୍ଗାଯାଇଥିବା ଏବଂ ଦୋକାନ ଭିତରୁ ଦୁଇଟି ଗ୍ୟାସ୍ ସିଲିଣ୍ଡର ଚୋରି ହୋଇଥିବା ସେ ଦେଖିବାକୁ ପାଇଥିଲେ । ଅନ୍ୟପକ୍ଷରେ, ଗତ ୨୯.୦୭.୨୦୨୬ ତାରିଖ ରାତିରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଧଉଳି ଥାନା ପୋଲିସ ଦୁଇ ଜଣ ସନ୍ଦିଗ୍ଧ ବ୍ୟକ୍ତି ଚନ୍ଦନ ଦାସ ଏବଂ ଲିଙ୍ଗରାଜ ବାରିକଙ୍କୁ ଏକ ମୋଟରସାଇକେଲରେ ଯାଉଥିବା ଅବସ୍ଥାରେ ଅଟକାଇଥିଲା । ସେମାନଙ୍କ ପାଖରୁ ଦୁଇଟି ଗ୍ୟାସ୍ ସିଲିଣ୍ଡର ମିଳିଥିଲା, ଯାହାର କୌଣସି ସନ୍ତୋଷଜନକ ଉତ୍ତର ସେମାନେ ଦେଇପାରିନଥିଲେ । ଅଭିଯୋଗକାରୀ ଥାନାକୁ ଆସି ଏତଲା ଦେବା ସମୟରେ ଉଦ୍ଧାର ହୋଇଥିବା ଇଣ୍ଡେନ୍ ଗ୍ୟାସ୍ ସିଲିଣ୍ଡରଗୁଡ଼ିକୁ ନିଜର ବୋଲି ଚିହ୍ନଟ କରିଥିଲେ । ପଚରାଉଚରା ବେଳେ ଜଣାପଡିଥିଲା ଯେ, ଉଭୟ ଅଭିଯୁକ୍ତ ନିଶାଦ୍ରବ୍ୟ ସେବନ କରିବା ପାଇଁ ଟଙ୍କା ଯୋଗାଡ଼ କରିବା ଉଦ୍ଦେଶ୍ୟରେ ରାସ୍ତା କଡ଼ରେ ଥିବା ଦୋକାନଗୁଡ଼ିକରୁ ଯୋଜନାବଦ୍ଧ ଭାବେ ଚୋରି କରିଥାନ୍ତି । ଅଭିଯୁକ୍ତ ଲିଙ୍ଗରାଜ ବାରିକଙ୍କ ନାମରେ ପୂର୍ବରୁ ଚନ୍ଦନପୁର ଥାନାରେ ଏକ ଚୋରି ମାମଲା ରହିଥିବା ଯାଞ୍ଚରୁ ଜଣାପଡିଛି । ସଂଗୃହୀତ ପ୍ରମାଣ ଆଧାରରେ ଉଭୟ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

## ମହିଳାଙ୍କୁ ବଟି ମାଗିବା ସହ ହତ୍ୟା ଧମକ, ଅଭିଯୁକ୍ତ ଧରାପଡ଼ିଲା

ଭୁବନେଶ୍ୱର(ନି.ପ୍ର): ଜଣେ ମହିଳାଙ୍କୁ ଏକ ଲକ୍ଷ ଟଙ୍କା ବଟି ମାଗିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଶିବ ସେନାପତି । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ତଦନ୍ତରୁ ଜଣାପଡ଼ିଛି ଯେ, ଆଜି ସକାଳ ପ୍ରାୟ ୮.୦୦ ଟା ସମୟରେ ଅଭିଯୋଗକାରିଣୀ ନିଜ ଗୋଦାମ ସମ୍ମୁଖରେ ଛିଡ଼ା ହୋଇଥିଲେ । ଏହି ସମୟରେ ଅଭିଯୁକ୍ତ ଶିବ ସେନାପତି ହଠାତ୍ ଆସି ତାଙ୍କୁ ଏକ ଲକ୍ଷ ଟଙ୍କା ଦାବି କରିଥିଲେ ଏବଂ ଟଙ୍କା ନଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଅଭିଯୋଗକାରିଣୀ ଡରିଯାଇ ପଛକୁ ଘୁଞ୍ଚିବା ବେଳେ ଦେଖିଥିଲେ ଯେ, ଅଭିଯୁକ୍ତ ନିଜ ଟିସାର୍ଟ ତଳେ ଏକ ଭୁଜାଲି ଏବଂ ବିଅର ବୋତଲ ଲୁଚାଇ ରଖିଥିଲେ । ସେ ପାଟି କରିବାରୁ ଏବଂ ୧୧୨କୁ ଫୋନ୍ କରିବାରୁ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ । ପରବର୍ତ୍ତୀ ସମୟରେ ବିଶ୍ୱସ୍ତ ସୂଚନା ଆଧାରରେ ଇନଫୋସିଟି ପୋଲିସ ପ୍ରଶାନ୍ତି ବିହାରସ୍ଥିତ କିଟ୍ ଲ' କଲେଜ ଖେଳପଡ଼ିଆ ନିକଟରେ ଚଢ଼ାଉ କରି ଅଭିଯୁକ୍ତ ଶିବ ସେନାପତିଙ୍କୁ କାବୁ କରିଥିଲା । ତାଙ୍କ ନିକଟରୁ ଅପରାଧରେ ବ୍ୟବହୃତ ମାରଣାସ୍ତ୍ର ଭୁଜାଲି ଜବତ କରାଯାଇଛି । ପଚରାଉଚରା ବେଳେ ଅଭିଯୁକ୍ତ ଦାଦାବଟି ମାଗିବା ଏବଂ ମାରଣାସ୍ତ୍ର ଦେଖାଇ ଧମକାଇଥିବା କଥା ସ୍ୱୀକାର କରିଛନ୍ତି । ସଂଗୃହୀତ ପ୍ରମାଣ ଆଧାରରେ ତାଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

## ଟ୍ରେନ୍‌ରୁ ଖସିପଡ଼ି ପଶ୍ଚିମବଙ୍ଗ ଯାତ୍ରୀଙ୍କ ମୃତ୍ୟୁ

ନିରାକାରପୁର(ନିପ୍ର): ଖୋରଧା ଜିଲ୍ଲା ନିରାକାରପୁର ରେଳବାଇ ଷ୍ଟେସନରେ ଏକ ଦୁଃଖଦ ଘଟଣା ଘଟିଯାଇଛି । ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ି ଜଣେ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ମୃତକଙ୍କ ପାଖରୁ ମିଳିଥିବା ଆଧାର କାର୍ଡରୁ ତାଙ୍କ ପରିଚୟ ପଶ୍ଚିମବଙ୍ଗର ପ୍ରଦୀପ ବର୍ମନ ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ, ନିରାକାରପୁର ଷ୍ଟେସନର ୧ ଓ ୨ ନମ୍ବର ପ୍ଲାଟଫର୍ମ ମଝିରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ଷ୍ଟେସନ ମାଷ୍ଟର ଖୋର୍ଦ୍ଧାରୋଡ଼ ଜିଆରପିକୁ ଜଣାଇଥିଲେ । ଖବର ପାଇ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ୪୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପୋଲିସ ମୃତକଙ୍କ ନିକଟରୁ ମିଳିଥିବା ମୋବାଇଲ ଫୋନ୍ ସାହାଯ୍ୟରେ କିଛି ନମ୍ବରକୁ କଲ୍ କରି ତାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା ଚଳାଇଛି । ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଜିଆରପି ଅଧିକାରୀ ଦିଲ୍ଲୀପ କୁମାର ସାହୁ ଜଣାଇଛନ୍ତି ।

## ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

ପିପିଲି(ନିପ୍ର): ପୁରୀ ପୋଲିସର ଦକ୍ଷ ତଦନ୍ତ, ସଠିକ୍ ପ୍ରମାଣ ସଂଗ୍ରହ ଓ କାର୍ଯ୍ୟକାରୀ ଆଇନଗତ ପଦକ୍ଷେପ ଫଳରେ ପିପିଲି ଥାନା କେସ୍ ନଂ. ୨୬୯/୨୦୨୫ରେ ଗୁରୁବାର ଅତିରିକ୍ତ ସେସନ୍ସ ଜଜ୍, ପୁରୀ ଦୋଷୀ ରାକେଶ ମହାରଣା (୩୧)ଙ୍କୁ ପୋକ୍ସୋ ଆଇନର ଧାରା-୧୦ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି । ମାନ୍ୟବର ଅଦାଲତ ଦୋଷୀଙ୍କୁ ୫ (ପାଞ୍ଚ) ବର୍ଷ ସଶ୍ରମ କାରାଦଣ୍ଡ ସହ ୫,୦୦୦ ଜରିମାନା ଆଦାୟ କରିବାକୁ ଆଦେଶ ଦେଇଛନ୍ତି । ଜରିମାନା ଅନାଦାୟ କ୍ଷେତ୍ରରେ ଅତିରିକ୍ତ ୧୫ ଦିନର କାରାଦଣ୍ଡ ଭୋଗ କରିବାକୁ ନିର୍ଦ୍ଦେଶ ରହିଛି । ଏହି ମାମଲାର ତଦନ୍ତକାରୀ ତତ୍କାଳୀନ ପିପିଲି ଥାନା ଅଧିକାରୀ ଦୀପକ କୁମାର ନାୟକଙ୍କ ନିଷ୍ଠାପୂର୍ଣ୍ଣ ତଦନ୍ତ, ସାକ୍ଷ୍ୟ ପ୍ରମାଣର ସଠିକ୍ ଉପସ୍ଥାପନ ଏବଂ ସରକାରୀ ଅଭିଯୋଜକଙ୍କ ଦକ୍ଷ ପରିଚାଳନା ଫଳରେ ଏହି ଦୋଷୀ ସାବ୍ୟସ୍ତ ସମ୍ଭବ ହୋଇପାରିଛି । ପୁରୀ ଏସପି ପ୍ରତୀକ ସିଂଙ୍କ ନେତୃତ୍ୱରେ ପୁରୀ ପୋଲିସର ସମନ୍ୱିତ ଟିମ୍‌ୱର୍କ, ଦ୍ରୁତ ଓ ଗୁଣାତ୍ମକ ତଦନ୍ତ ମାଧ୍ୟମରେ ଏହି ସଫଳତା ହାସଲ ହୋଇଛି । ଶିଶୁଙ୍କ ବିରୋଧରେ ଅପରାଧ ପ୍ରତି ପୁରୀ ପୋଲିସ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ଆଗାମୀ ଦିନରେ ମଧ୍ୟ ଦୃଢ଼ତାର ସହ କାର୍ଯ୍ୟ କରିବ ବୋଲି ପୁରୀ ଏସପି ପ୍ରକାଶ କରିଛନ୍ତି ।

## ସୋନପୁର ସାଗରପାଲିରେ ହତ୍ୟାକାଣ୍ଡ: ୬ ଗିରଫ



ସୋନପୁର(ନିପ୍ର): ସ୍ଥାନୀୟ ସୋନପୁର ଥାନା ଅଧୀନସ୍ଥ ସାଗରପାଲି ଗ୍ରାମରେ ଘଟିଥିବା ପ୍ରମୋଦ ମେହେର (୩୦) ହତ୍ୟା ମାମଲାରେ ପୋଲିସକୁ ବଡ଼ ସଫଳତା ମିଳିଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ୬ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ପୂର୍ବ ଶତ୍ରୁତା ଏବଂ ନିକଟରେ ଶେଷ ହୋଇଥିବା ବାହୁଡ଼ା ଯାତ୍ରା ସମୟରେ ହୋଇଥିବା ଏକ ବିବାଦ ହିଁ ଏହି ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି । ସୂଚନା ଅନୁଯାୟୀ, ମୃତକ ପ୍ରମୋଦଙ୍କ ନିଜ ଘର ତରଭା ଥାନା ଅନ୍ତର୍ଗତ ମେଣ୍ଡା ଗ୍ରାମରେ । ତେବେ ସେ ଗତ ଏକ ବର୍ଷ ଧରି ସାଗରପାଲିରେ ନିଜ ପରିବାର ସହ ରହି ଏକ ଓଲଡିଂ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ । ସାଗରପାଲିର ପୁରନ୍ଦର ମେହେରଙ୍କ ସହ ତାଙ୍କର ପୂର୍ବରୁ ତିକ୍ତତା ଲାଗି ରହିଥିଲା । ଗତ ବାହୁଡ଼ା ଯାତ୍ରା ସମୟରେ ରଥ ଟାଣିବା ଘଟଣାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ତୀବ୍ର ରୂପ ନେଇଥିଲା । ଏହି ସମସ୍ୟାର ସମାଧାନ ପାଇଁ ଗାଁରେ ଏକ ବୈଠକ ମଧ୍ୟ ବସିଥିଲା, କିନ୍ତୁ ବିବାଦ ଥମି ନଥିଲା । ଏହି ଶତ୍ରୁତାକୁ କେନ୍ଦ୍ର କରି ରବିବାର ରାତିରେ ପ୍ରମୋଦଙ୍କୁ ହତ୍ୟା କରାଯାଇଥିବା ନେଇ ପୋଲିସ ସନ୍ଦେହ କରୁଛି । ସୋମବାର ସକାଳେ ଖମେଶ୍ୱରୀପାଲି-ବିଶିମୁଣ୍ଡା ରାସ୍ତାର ଡୁଙ୍ଗୁରିପାଲି ନିକଟରେ ଥିବା ଏକ ଅଧାଗଢ଼ା ବେସରକାରୀ ସ୍କୁଲ ଘର ପାଖରୁ ପ୍ରମୋଦଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଏହି ଘଟଣା ପରେ ପ୍ରମୋଦଙ୍କ ବଡ଼ ଭାଇ ଅଶୋକ ମେହେର ସୋନପୁର ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଥିଲେ । ଖବର ପାଇ ସୁବର୍ଣ୍ଣପୁର ଏସପି ନାରାୟଣ ନାୟକ ଏବଂ ସୋନପୁର ଆଇଆଇସି ଯାଦବ ବାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁରର ମଧ୍ୟ ସାହାଯ୍ୟ ନିଆଯାଇଥିଲା । ପୋଲିସର ତଦନ୍ତ ପରେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ସାଗରପାଲି ଗାଁର ମୋଟ ୬ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ, ପୁରନ୍ଦର ମେହେର,ସୁରେନ୍ଦ୍ର ମେହେର (ପୁରନ୍ଦରଙ୍କ ଭାଇ ତଥା ପ୍ରାଣୀ ସମ୍ପଦ ବିଭାଗର କର୍ମଚାରୀ) ଦୁତିଆ ମେହେର,ଗଣେଶ ମେହେର, ଲାଲୁ ମେହେର, ମୃତ୍ୟୁଞ୍ଜୟ ମେହେର ଘଟଣା ଦିନ ହିଁ ପୋଲିସ ହତ୍ୟାକାଣ୍ଡର ସୁରାଗ ପାଇଥିଲା ବୋଲି ସୂଚନା ମିଳିଛି । ତେବେ ବର୍ତ୍ତମାନ ପୋଲିସ ଏହି ମାମଲାର ଅଧିକ ଖୋଳତାଡ଼ ଜାରି ରଖିଥିବାରୁ ଅଧିକ ସୂଚନା ଦେବାକୁ ବାରଣ କରିଛି ।

## ପୁଲିସ ଏଏସ୍ଆଇଙ୍କୁ ୪ ବର୍ଷ କାରାଦଣ୍ଡ

କଟକ(ନିପ୍ର): ଯାଜପୁର ଜିଲ୍ଲା ଜେନାପୁର ଥାନାରେ କାମ କରିଥିବା ପୂର୍ବତନ ଏଏସ୍ଆଇ ଅମୀୟ କୁମାର ବେହେରାଙ୍କୁ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟ ଏକ ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ କରି ଜେଲ ଓ ଜରିମାନା ଦଣ୍ଡବିଧାନ କରିଛନ୍ତି । ସମ୍ପ୍ରତି ଅମୀୟ ବେହେରା କଟକ ଜିଲ୍ଲା ଆଠଗଡ଼ ଥାନାରେ କାର୍ଯ୍ୟରତ । ସେ ଜେନାପୁର ଥାନାରେ କାର୍ଯ୍ୟ କରୁଥିବା ସମୟରେ ଏକ ପ୍ରକୀର୍ଣ୍ଣ ଅଭିଯୋଗ (ମିସେଲେନିୟସ୍ ଏଲିଗେସନ୍)ର ଆପୋଷ ବୁଝାମଣା କରିବାକୁ ଅଭିଯୋଗକାରୀଙ୍କ ଠାରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ । ଏହି ମାମଲାରେ ଗୁରୁବାର କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା ୧୩(୨), ୧୩(୧)(ଡି) ଓ ୭ରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ଦଣ୍ଡାଦେଶରେ ୪ ବର୍ଷ କାରାଦଣ୍ଡ ଓ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । କୋର୍ଟଙ୍କ ରାୟ ପରେ ଉକ୍ତ ଏଏସ୍ଆଇଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ ଦିଆଯାଇଛି ।

## ଫଳ ଦୋକାନୀକୁ ଆକ୍ରମଣ ଘଟଣାରେ ଦୁଇ ଗିରଫ




ଆସିକା(ନିପ୍ର): ଆସିକା ସରକାରୀ ବସଷ୍ଟାଣ୍ଡ ପାର୍ଶ୍ୱରେ ଥିବା ଫଳ ଦୋକାନ ଭିତରେ ପଶି ଦୁର୍ବୃତ୍ତମାନେ ଦୋକାନ ଭଙ୍ଗା ରୁଜା କରିବା ସହ ଦୋକାନ ମାଲିକକୁ ମରଣାତ୍ମକ ଆକ୍ରମଣ ଘଟଣାରେ ଦୋକାନ ମାଲିକ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଆସିକା ପୋଲିସ ପକ୍ଷରୁ ଥାନା କେସ ନମ୍ବର ୪୦୦ ରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି । ପ୍ରକାଶ ଥାଉକି ଗତ ୨୭/୦୭/୨୦୨୬ରେ ଆସିକା ସରକାରୀ ବସଷ୍ଟାଣ୍ଡ ପାର୍ଶ୍ୱରେ ଥିବା ଏକ ଫଳ ଦୋକାନରେ ଆସିକା ଥାନା କରତାଳି ଗ୍ରାମର ବାଲିଆ ଜେନା (୩୨)ପିତା ସୁରେନ୍ଦ୍ର ଜେନାଙ୍କ ସହ ସନ୍ଧ୍ୟା ସମୟରେ ଦୋକାନରେ କାମ କରୁଥିବା ଯୁବକ ସହ କୌଣସି ଏକ ସାଧାରଣ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା । ୨୮/୦୭/୨୦୨୬ ତାରିଖ ଅପରାହ୍ନ ୧୨.୩୦ ସମୟରେ ଉକ୍ତ ଦୋକାନରେ ଦୋକାନ ମାଲିକ ପରମାନନ୍ଦ ପୋଲାଇ ବସିଥିବା ସମୟରେ ବାଲିଆ ଜେନା ଆସିକା ପାକଳାପଲ୍ଲୀର ରାଜେନ୍ଦ୍ର ବିଷୋୟୀ(୩୦) ପିତା ପ୍ରଭାକର ବୋଷୋୟୀ ମିଶି ଜୋର ଜବରଦସ୍ତ ଦୋକାନ ମଧ୍ୟକୁ ବିଭିନ୍ନ ମରଣାସ୍ତ୍ର ଧରି ଧସେଇ ପଶିବା ସହ ଦୋକାନ ମାଲିକ ନାମ ଧରି ନାନା ଅଶ୍ରବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଦୋକାନରୁ ସମସ୍ତ ଜିନିଷ ପତ୍ର ଫୋପାଡ଼ି ଥିଲେ । ଏଥିସହ ଦୋକାନରୁ ନଗଦ ୧୦ହଜାର ଟଙ୍କା ନେଇଯିବ ସହ ଜୀବନରୁ ମାରିଦେବା ଉଦେଶ୍ୟରେ ପରମାନନ୍ଦ ର ତଣ୍ଟି ଚିପି ଧରିଥିଲେ । ସ୍ଥାନୀୟ ଲୋକ ଘଟଣା ସ୍ଥଳରେ ରୁଣ୍ଡ ହୋଇ ୧୧୨ ନମ୍ବର କୁ କଲ କରିବା ଯୋଗୁଁ ଘଟଣା ସ୍ଥଳରୁ ଆସାମୀ ମାନେ ଖସି ପଳାଇଥିଲେ । ସ୍ଥାନୀୟ ଲୋକ ପରମାନନ୍ଦକୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଏଘଟଣା ବିଷୟରେ ପରମାନନ୍ଦ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ ଚଳାଇ ଆଜି ଦୁଇ ଅଭିଯୁକ୍ତ ଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ନଗଦ ୫୫୦୦ ଟଙ୍କା ଗୋଟିଏ ଓଡ଼ି ୩୨ଏ ୫୭୧୬ନମ୍ବର ବିଶିଷ୍ଟ ମୋଟର ସାଇକେଲ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଥାନା କେସ ନମ୍ବର ୪୦୦ ଧାରା ୧୨୬(୨)/୩୨୯(୨)/୨୯୬/୧୦୯(୧)/୩୦୯(୪)/୩୫୧(୨)୩(୫) ବିଏନଏସରେ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ଆସିକା ଥାନା ଅଧିକାରି ସୁଧୀର କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି ।

## ଜିଲ୍ଲାରେ ପୋଲିସ ଅଧିନିୟମ ୩୦ ଧାରା ଜୁଲାଇ ୩୧ରୁ ଅକ୍ଟୋବର ୨୮ ପର୍ଯ୍ୟନ୍ତ ବଳବତ୍ତର

କଟକ(ନିପ୍ର): ସବିଶେଷ ସୂଚନା ଅନୁଯାୟୀ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ଶ୍ରମିକ ସାମୁଖ୍ୟ/ ଛାତ୍ରସଂଘ ଇତ୍ୟାଦି ଏବଂ ଅନ୍ୟାନ୍ୟ ଶ୍ରେଣୀ /ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ଶୋଭାଯାତ୍ରା ଓ ସାଧାରଣସଭା ଆଦି ସର୍ବସାଧାରଣସ୍ଥାନ/ ସାହି ଏବଂ କଟକ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନମାନଙ୍କରେ ସଂଗଠିତ ହୋଇଥାଏ । ଏହି ଶୋଭାଯାତ୍ରା ଓ ସାଧାରଣସଭା ଗୁଡିକୁ ସର୍ବସାଧାରଣସ୍ଥାନରେ ନିୟନ୍ତ୍ରଣ କରିବା ନିମନ୍ତେ ପୋଲିସ ଅଧିନିୟମ ୩୦ ଅନୁଯାୟୀ ଜିଲ୍ଲାର ସମସ୍ତ ୨୧ଗୋଟି ପୋଲିସ ଥାନା ଯଥା ସାଲେପୁର, ନିଶ୍ଚିନ୍ତକୋଇଲି, ନେମାଳ, ମାହାଙ୍ଗା, ଭଦ୍ରେଶ୍ୱର, କିଶନନଗର, ନିଆଳି, ଗୋବିନ୍ଦପୁର, ଓଲଟପୁର , ଟାଙ୍ଗୀ, ଗୁରୁଡିଝାଟିଆ, ଖୁଣ୍ଟୁଣୀ, ଆଠଗଡ, ତିଗିରିଆ, ବଡମ୍ବା, ମାଣିଆବନ୍ଧ, ନରସିଂହପୁର, ଯୋଡୁମ , କାନପୁର, ବାଙ୍କୀ ଓ ବୈଦେଶ୍ୱର ପୋଲିସ ସୀମା ମଧ୍ୟରେ ଆଦେଶନାମା ଜାରି କରାଯାଇଛି । ଏଠାରେ ସୂଚୀତ କରାଯାଇପାରେ ଯେ ଜୁଲାଇ ୩୧ ଠାରୁ ଅକ୍ଟୋବର ୨୮ ମଧ୍ୟରେ ଯଦି କୌଣସି ସଂଗଠନ / ବ୍ୟକ୍ତିବିଶେଷ, ସାମୁହିକ ଭାବେ ଶୋଭାଯାତ୍ରା/ ଧାରଣା/ ଅନିୟନ୍ତ୍ରିତ ଗହଳି ସଂଗଠିତ ହେଉଥିବା ଓ ଏଥିଜନିତ ଶାନ୍ତିଭଙ୍ଗ ହେବାର ଆଶଙ୍କା ଥିଲେ ସେଥିନିମନ୍ତେ ସଂପୃକ୍ତ ଅଞ୍ଚଳ ଉପଖଣ୍ଡ ପୋଲିସ ଅଧିକାରୀ/ ପୋଲିସ ନିରୀକ୍ଷକ / ଭାରପ୍ରାପ୍ତ ଅଧିକାରୀଙ୍କ ଠାରୁ ୩୦ଧାରା ଅନୁଯାୟୀ ଅନୁମତି ପ୍ରାପ୍ତ କରିବାକୁ ହେବ ବୋଲି ଆରକ୍ଷୀ ଅଧୀକ୍ଷକ,କଟକ ଆଦେଶନାମାରେ ପ୍ରକାଶ କରିଛନ୍ତି । ବିଶେଷ ଭାବରେ ସାଧାରଣସଭା ସଂଗଠିତ କରିବା ନିମନ୍ତେ ଆବେଦନକାରୀ ସମୟ, ସ୍ଥାନ ଓ ଉଦ୍ଦେଶ୍ୟ ଏବଂ ସ୍ଥିରୀକୃତ ବକ୍ତାମାନଙ୍କ ନାମ ସୂଚୀତ କରିବାକୁ ଆଦେଶନାମାରେ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଶୋଭାଯାତ୍ରା କ୍ଷେତ୍ରରେ ଦରଖାସ୍ତ ଗୁଡିକ ଏହାର ଗନ୍ତବ୍ୟସ୍ଥଳ, ରହଣୀସ୍ଥାନ, ସମୟ, ଅଂଶଗ୍ରହଣକାରୀଙ୍କ ଆନୁମାନିକ ସଂଖ୍ୟା, ଯଦି ଡାକବାଜି ଯନ୍ତ୍ର ଓ ସଂଗୀତ ଯନ୍ତ୍ରାଂଶର ଆବଶ୍ୟକ ଥାଏ, ତେବେ ଏହାର ସଂଖ୍ୟା ନିରୂପଣ ପୂର୍ବକ ଉଲ୍ଲେଖ କରିବା ଆବଶ୍ୟକ । ଏଥିସହ ଆବେଦନକାରୀ ଯଦି ଆତସବାଜି ପ୍ରଦର୍ଶନ କରିବାକୁ ଚାହୁଁଥାନ୍ତି ତେବେ ତାହା କେଉଁ ଶ୍ରେଣୀଭୁକ୍ତ ଏବଂ ଏହାର ନିର୍ଦ୍ଧାରିତ ସମୟ ଓ ପ୍ରଦର୍ଶନ ସ୍ଥାନ ସୂଚୀତ କରିବାର ଆବଶ୍ୟକତା ରହିଛି ବୋଲି ଆଦେଶନାମାରେ ଉଲ୍ଲେଖ କରାଯାଇଛି । ବିଜ୍ଞପ୍ତି ମୁତାବକ, ଅନୁଜ୍ଞାପତ୍ର ବା ଲାଇସେନ୍ସ ପ୍ରାପ୍ତ ନିମନ୍ତେ ପ୍ରତ୍ୟେକ ଦରଖାସ୍ତ ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ କାର୍ଯ୍ୟକ୍ରମ ସଂଗଠିତ ହେବାର ସର୍ବନିମ୍ନ ୩ଦିନ ପୂର୍ବରୁ ପହଞ୍ଚିବା ଆବଶ୍ୟକ । ଏଠାରେ ସୂଚୀତ କରାଯାଇପାରେ ଯେ, ଏହି ଆଦେଶନାମା ପୂର୍ବସୂଚୀତ ଅଞ୍ଚଳଗୁଡିକରେ ୯୦ଦିନ ପର୍ଯ୍ୟନ୍ତ ଅର୍ଥାତ ଅକ୍ଟୋବର ୨୮ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜଣାଯାଇଛି । ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଏହି ଆଦେଶନାମା ଅନୁମୋଦନ ଲାଭ କରିଛି ବୋଲି ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି ।

## ଦୁର୍ଘଟଣା ନାଁରେ ଆକ୍ରମଣ ଓ ଲୁଟ୍: ୩ ଧରାପଡ଼ିଲେ

ଭୁବନେଶ୍ୱର(ନି.ପ୍ର): ଦୁର୍ଘଟଣା ଆଳରେ ଆକ୍ରମଣ ଓ ଲୁଟ କରିବା ମାମଲାରେ କ୍ୟାପିଟାଲ ଥାନା ପୁଲିସ ୩ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନ ଜେନା, ସୌମ୍ୟରଂଜନ ପ୍ରଧାନ ଓ ସତ୍ୟନାରାୟଣ ପାଢୀ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୯.୦୭.୨୦୨୬ ତାରିଖ ଅପରାହ୍ନ ପ୍ରାୟ ୪.୩୦ ରୁ ୫.୦୦ଟା ସମୟରେ ଅଭିଯୋଗକାରୀ ବିପ୍ଲବ ନିଶଙ୍କ ସିଆରପିଛକ ସ୍ଥିତ ବଣିକ୍ କୋଚିଂ ସେଣ୍ଟରରୁ ପଢ଼ା ସାରି ନିଜ ବଜାଜ୍ ପଲସର ବାଇକରେ ଘରକୁ ଫେରୁଥିଲେ । ସେ ପାୱାର ହାଉସ୍ ଛକ ପାର ହୋଇ ଗଭର୍ଣ୍ଣର ହାଉସ୍ ଛକ ଆଡ଼କୁ ଯାଉଥିବା ସମୟରେ ସର୍କିଟ୍ ହାଉସ୍ ନିକଟରେ ତିନି ଜଣ ଅଭିଯୁକ୍ତ ଏକ ଧଳା ରଙ୍ଗର ଆକ୍ଟିଭା ସ୍କୁଟରରେ ଦ୍ରୁତ ଗତିରେ ଆସି ତାଙ୍କ ବାଇକକୁ ଧକ୍କା ଦେଇଥିଲେ, ଯାହାଫଳରେ ସେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ । ଏହାକୁ ନେଇ ଅଭିଯୁକ୍ତମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ସଂଘବଦ୍ଧ ଭାବେ ବିଧା ଓ ହେଲମେଟରେ ଆକ୍ରମଣ କରିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଅଭିଯୋଗକାରୀଙ୍କ ପକେଟରୁ ୭,୬୦୦/- ନଗଦ ଟଙ୍କା ଲୁଟି ନେଇଥିଲେ । ଏହାପରେ ସେମାନେ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଏକ ପଥରରେ ଅଭିଯୋଗକାରୀଙ୍କ ମୁଣ୍ଡକୁ ଛେଚି ରକ୍ତାକ୍ତ ଆହତ କରିଥିଲେ ଏବଂ ପଥର ମାରି ତାଙ୍କ ବାଇକକୁ ମଧ୍ୟ ଭାଙ୍ଗିରୁଜି ଦେଇଥିଲେ । ଅଭିଯୋଗକାରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହେବା ସହ ପିସିଆରକୁ ଖବର ଦେଇଥିଲେ । ପିସିଆର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିବା ସହ ତିନି ଜଣଯାକ ଅଭିଯୁକ୍ତଙ୍କୁ ସେଠାରୁ କାବୁ କରିଥିଲା । ପଚରାଉଚରା ବେଳେ ଅଭିଯୁକ୍ତମାନେ ନିଜର ଦୋଷ ସ୍ୱୀକାର କରିଛନ୍ତି । ସଂଗୃହୀତ ପ୍ରମାଣ ଆଧାରରେ ତିନି ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

■ ଓଡ଼ିଶାରେ ବନ୍ୟାର ବିଭୀଷିକା

## ରାଜ୍ୟ ସରକାରଙ୍କୁ ଦୋଷଦେଲେ ନବୀନ



ଭୁବନେଶ୍ୱର, ୩୦/୭(ନିପ୍ର): ଲଗାଣ ବର୍ଷା ଯୋଗୁଁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟର ଅଧିକାଂଶ ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ଶହ ଶହ ଗାଁ ଜଳବନ୍ଦୀ ହୋଇପଡ଼ିଛି । ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଝାରସୁଗୁଡ଼ା, ଢେଙ୍କାନାଳ ଏବଂ ସମ୍ବଲପୁର ଭଳି ପ୍ରମୁଖ ଜିଲ୍ଲାଗୁଡ଼ିକରେ ଜନଜୀବନ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି । ଅନେକ ସ୍ଥାନରେ ବନ୍ୟା ଜଳରେ ଘରଦ୍ୱାର ଭାସିଯିବା ସହ ଏକାଧିକ ନିରୀହ ଲୋକ ପ୍ରାଣ ହରାଇଥିବା ଖବର ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି । ତେବେ ଏପରି ଏକ ଜରୁରୀକାଳୀନ ପରିସ୍ଥିତିରେ ଲୋକଙ୍କ ପାଖରେ ଛିଡ଼ା ହେବା ବଦଳରେ ସରକାରୀ ଅବହେଳାକୁ ନେଇ ଏବେ ଗମ୍ଭୀର ଅଭିଯୋଗ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ରାଜ୍ୟରେ ଏଭଳି ସଙ୍କଟଜନକ ସ୍ଥିତି ଉପୁଜିଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ଶୀର୍ଷ ନେତା ଓ ସାଂସଦମାନେ ଦିଲ୍ଲୀରେ ବିଭିନ୍ନ କାର୍ଯ୍ୟକ୍ରମ ଓ ଭୋଜିଭାତରେ ବ୍ୟସ୍ତ ରହିବାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ନବୀନ । ଯେଉଁ ସମୟରେ ଜନପ୍ରତିନିଧିମାନେ ବନ୍ୟାଞ୍ଚଳରେ ଉପସ୍ଥିତ ରହି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିବା କଥା, ସେହି ସମୟରେ ସେମାନଙ୍କର ରାଜଧାନୀ ଦିଲ୍ଲୀରେ ଉପସ୍ଥିତି ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିଜ ନିର୍ବାଚନ ମଣ୍ଡଳୀର ଲୋକେ ଜଳବନ୍ଦୀ ହୋଇ ରହିଥିବା ବେଳେ ନେତାମାନଙ୍କର ଏହି ମନୋଭାବକୁ ସମ୍ବେଦନହୀନତାର ଚରମ ସୀମା ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ।

## ସୋନପୁର ପଟାଭାଡ଼ି ଛକରେ ଉତ୍ତେଜନା

**ସୋନପୁର, ୩୦/୭(ନିପ୍ର):** ସହରର ପଟାଭାଡି ଛକଠାରେ ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ଗୁରୁବାର ରାତିରେ ତୀବ୍ର ଉତ୍ତେଜନା ଦେଖାଦେଇଛି । ରାସ୍ତାରେ ହୋଇଥିବା ବଡ଼ ବଡ଼ ଗାତ ଯୋଗୁଁ ଜଣେ ବୃଦ୍ଧା ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହେବା ପରେ ଉତ୍ତ୍ୟକ୍ତ ସ୍ଥାନୀୟ ଲୋକେ ରାତି ପ୍ରାୟ ୮.୩୦ ମିନିଟ୍ ସମୟରେ ରାସ୍ତାରୋକ କରିଥିଲେ । ଖବର ପାଇ ଜିଲ୍ଲାପାଳ ଏବଂ ଏସପି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ହଟିଥିଲା । ଅଭିଯୋଗ ଅନୁଯାୟୀ, ପଟାଭାଡି ଛକ ନିକଟସ୍ଥ ରାସ୍ତାରେ ଦୀର୍ଘଦିନ ହେବ ବଡ଼ବଡ଼ ଗାତ ସୃଷ୍ଟି ହୋଇଛି । ବର୍ଷା ଦିନେ ଏହି ଗାତଗୁଡ଼ିକରେ ପାଣି ଜମି ରହୁଥିବାରୁ ରାସ୍ତାର ଅବସ୍ଥା ଜାଣିନପାରି ପ୍ରତିଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି । ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହାର ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ । ଜଣେ ବୟସ୍କା ମହିଳା ଏହି ରାସ୍ତା ଦେଇ ଯାଉଥିବା ବେଳେ ଖରାପ ରାସ୍ତା ଯୋଗୁଁ ଖସି ପଡ଼ିଥିଲେ । ତାଙ୍କ ମୁଣ୍ଡ ଫାଟିଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିଥିଲା । ଶତାଧିକ ଲୋକ ଏକାଠି ହୋଇ ରାସ୍ତା ଉପରେ ବସି ରହିଥିଲେ । ଆନ୍ଦୋଳନକାରୀମାନେ ପ୍ରଶାସନର ଅବହେଳାକୁ ତୀବ୍ର ନିନ୍ଦା କରିବା ସହ ପ୍ରଶ୍ନ କରିଥିଲେ ଯେ, 'ଆଜି କେବଳ ଜଣେ ବୃଦ୍ଧାଙ୍କ ମୁଣ୍ଡ ଫାଟିଲା, ଆଗକୁ ଯେ ଏଠାରେ କୌଣସି ଜୀବନ ନ ଯିବ ବା ବଡ଼ ଧରଣର ଦୁର୍ଘଟଣା ନ ଘଟିବ, ତାହା କିଏ କହିବ ?' ରାସ୍ତାରୋକ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ତୁରନ୍ତ ସୋନପୁର ଜିଲ୍ଲାପାଳ ଏବଂ ଏସପି ଘଟଣାସ୍ଥଳରେ ପହଞ୍ଚିଥିଲେ । ଅଧିକାରୀମାନେ ଆନ୍ଦୋଳନରତ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାର ମରାମତି କରାଯିବ ବୋଲି ଉଚ୍ଚାଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

## ଶକ୍ତି ବିଭାଗ ଏବଂ ସିଏସଟିଇପି ମଧ୍ୟରେ ଏମଓୟୁ



ଭୁବନେଶ୍ୱର, ୩୦ ।୭ : ଓଡ଼ିଶାରେ ସ୍ୱଚ୍ଛ ଶକ୍ତିର ପ୍ରସାର ଏବଂ ଚାଷୀଙ୍କ ବିକାଶ ପାଇଁ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଏବଂ ନୀତି ଗବେଷଣା ସଂସ୍ଥା 'ଉଝଞ୍ଚରଚ' ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ୫ ବର୍ଷିଆ ସହଭାଗିତା ମାଧ୍ୟମରେ ସଠିକ୍ ତଥ୍ୟ, ଆଧୁନିକ ଡିଜିଟାଲ୍ ବ୍ୟବସ୍ଥା ଏବଂ ଚାଷୀ-କେନ୍ଦ୍ରିକ ଯୋଜନା ବ୍ୟବହାର କରି ରାଜ୍ୟର ଶକ୍ତି କ୍ଷେତ୍ରରେ ଅଭିବୃଦ୍ଧି କରାଯିବ । ଏହି ବୁଝାମଣା ଅଧୀନରେ 'ଝଇଉଇଜଓ' ମଡେଲ ଜରିଆରେ ଏକ ସ୍ୱତନ୍ତ୍ର ଡିଜିଟାଲ୍ ମଡେଲ୍ ଓ ଡ୍ୟାସବୋର୍ଡ ପ୍ରସ୍ତୁତ କରାଯିବ । ଏହା ସରକାରୀ ବିଭାଗଗୁଡ଼ିକୁ ଭବିଷ୍ୟତ ପାଇଁ ସଠିକ୍ ବିଦ୍ୟୁତ୍ ଯୋଜନା ଓ ନୀତି ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ ।

## ସ୍କୁଲଛାତ୍ରୀ ମୃତ୍ୟୁ ଘଟଣା: ତଦନ୍ତ ପାଇଁ ଗଠନ ହେଲା ୭ ଜଣିଆ ଟିମ୍

ଭୁବନେଶ୍ୱର, ୩୦/୭(ନିପ୍ର): ରାଜଧାନୀ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଘରୋଇ ସ୍କୁଲରେ ଜଣେ ୭ ବର୍ଷର ନିରୀହ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଏବେ ସାରା ସହରରେ ଚାଞ୍ଚଲ୍ୟ ଖେଳିଯାଇଛି । କାହା ଭୁଲ୍ ପାଇଁ ଏହି କୋମଳମତି ଶିଶୁର ଜୀବନଗଲା ଏବଂ କିଭଳି ସ୍ଥିତିରେ ଛାତ୍ରୀଙ୍କ ମୃତ୍ୟୁ ହେଲା, ସେ ନେଇ ଏବେ ପୁଲିସ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି । ଗତ ବୁଧବାର ଦିନ ଛାତ୍ରୀ ଜଣକ ସବୁଦିନ ଭଳି ବହି ବସ୍ତାନି ଧରି ଖୁସିରେ ସ୍କୁଲ୍ ଯାଇଥିଲେ । ମାତ୍ର ମଧ୍ୟାହ୍ନରୁ ସେ ହଠାତ୍ ନିଖୋଜ ହୋଇଯାଇଥିବା ବେଳେ ବହୁ ଖୋଜାଖୋଜି ପରେ ସଂଧ୍ୟାରେ ରିଜର୍ଭ କଲୋନି ପରିସରରେ ଥିବା ଏକ କୁଣ୍ଡ ମଧ୍ୟରୁ ତାଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା । ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାକୁ ନେଇ ପରିବାର ଲୋକେ ଗୁରୁତର ଅଭିଯୋଗ ଆଣିବା ସହ ଖାରବେଳ ନଗର ଥାନାରେ ଏତଲା ଦେଇଛନ୍ତି । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଦିଲ୍ଲୀ ସ୍ଥିତ ହେଡ୍ ?କ୍ୱାର୍ଟର୍ସରୁ ବିଦ୍ୟାଳୟର ପ୍ରିନ୍ସିପାଲଙ୍କୁ ସବିଶେଷ ତଥ୍ୟ ଦେବା ପାଇଁ ଚିଠି ଲେଖାଯାଇଛି । ଏଥିସହିତ ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଏକ ୭ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଛି ।



ଇଣ୍ଡିଆନ ଆଇଡଲ-୧୬ ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ସମ୍ମାନିତ କଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ (ଫଟୋ- ଦିନଲିପି)

■ କେନ୍ଦ୍ରାପଡ଼ା ପୌରପାଳିକାରେ ବିବାଦ

## ପୌରନିର୍ବାହୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ

କେନ୍ଦ୍ରାପଡ଼ା, ୩୦/୭(ନିପ୍ର): କେନ୍ଦ୍ରାପଡ଼ା ପୌରପାଳିକାରେ ପୌର ନିର୍ବାହୀ ଅଧିକାରୀ ଓ ଭାଇସ୍ ଚେୟାରମ୍ୟାନଙ୍କ ମଧ୍ୟରେ ବିବାଦ ଦେଖାଦେଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ପୌରପାଳିକାର ଭାଇସ୍ ଚେୟାରମ୍ୟାନ ଆକବରୀ ଖାତୁନ ପୌର ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଦୁର୍ବ୍ୟବହାର କରାଯିବା ସହ ପୌରପାଳିକାର ବିଭିନ୍ନ କାର୍ଯ୍ୟ ଓ ନିଷ୍ପତ୍ତି ସମ୍ପର୍କରେ ତାଙ୍କୁ ଆବଶ୍ୟକ ସୂଚନା ଦିଆଯାଉନଥିବା ନେଇ ଅଭିଯୋଗ କରିଛନ୍ତି । ଭାଇସ୍ ଚେୟାରମ୍ୟାନ ଆକବରୀ ଖାତୁନଙ୍କ ଅଭିଯୋଗ ଅନୁଯାୟୀ, ସେ ପୌରପାଳିକାର ଲାଇଟ୍ ବୋର୍ଡ ଓ ସାନିଟାରୀ ବୋର୍ଡର ଚେୟାରମ୍ୟାନ ଭାବେ ଦାୟିତ୍ୱରେ ରହିଛନ୍ତି । ତେବେ ଏହି ବୋର୍ଡଗୁଡ଼ିକ ସମ୍ପର୍କିତ ବିଭିନ୍ନ କାର୍ଯ୍ୟ, ନିଷ୍ପତ୍ତି ଓ ଅନ୍ୟାନ୍ୟ ପୌର କାର୍ଯ୍ୟକଳାପ ସମ୍ପର୍କରେ ତାଙ୍କୁ ଆବଶ୍ୟକ ସୂଚନା ଦିଆଯାଉନଥିବା ସେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ, ନିଜର ୧୪ ନମ୍ବର ୱାର୍ଡରେ ହୋଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଭାଇସ୍ ଚେୟାରମ୍ୟାନ ପ୍ରଶ୍ନ ଉଠାଇଛନ୍ତି । ଉକ୍ତ କାର୍ଯ୍ୟଗୁଡ଼ିକରେ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ସେ ପୌର ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବା କହିଛନ୍ତି ।

## ବିହାର ସରକାରଙ୍କୁ ସୁପ୍ରିମକୋର୍ଟ କଲେ ପ୍ରଶ୍ନ

ନୂଆଦିଲ୍ଲୀ, ୩୦/୭ : କୌଣସି ଗୃହର ସଦସ୍ୟ ନହୋଇ ଜଣେ ବ୍ୟକ୍ତି ୬ ମାସରୁ ଅଧିକ ସମୟ ପର୍ଯ୍ୟନ୍ତ ମନ୍ତ୍ରୀ ପଦରେ ରହିପାରିବେ କି ନାହିଁ, ସେଭଳି ଏକ ଜଟିଳ ସାମ୍ବିଧାନିକ ପ୍ରଶ୍ନର ଶୁଣାଣି କରି ସୁପ୍ରିମକୋର୍ଟ ବିହାର ସରକାରଙ୍କୁ କୈଫିୟତ ମାଗିଛନ୍ତି । ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଗୁରୁବାର ଏହି ମାମଲାର ବିଚାର କରି କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ରୂପେ ଏକ ଆଇନଗତ ପ୍ରଶ୍ନ ଅଟେ । ବିନା ନିର୍ବାଚନରେ ଜଣେ ମନ୍ତ୍ରୀ କିଭଳି ୬ ମାସରୁ ଅଧିକ ସମୟ ଧରି ପଦବିରେ ରହିଛନ୍ତି, ତାହା ରାଜ୍ୟ ସରକାରଙ୍କୁ ସ୍ପଷ୍ଟ କରିବାକୁ ହେବ । ଅଦାଲତ ଏହି ସମ୍ବେଦନଶୀଳ ମାମଲାର ଚୂଡ଼ାନ୍ତ ଶୁଣାଣି ପାଇଁ ଆସନ୍ତା ଅଗଷ୍ଟ ୪ ତାରିଖ ଧାର୍ଯ୍ୟ କରିଛନ୍ତି ଏବଂ ଏଥିରେ କୌଣସି ସମୟ ବୃଦ୍ଧି କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ବିହାରର ପଞ୍ଚାୟତରାଜ ମନ୍ତ୍ରୀ ଦୀପକ ପ୍ରକାଶଙ୍କ ନିଯୁକ୍ତିର ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ସ୍ୱତନ୍ତ୍ର ପିଟିସନ ଦାୟର କରାଯାଇଛି, ଯେଉଁଥିରେ ତାଙ୍କର ମନ୍ତ୍ରୀ ପଦକୁ ସାମ୍ବିଧାନିକ ବ୍ୟବସ୍ଥାର ପ୍ରତାରଣା ବୋଲି ଅଭିଯୋଗ କରାଯାଇଛି । ମାମଲାର ବିବରଣୀ ଅନୁଯାୟୀ, ଦୀପକ ପ୍ରକାଶ ପ୍ରଥମେ ନୀତୀଶ କୁମାରଙ୍କ ସରକାରରେ ବିନା ନିର୍ବାଚନରେ ୪ ମାସ ୨୬ ଦିନ ପର୍ଯ୍ୟନ୍ତ ପଞ୍ଚାୟତରାଜ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ।

ବ୍ୟାଡମିଣ୍ଟନ୍ ଖେଳାଳିଙ୍କୁ କ୍ରୀଡ଼ା ଉପକରଣ ପ୍ରଦାନ

## ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ବ୍ୟାଡମିଣ୍ଟନ୍ କିଟ୍ ବଣ୍ଟନ



ହିନ୍ଦୋଳ, ୩୦/୭(ନିପ୍ର): ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ ପାଇଁ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ହିନ୍ଦୋଳର ବ୍ୟାଡମିଣ୍ଟନ୍ ଖେଳାଳି ମାନଙ୍କୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ଠାରେ କ୍ରୀଡ଼ା ଉପକରଣ ବଣ୍ଟନ କରାଯାଇଛି । ହିନ୍ଦୋଳର ବିଧାୟିକା ସିମାରାଣୀ ନାୟକ, ହିନ୍ଦୋଳ ଉପ-ଜିଲ୍ଲାପାଳ ପ୍ରବାସ କୁମାର ବେହୁରା, ହିନ୍ଦୋଳ ତହସିଲଦାର ଦିଲ୍ଲୀପ ସେଠୀ, ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସାରା ପ୍ରମୁଖ ଉପସ୍ଥିତ ରହି ଯୁବ କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ା ଉପକରଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଟିଏମ୍ଏମ୍‌ର କର୍ପୋରେଟ୍ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ସମେତ ଟାଟା ଷ୍ଟିଲ ମେରାମଣ୍ଡଳୀର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ । ଯୁବ ଖେଳାଳିଙ୍କ ମନୋବଳ ବୃଦ୍ଧି କରିବା ସହ ଅଧିକ ଛାତ୍ରଛାତ୍ରୀଙ୍କୁ ବ୍ୟାଡମିଣ୍ଟନ୍ ଖେଳ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଏହି କ୍ରୀଡ଼ା ଉପକରଣ ବଣ୍ଟନ କରାଯାଇଛି । ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଆଖପାଖ ଗ୍ରାମାଞ୍ଚଳରେ ଥିବା ପ୍ରତିଭାଙ୍କୁ ଚିହ୍ନଟ କରି ପ୍ରଶିକ୍ଷଣ ଦେବା ପାଇଁ ଟିଏସ୍ଏଫ୍ ନିରନ୍ତର କାର୍ଯ୍ୟ କରିଆସୁଛି । ଟାଟା ଷ୍ଟିଲ୍ ଫାଉଣ୍ଡେସନର ଭଲିବଲ୍ କୋଚିଂରେ ୧୨୦ ରୁ ଅଧିକ କିଶୋରୀଙ୍କ ସମେତ ମୋଟ ୬୬୮ ଜଣ ପ୍ରଶିକ୍ଷଣ ନେଉଛନ୍ତି । ଏହି କୋଚିଂ ସେଣ୍ଟରରୁ ପ୍ରଶିକ୍ଷଣ ଆରମ୍ଭ କରିଥିବା ଢେଙ୍କାନାଳ ଜିଲ୍ଲା ଶିବପୁର ପଞ୍ଚାୟତର ସୌମ୍ୟରଞ୍ଜନ ସାମଲ ୨୦୨୬ ଏଭିସି ବଏଜ୍ ଅଣ୍ଡର-୧୮ ଭଲିବଲ୍ ଚାମ୍ପିଅନସିପ୍‌ରେ ଭାଗ ନେଇ ଫେରିଛନ୍ତି ।

## ଭିଜିଲାନ୍ସ ହାତରେ ଧରାପଡ଼ିଲେ ବ୍ରହ୍ମଗିରି ତହସିଲର

ଭୁବନେଶ୍ୱର, ୩୦ ।୭ : ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ ପୁରୀ ଜିଲ୍ଲା ବ୍ରହ୍ମଗିରି ତହସିଲର କନିଷ୍ଠ କିରାଣୀ ( ରେକର୍ଡ କିପର ) ଓ ଡ୍ରାଇଭର । ରେକର୍ଡ କିପର ନରେନ୍ଦ୍ର ସାହୁ ଏବଂ ଡ୍ରାଇଭର ଜିତେନ୍ଦ୍ର କୁମାର ସାହୁ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଜମି ଡିର୍ମାକେସନ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ । ଏକ ଜମିର ସୀମା ଚିହ୍ନଟ (ଡିମାରକେସନ୍) ନିମନ୍ତେ ଅଭିଯୋଗକାରୀ ଗତ ଏପ୍ରିଲ ୪ ତାରିଖରେ ଅନଲାଇନ ଆବେଦନ କରିଥିଲେ । ତେବେ ନିର୍ଦ୍ଧାରିତ ସମୟ ପରେ ମଧ୍ୟ ଅଭିଯୋଗକାରୀଙ୍କ ଆବେଦନକୁ ଗ୍ରହଣ କରାଯାଇନଥିଲେ । ଏନେଇ ଅଭିଯୋଗକାରୀ ରେକର୍ଡ କିପର ନରେନ୍ଦ୍ର ସାହୁଙ୍କୁ ଭେଟିଥିଲେ ।ତେବେ ନରେନ୍ଦ୍ର ଏଥିପାଇଁ ଲାଞ୍ଚ ମାଗିଥିଲେ । ଅଭିଯୋଗକାରୀ ୮ ହଜାର ଟଙ୍କା ଦେଇଥିଲେ । ଏହା ସତ୍ତ୍ୱେ ମଧ୍ୟ ଅଭିଯୋଗକାରୀଙ୍କ ଜମି ଡିର୍ମାକେସନ କରାଯାଇ ନଥିଲା । ଏଥିପାଇଁ ନରେନ୍ଦ୍ର ପୁଣି ୨୦ହଜାର ଟଙ୍କା ମାଗିଥିଲେ ।

## ଚିଲିକା ମଝିରେ ଅଟକିଲା ଡଙ୍ଗା, ଫସିଛନ୍ତି ୪୦ ଯାତ୍ରୀ

କୃଷ୍ଣପ୍ରସାଦ,୩୦ ।୭: ଚିଲିକା ମଝିରେ ଫସି ରହିଛି ଯାତ୍ରୀ ବାହୀ ଡ଼ଙ୍ଗା । ଚିଲିକାର ମଁଏସା ଗାଁ କୁଦ ନିକଟରେ ଡଙ୍ଗାଟି ଫସି ରହିଛି । ଫଳରେ ୪୦ ଯାତ୍ରୀ ଚିଲିକା ମଝିରେ ରହିଛନ୍ତି । ସାତପଡ଼ା ଘାଟରୁ ଜହ୍ନିକୁଦା ଘାଟ ନିକଟକୁ ଯାତ୍ରୀମାନଙ୍କୁ ନେଇ ଯାଉଥିଲା ଡ଼ଙ୍ଗା । ଡଙ୍ଗାରେ ୪୦ ଜଣ ଯାତ୍ରୀ ଥିବା ବେଳେ ୨୫ଟି ବାଇକ ରହିଛି । ମଁଏସା ଗାଁ କୁଦ ନିକଟରେ ମେସିନର ଯାନ୍ତ୍ରିକ ତ୍ରୁଟି କାରଣରୁ ଚିଲିକା ମଝିରେ ଅଟକି ରହିଛି ଡଙ୍ଗା ।

## ମହାନଦୀରେ ଜଳସ୍ତର ବୃଦ୍ଧି

ଆଠଗଡ଼, ୩୦/୭(ନିପ୍ର): ମହାନଦୀରେ ବନ୍ୟା ଜଳସ୍ତର ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଏବଂ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅପରାହ୍ନ ୪ଟା ଠାରୁ ପରବର୍ତ୍ତୀ ୪୮ ଘଣ୍ଟା ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଧବଳେଶ୍ୱର ପୀଠ, ଭଟ୍ଟାରିକା ପୀଠ ଏବଂ ସିଂହନାଦ ପୀଠକୁ ସମସ୍ତ ଶ୍ରଦ୍ଧାଳୁ ଓ ପରିଦର୍ଶକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି ।

## ଇଣ୍ଡିଆନ ଆଇଡଲ ବିଜେତା ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

ଭୁବନେଶ୍ୱର, ୩୦/୭(ନିପ୍ର): ଓଡ଼ିଶାର ରାଜ୍ୟପାଳ ଡ ହରି ବାବୁ କମ୍ଭମପାଟି ବୁଧବାର ଲୋକ ଭବନରେ ଇଣ୍ଡିଆନ ଆଇଡଲ ସିଜନ ୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ସଙ୍ଗୀତ କ୍ଷେତ୍ରରେ ପ୍ରଦର୍ଶିତ ଉଲ୍ଲେଖନୀୟ ସଫଳତା ପାଇଁ ଜ୍ୟୋତିର୍ମୟୀଙ୍କୁ ରାଜ୍ୟପାଳ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ଏହି ଯୁବ ଗାୟିକାଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ପ୍ରତିଭା, ନିଷ୍ଠା ଏବଂ ଅଧ୍ୟବସାୟକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି । ଜ୍ୟୋତିର୍ମୟୀଙ୍କ ସଫଳତା ଓଡ଼ିଶାର ଗୌରବ ବଢ଼ାଇଛି ଏବଂ ଅନେକ ଯୁବପିଢ଼ିଙ୍କୁ ସ୍ୱପ୍ନ ପୂରଣ ପାଇଁ ଦୃଢ଼ ସଂକଳ୍ପ ସହିତ ଆଗେଇ ଯିବାର ପ୍ରେରଣା ପ୍ରଦାନ କରିଛି ବୋଲି ରାଜ୍ୟପାଳ କହିଛନ୍ତି । ଜ୍ୟୋତିର୍ମୟୀଙ୍କ ଏହି ସଫଳତା ଓଡ଼ିଶାର ସମୃଦ୍ଧ ସଙ୍ଗୀତ ପରମ୍ପରାକୁ ପ୍ରତିଫଳିତ କରୁଛି



ଏବଂ ଜାତୀୟସ୍ତରରେ ରାଜ୍ୟର ପ୍ରତିଭାକୁ ପରିଚିତ କରାଇଛି ବୋଲି ରାଜ୍ୟପାଳ କହିଛନ୍ତି ଓ ଜ୍ୟୋତିର୍ମୟୀ ନିଜ ସଙ୍ଗୀତ ଯାତ୍ରାରେ ଆହୁରି ଉନ୍ନତି କରିବା ସହ ଅନେକ ଆକାଂକ୍ଷୀ କଳାକାରଙ୍କୁ ପ୍ରେରଣା ପ୍ରଦାନ କରିବେ ବୋଲି ରାଜ୍ୟପାଳ ଆଶା ପୋଷଣ କରିଛନ୍ତି । ରାଜ୍ୟପାଳଙ୍କଠାରୁ ସମ୍ବର୍ଦ୍ଧିତ ହୋଇ ଜ୍ୟୋତିର୍ମୟୀ ରାଜ୍ୟପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ସ୍ୱୀକୃତି ତାଙ୍କୁ ଆହୁରି କଠିନ ପରିଶ୍ରମ କରିବାର ପ୍ରେରଣା ଦେଇଛି ଏବଂ ସେ ଅଧିକ ନିଷ୍ଠାର ସହିତ ନିଜର ସଙ୍ଗୀତ ଯାତ୍ରା ଜାରି ରଖିବେ ବୋଲି କହିଛନ୍ତି । ରାଜ୍ୟପାଳ ଜ୍ୟୋତିର୍ମୟୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଏବଂ ଆଶା ପ୍ରକାଶ କରିଛନ୍ତି ଯେ ସେ ସଙ୍ଗୀତ କ୍ଷେତ୍ରରେ ଆହୁରି ଅନେକ ସମ୍ମାନ ଆଣି ଓଡ଼ିଶାର ଗୌରବ ବର୍ଦ୍ଧନ କରିବେ । ଏହି ଅବସରରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ. ରୂପା ରୋଶନ ସାହୁ ମଧ୍ୟ ଉପସ୍ଥିତ ଥିଲେ ।

## ଗ୍ରାମାଞ୍ଚଳରୁ ପ୍ରଥମ କରି ଗ୍ରୀନ୍ କରିଡରରେ ଗଲେ ପ୍ରଭୁଦତ୍ତ

**କୃଷ୍ଣପ୍ରସାଦ, ୩୦/୭(ନିପ୍ର):** ଗ୍ରୀନ କରିଡ଼ରରେ ୮୦ କିମି ଗଲେ ପଞ୍ଚମ ଶ୍ରେଣୀ ଛାତ୍ର । ପଥର କଟା ଗ୍ରାମର ପ୍ରଭୁଦତ୍ତ ଜେନାଙ୍କୁ ସାଇକେଲ କଲା କାଳ । ସେ ପ୍ରତିଦିନ ଭଳି ସକାଳୁ ବିଦ୍ୟାଳୟ ଯାଇଥିଲେ । ସ୍କୁଲଛୁଟି ପରେ ଘରକୁ ଫେରିବା ବେଳେ ଆସୁଥିବା ସାଇକେଲରୁ ସେ ତଳେ ପଡି ଯାଇଥିଲେ । ସାଇକେଲର ହ୍ୟାଣ୍ଡେଲଟି ପ୍ରଭୁଦତ୍ତର ପେଟରେ ପଶି ପଛପାଖରେ ବାହାରି ପଡିଥିଲା ଲୋକମାନେ ସେ ଦୃଶ୍ୟ ଦେଖି ତାଜୁବ ହୋଇଯାଇଥିଲେ । ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଆସି ନିକଟ କୃଷ୍ଣପ୍ରସାଦ ଚିକିତ୍ସାଳୟ ରେ ଡାକ୍ତର ସୂର୍ଯ୍ୟକାନ୍ତ ସାମନ୍ତରାୟ ଉପଯୁକ୍ତ ପ୍ରାଥମିକ ଚିକିତ୍ସା କରି ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତୁରନ୍ତ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ଗ୍ରୀନ କରିଡର ମଧ୍ୟରେ ନିଆଯାଇଥିଲା । ଉକ୍ତ ଘଟଣା କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନ ମାନବିକତା ଦେଖାଇ ଜୀବନ ବଞ୍ଚାଇବାକୁ ଯାଇ ଗ୍ରୀନ କରିଡ଼ରରେ ନେବାପାଇଁ ଜିଲ୍ଲା ଏସ ପି ପ୍ରତୀକ ସିଂହଙ୍କ ଅନୁମତି ମାଗିଥିଲେ । ଏସପି ପ୍ରତୀକ ସିଂହ ଏବଂ ପୁରୀ ସଦର ଏସ ଡ଼ିପିଓ ମାନସ ରଞ୍ଜନ ବାରିକଙ୍କ ନିର୍ଦ୍ଦେଶ କ୍ରମେ ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନ ଗ୍ରୀନ କରିଡ଼ର ରେ ୮୦ କି ମି ରାସ୍ତା ଆହତ ପ୍ରଭୁଦତ୍ତ ଙ୍କୁ ନେଇଥିଲେ । ସେ ବର୍ତ୍ତମାନ ବ୍ରହ୍ମପୁର ଏମକେସିଜି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

# ଭାଙ୍ଗିଲା ଅସ୍ଥାୟୀ କଫର ଡ୍ୟାମ

**ବନ୍ୟାଜଳ ବୈତରଣୀରେ ପ୍ରବାହିତ, ତଳି ଅଞ୍ଚଳକୁ ସତର୍କ କଲା ପ୍ରଶାସନ**





ଯୋଡ଼ା,୩୦/୭(ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକରେ ନିର୍ମାଣଧୀନ କାନପୁର ଡ୍ୟାମରେ ଅସ୍ଥାୟୀ ମାଟି ବନ୍ଧ ବା କଫର ଡ୍ୟାମଟି ଲଗାଣ ବର୍ଷା ଫଳରେ ଧୋଇ ହୋଇଯାଇଛି । ଏହି କଫର ଡ୍ୟାମ ନିର୍ମାଣ କରାଯାଇ ମୁଖ୍ୟ ବନ୍ଧର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଚାଲିଥିଲା । ବୁଧବାର ବିଳମ୍ବିତ ରାତିରେ କଫର ଡ୍ୟାମରେ ଫାଟ ସୃଷ୍ଟି ହୋଇ ଏହା ଜଳ ଚାପ ସମ୍ଭାଳି ନ ପାରି ଭାଙ୍ଗି ଯାଇଥିଲା । ପରବର୍ତ୍ତୀ ସମୟରେ ଜଳ ଭଣ୍ଡାରରେ ଥିବା ବିପୁଳ ଜଳରାଶି କାନପୁର ଡ୍ୟାମର ୧୨ ଗୋଟି ଗେଟ୍ ଦେଇ ବୈତରଣୀ ନଦୀରେ ପ୍ରବାହିତ ହେଉଛି । ସତର୍କତା ସୂଚକ ସାଇରନ ଅନବରତ ଭାବେ ବୁଧବାର ରାତିଠାରୁ ବନ୍ୟାକୁ ଦୃଷ୍ଟିରେ ରଖି ବାଜି ଚାଲିଥିଲା । କଫର ଡ୍ୟାମ ମାଟିରେ ନିର୍ମାଣ ହୋଇ ଥିବାରୁ ଏହାକୁ ବିପଦ ସଙ୍କୁଳ ଘୋଷଣା କରିବା ସହିତ ସେଠାରେ ପୋଲିସ ମୁତୟନ କରାଯାଇଛି । ପ୍ରମୁଖ ଶାସନ ସଚିବ ସୁରେଶ କୁମାର ଗୁରୁବାର କାନପୁର ନଦୀବନ୍ଧ ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ପ୍ରମୁଖ ଶାସନ ସଚିବ , କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ବୈତରଣୀ ନଦୀରେ ନିର୍ମିତ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ବନ୍ୟାସ୍ଥିତି ସମୀକ୍ଷା କରିଥିଲେ । ଜନସାଧାରଣଙ୍କୁ କଫର ଡ୍ୟାମ ଅଞ୍ଚଳକୁ ବାରଣ କରାଯାଇଛି । ୧୨ଟି ଗେଟ୍‌ର ନିର୍ମାଣ ଗତ ୬ ମାସ ଧରି ଫେବ୍ରିକେସନ ଏବଂ ସିଭିଲ କାମ ଚାଲିଥିବା ବେଳେ ଜଳ ଭଣ୍ଡାରର ଜଳକୁ ରୋକିବା ପାଇଁ ମୁଖ୍ୟ ବନ୍ଧ ପରିସରରେ ଏହି ଅସ୍ଥାୟୀ ମାଟି ବନ୍ଧ ବା କଫର ଡ୍ୟାମଟି ନିର୍ମାଣ କରାଯାଇ ବନ୍ଧର ଅତି ଗୁରୁତ୍ୱପୂର୍ଣ୍ଣ ଡିପ୍ଲିସନ ସ୍ଲୁଇସ ନିର୍ମାଣ କାର୍ଯ୍ୟ ଚାଲିଥିଲା । ବୁଧବାର ଏହି ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ଏହାର ଢଳେଇ ଛାତ ପଡ଼ିଥିଲା । ତେଣେ ଡିପ୍ଲିସନ ସ୍ଲୁଇସ ଗେଟ୍ ସେଠାରେ ବସିବା କାର୍ଯ୍ୟ ବାକି ରହିଛି । ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମହେନ୍ଦ୍ର ବେହେରା ସୂଚନା ଦେଇ କହିଛନ୍ତି ଯେ, ବନ୍ଧରେ ପୂର୍ବରୁ ଏହି ଡିପ୍ଲିସନ ସ୍ଲୁଇସ ନିର୍ମାଣ ହୋଇନଥିଲା । ଯଦିଓ ଏହା ବନ୍ଧ ଆରମ୍ଭ ସମୟରେ ନିର୍ମାଣ ହେବା କଥା ଏବଂ ଏହି ସ୍ଲୁଇସ ଗେଟ୍ ଜରିଆରେ ଜଳ ଭଣ୍ଡାରରେ ଜଳ ଉଚ୍ଛୁଳିଲେ ଏହି ଗେଟ୍ ଜରିଆରେ ନିୟନ୍ତ୍ରଣ କରି ଗେଟରେ ଜଳ ନିଷ୍କାସନ କରାଯାଇ ପାରିଥାନ୍ତା । ବିଳମ୍ବ ସତ୍ତ୍ୱେ ମଧ୍ୟ ଏହି କାର୍ଯ୍ୟ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତେବେ ଲଗାଣ ବର୍ଷା ଫଳରେ ଅସ୍ଥାୟୀ ମାଟି ବନ୍ଧ ଧସି ଯିବାରୁ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ।

## ହିରିମୂଳ ବାହ୍ୟ ଜଗତରୁ ବିଚ୍ଛିନ୍ନ

ଚାରିପଟେ ଲହଡ଼ି ଭାଙ୍ଗୁଛି ବନ୍ୟା ଜଳ



ନିରାକାରପୁର,୩୦/୭(ନିପ୍ର): ପ୍ରବଳ ବର୍ଷା ଯୋଗୁଁ ଉପର ମୁଣ୍ଡରୁ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ଫଳରେ ଖୋର୍ଦ୍ଧା ବ୍ଲକର ବିଭିନ୍ନ ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଓରବର ସିଂହ ପଞ୍ଚାୟତର ହିରିମୂଳ ଗ୍ରାମ ଆଜି ରାତି ସୁଦ୍ଧା ରାସ୍ତା ଉପରେ ଅଣ୍ଟା ପାଣି ଯାଉଥିବାରୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି । ଆସନ୍ତାକାଲି ଏହି ରାସ୍ତାଟି ସମ୍ପୂର୍ଣ୍ଣ ବୁଡି ଯିବାର ଆଶଙ୍କା ସୃଷ୍ଟି ହୋଇଛି ।ଏହି ପଞ୍ଚାୟତର ଡିହଖୋଲା, ଓରବରସିଂହ, କୃଷ୍ଣପୁର, ଲେଖନପୁର, ରାୟପୁର, ନରଣଗଡ଼ ଏବଂ ମାନପୁର, ଓରମି, ବରପୁତ୍ର, ଧବଳପୁର, କୁରୁମପଡ଼ା, ବ୍ରଜମୋହନପୁର, ଶରଧାପୁର, ଷଡ଼େଇଗଡ଼ ଆଦି ଗ୍ରାମକୁ ପାଣି ଘେରି ରହିଥିବା ବେଳେ ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇରହିଛି ।ମହାନଦୀର ବନ୍ୟା ଜଳ ଆସିବା ଫଳରେ ରାଜୁଆ ନଦୀର ଶରଧାପୁରଠାରୁ ଚଣ୍ଡୀ ବରଗଛ ନଦୀବନ୍ଧ ମୁକୁଳା ପଡ଼ିଯିବାରୁ ଏହି ଅଞ୍ଚଳରେ ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମର ଚାରିପଟେ ଥିବା ବିଲ ଗହରି ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇସାରିଛି । ଶୁକ୍ରବାର ନଦୀରେ ଆହୁରି ଜଳ ବଢ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଥିବାରୁ ସ୍ଥାନୀୟ ଲୋକେ ଓ ଚାଷୀମାନେ ପ୍ରମାଦ ଗଣୁଛନ୍ତି । ଦୀର୍ଘ ଦିନ ଏପରି ପରିସ୍ଥିତି ଲାଗି ରହିଲେ ଧାନ ଫସଲ ପଚି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ଚାଷୀ ।ଏହି ସବୁ ଅଞ୍ଚଳ ମଧ୍ୟରେ ହିରିମୂଳ ଗ୍ରାମଟି ବନ୍ୟା ଦ୍ୱାରା ସବାଧିକ ପ୍ରଭାବିତ ହୋଇଛି । ଗ୍ରାମରେ ୨୯ଟି ପରିବାରର ପ୍ରାୟ ୩୦୦ ଲୋକ ବସବାସ କରନ୍ତି । ବନ୍ୟା ପାଣି ଆସିବା ମାତ୍ରେ ଗ୍ରାମଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିବାରୁ ପ୍ରଶାସନ ତରଫରୁ ଏକ ବୋଟ୍ ଯୋଗାଇ ଦିଆଯିବା ସହ ଜଣେ ଚାଳକଙ୍କୁ ନିଯୁକ୍ତ କରାଯାଇଛି ।

**AFFIDAVIT**

By virtue of an affidavit sworn before the Executive Magistrate, Banpur, dated 30/07/2026, I Mamata Arvindbhai Lumbhani, W/O-Arvindbhai Lumbhani, At-patanasahi, Balugaon, P. O. -/P.S.- Balugaon, Dist- Khurda, Odisha, pin-752030, declare that, I have changed the name of my minor son from Lumbhani Nitin Arvindbhai to Nitin. Henceforth my son's name shall be known as Nitin for all purposes.

**Sd-Mamata Arvindbhai Lumbhani.**

**AFFIDAVIT**

By virtue of an affidavit sworn before the Executive Magistrate, Banpur, on dated, 28/07/2026, I pratima Baral, W/O-Prakash Baral, At-Godijhara, P.O.-Gambharimunda, P. S.-Nachuni, Dist-Khurda, Odisha, Pin-752035, Declare that, I have changed the name of my minor son from Pinu Baral to Somyaranjan Baral.Henceforth my son's name shall be known as Somyaranjan Baral for all purposes.

**Sd/-Pratima Baral**

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ